ବର୍ଷ-୨୫, ସଂଖ୍ୟା-୧୫
ଭୁବନେଶ୍ୱର
୧୫, ଜାନୁଆରୀ, ୨୦୨୫ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 15
Bhubaneswar
15, January, 2025 Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



୧୦୦ କୋଟିର ମାଲିକାଣୀ ସାମନ୍ଥା



## ବୈତରଣୀରେ ମକର ବୁଡ଼ ପକାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୪।୧ (ମହାଭାରତ): ପାଟଣା ଦେଇ ପ୍ରବାହିତ ହେଉଥିବା ପୁଣ୍ୟତୋୟା ବୈତରଣୀର ଅନୁସୂୟା ତୀର୍ଥ ଘାଟରେ ମକର ବୁଡ଼ ପକାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ତିନିଦିନିଆ କେନ୍ଦୁଝର ଗସ୍ତରେ ଆଜି ସକାଳେ ରାଇସୁଆଁ ସ୍ଥିତ ଏୟାରଷ୍ଟ୍ରିପରେ ପହଁଚିବା ପରେ ଜିଲ୍ଲା ପ୍ରଶାସନ ଏବଂ ସାଧାରଣ ଜନତାଙ୍କ ପକ୍ଷରୁ ଉଚ୍ଛସିତ ସ୍ୱାଗତ ସମ୍ବର୍ଦ୍ଧନା ଗ୍ରହଣ କରିବା ପରେ ମୁଖ୍ୟମନ୍ତ୍ରୀ ପାଟଣା ଗସ୍ତ କରିଥିଲେ। ବୁଡ଼ ପକାଇବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଭୁ ଆନନ୍ଦେଶ୍ୱର ମହାଦେବଙ୍କଠାରେ ଜଳଲାଗି କରିଥିଲେ ଏବଂ ଉପସ୍ଥିତ ଜନସାଧାରଣଙ୍କୁ ମକର ଶୁଭେଚ୍ଛା ଜଣାଇଥିଲେ ।

### କେନ୍ଦୁଝର ଓ ରାଜ୍ୟବାସୀଙ୍କ ସୁଖ ସମୃଦ୍ଧି ପାଇଁ କଲେ ପ୍ରାର୍ଥନା

ନିଜ ବିବୃତିରେ ଶ୍ରୀ ମାଝୀ ଆଜି ମକର ସଂକ୍ରାନ୍ତି ଭଳି ଏକ ପବିତ୍ର ଦିନରେ ପୁଣ୍ୟତୋୟା ବୈତରଣୀରେ ବୁଡ଼ ପକାଇ ମହାଦେବଙ୍କ ନିକଟରେ କେନ୍ଦୁଝର ଜିଲ୍ଲା ତଥା ସମଗ୍ର ରାଜ୍ୟ ବାସୀଙ୍କ ସୁଖ,ସମୃଦ୍ଧି ଓ ରାଜ୍ୟର ସାମଗ୍ରିକ ଉନ୍ନତି ପାଇଁ ପ୍ରାର୍ଥନା କରିଥିବା ପ୍ରକାଶ କରିଛନ୍ତି।

## ଗାଜା ଉପରେ ଇସ୍ରାଏଲର ଆକ୍ରମଣ, ୧୮ ମୃତ

ଜେରୁଜେଲମ, ୧୪।୧ : ଇସ୍ରାଏଲ-ହମାସ ମଧ୍ୟରେ ଅସ୍ତ୍ରବିରତି ଚୁକ୍ତିକୁ ନେଇ ଆଲୋଚନା ମଧ୍ୟରେ ପୁଣି ଗାଜା ଷ୍ଟ୍ରିପ୍ ଉପରେ ଆକ୍ରମଣ କରିଛି ଇସ୍ରାଏଲ। ଏଥିରେ ମହିଳା ଓ ଶିଶୁଙ୍କ ସମେତ ୧୮ ଜଣଙ୍କ ମୃତ୍ୟୁ ଘଟିଛି। ଅପରପକ୍ଷେ ୟେମେନର ଇରାନ ସମର୍ଥିତ ହୁତି ବିଦ୍ରୋହୀମାନେ ମଙ୍ଗଳବାର କେନ୍ଦ୍ରୀୟ ଇସ୍ରାଏଲ ଉପରେ କ୍ଷେପଣାସ୍ତ୍ର ଆକ୍ରମଣ କରିଛନ୍ତି। ଆକ୍ରମଣ କାରଣରୁ ସାଇରନ୍ ବାଜିଥିଲା ଏବଂ ଲୋକେ ଆତଙ୍କିତ ହୋଇ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ ତେବେ ଏଥିରେ ପ୍ରାଣହାନୀ ନେଇ କୌଣସି ଖବର ନାହିଁ।

ସ୍ୱାସ୍ଥ୍ୟ ଅଧିକାରୀମାନେ କହିଛନ୍ତି ଯେ, ଗାଜାର କେନ୍ଦ୍ରୀୟ ସହର ଡେର୍ ଅଲ୍-ବଲାହରେ ହୋଇଥିବା ଦୁଇଟି ଆକ୍ରମଣରେ ୨ ଜଣ ମହିଳା ଏବଂ ତାଙ୍କ ୪ ପିଲାଙ୍କର ମୃତ୍ୟୁ ଘଟିଛି। ଏହା ବ୍ୟତୀତ ୟୁରୋପୀୟ ହସ୍ପିଟାଲ କହିଛି ଯେ, ଦକ୍ଷିଣ ସହର ଖାନ୍ ୟୁନିସରେ ହୋଇଥିବା ଦୁଇଟି ଆକ୍ରମଣରେ ୧୨ ଜଣଙ୍କର ମୃତ୍ୟୁ ଘଟିଛି। ଅଧିକାରୀଙ୍କ କହିବାନୁସାରେ, ଇସ୍ରାଏଲ୍ ଏବଂ ହାମାସ ମଧ୍ୟରେ ଗତ ଏକ ବର୍ଷ ଧରି ଚାଲିଆସୁଥିବା ଆଲୋଚନା ଏବେ ଅନ୍ତିମ ପର୍ଯ୍ୟାୟରେ ଏବଂ ଖୁବଶୀଘ୍ର ଆକ୍ରମଣ ବନ୍ଦ ହୋଇଯିବ।

## ଝୁମ୍ପୁରାଠାରେ ସେତୁ ଉଦଘାଟିତ

### ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ କେନ୍ଦୁଝର ଷ୍ଟିଲ ପ୍ଲାଣ୍ଟ ପାଇଁ ଚୁକ୍ତି ସ୍ୱାକ୍ଷରିତ ହେବ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର/କେନ୍ଦୁଝର, ୧୪।୧ (ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଅପରାହ୍ନରେ କେନ୍ଦୁଝର ଜିଲ୍ଲା ଝୁମ୍ପୁରା ଠାରେ ଏକ ନବ ନିର୍ମିତ ସେତୁ ର ଉଦଘାଟନ କରିଛନ୍ତି।

ଏହି ଅବସରରେ ଗଣ ମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେନ୍ଦୁଝରରେ ଏକ ମେଗା ଷ୍ଟିଲ ପ୍ଲାଣ୍ଟ ପାଇଁ ଭୁବନେଶ୍ୱର ରେ ଆଗାମୀ ୨୮-୨୯ ତାରିଖରେ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ଏକ ଚୁକ୍ତି ସ୍ୱାକ୍ଷରିତ ହେବ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେନ୍ଦୁଝରର ବିକାଶକୁ ପ୍ରାଥମିକତା ଦିଆ ଯାଉଛି । ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ ଆଦି ସବୁ କ୍ଷେତ୍ରର ବିକାଶ ପାଇଁ ଉଦ୍ୟମ ଜାରି ରହିଛି।ଉଦଘାଟିତ ଏହି ସେତୁ ଟି ଝୁମ୍ପୁରା-ଉଖୁଣ୍ଡା ରାସ୍ତାରେ କେନାଲ ଉପରେ ନିର୍ମିତ ହୋଇଛି । ଏହା ଦ୍ୱାରା ଝୁମ୍ପୁରା ଓ ଶ୍ରୀ ରାମପୁର ଗ୍ରାମ ଯୋଡ଼ି ହୋଇ ଯୋଗାଯୋଗର ସୁବିଧା ହୋଇ ପାରିଛି। ଏହା ଦ୍ୱାରା ନିକଟବର୍ତ୍ତୀ ଅଂଚଳର ଲୋକଙ୍କ ସହିତ ଦୈନିକ ୫ ହଜାର ରୁ ୧୦ ହଜାର ଲୋକ ଉପକୃତ ହେବେ। ଏହି ସେତୁର ଦୈର୍ଘ୍ୟ ୬୭ ମିଟର ଓ ଆପ୍ରୋଚ୍ ରୋଡ ୧୭୫ ମିଟର।

## ପ୍ରବଳ ଜାଡ଼ : ବୁଡ଼ ପକାଇବା ପରେ ୩ ମୃତ, ୩ ହଜାର ଅସୁସ୍ଥ

ପ୍ରୟାଗରାଜ, ୧୪।୧: ୨୦୨୫ରେ ମକର ସଂକ୍ରାନ୍ତି ପବିତ୍ର ଅବସରରେ ସନ୍ଧ୍ୟା ସାଢ଼େ ୫ଟା ସୁଦ୍ଧା ମହାକୁମ୍ଭ ୨୦୨୫ ରେ ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ସଙ୍ଗମସ୍ଥଳରେ ପ୍ରଥମ ଅମୃତ ସ୍ନାନରେ ୩.୫ କୋଟିରୁ ଅଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟାଥ ନିଜ ସୋସିଆଲ ମିଡିଆ। ପୋଷ୍ଟ ଜରିଆରେ ଏହି କାର୍ଯ୍ୟକ୍ରମକୁ ଆସ୍ଥା, ଏକତା ଏବଂ ସାଂସ୍କୃତିକ ବିବିଧତାର ପ୍ରତୀକ ବୋଲି

### ସାଢେ ୩ କୋଟିରୁ ଉର୍ଦ୍ଧ ଶ୍ରଦ୍ଧାଳୁଙ୍କ ସ୍ନାନ



ଦର୍ଶାଇ ଏହି ସୂଚନା ଦେଇଛନ୍ତି। ତେବେ ଚଳିତଥର ଏଥିରେ କୋଟି କୋଟି ଲୋକ ଉତ୍ସାହର ସହ ଅଂଶଗ୍ରହଣ କରୁଥିବାବେଳେ ମହାକୁମ୍ଭରେ ପ୍ରବଳ ଥଣ୍ଡା ହେବାର ଦେଖାଯାଇଛି। ଆଜି ଥିଲା ପ୍ରଥମ ଶାହିସ୍ନାନ, ଯାହାକୁ ଅମୃତ ସ୍ନାନ ଏହି ସ୍ନାନ ପରେ ୩ ଜଣଙ୍କର ମତ୍ୟୁ ହୋଇଥିବାବେଳେ ଆହୁରି ୩ ହଜାର ଲୋକ ଅସୁସ୍ଥ ହୋଇପଡିଥିଲେ।

ଯେତେବେଳେ ଶରଦ ପାରଙ୍କ ଦଳର ନେତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡି ଯାଇଥିଲା, ସେତେବେଳେ ତାଙ୍କ ସାଙ୍ଗମାନେ ସକାଳ ୮.୩୦ରେ ତାଙ୍କୁ ଉପ-ସେଣ୍ଟ୍ରାଲ ହସ୍ପିଟାଲ, ଝୁନ୍ସି ନେଇଥିଲେ, ଯେଉଁଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହା ସହିତ କୋଟା ରାଜସ୍ଥାନର ଅନ୍ୟ ଜଣେ ସୁଦର୍ଶନ ସିଂଙ୍କର ମଧ୍ୟ ମୃତ୍ୟୁ ଘଟିଛି ସୁଦର୍ଶନ ସିଂ ମଧ୍ୟ ତାଙ୍କ ସାଙ୍ଗମାନଙ୍କ ସହିତ ମହାକୁମ୍ଭରେ ବୁଡ଼ ପକାଇବାକୁ ଆସିଥିଲେ ବୁଡ଼ ପକାଇବା ପରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେବାରୁ ତାଙ୍କ ସାଙ୍ଗମାନେ ତାଙ୍କୁ ଝୁନ୍ସି ଉପ-ସେଣ୍ଟ୍ରାଲ ହସ୍ପିଟାଲକୁ ନେଇଥିଲେ ହୃଦ୍‌ଘାତ ହେତୁ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ପୋଷ୍ଟ ମର୍ଟମ ରିପୋର୍ଟ ଆସିବା ପରେ ହିଁ ମତ୍ୟୁୟୁର ପ୍ରକୃତ କାରଣ ଜଣାପଡିବ ।ଏହା ବ୍ୟତୀତ ୮୫ ବର୍ଷିୟ ଅର୍ଜୁନ ଗିରିଙ୍କୁ ହୃଦଘାତରେ ପୀଡିତ ହେବା ପରେ ଡାକ୍ତରଖାନା ନିଆଯାଉଥିଲା, ସେ ରାସ୍ତାରେ ମୃତ୍ୟୁବରଣ କରିଥିଲେ।

ସୂଚନା ଦେଇ ସେଣ୍ଟ୍ରାଲ ହସ୍ପିଟାଲର ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ମନୋଜ କୌଶିକ କହିଛନ୍ତି, ଜାନୁୟାରୀ ୧୩, ୨୦୨୫ରେ ୩ହଜାରରୁ ଅଧିକ ଲୋକ ଚିକିତ୍ସା ପାଇଁ ଓପିଡିରେ ପହଞ୍ଚିଥିଲେ ।ଏଥିମଧ୍ୟରୁ ୨୬୨ ରୋଗୀଙ୍କୁ ୩୭ ରୋଗୀଙ୍କ ଗୁରୁତର ଅବସ୍ଥାକୁ ଦୃଷ୍ଟିରେ ରଖି ଅନ୍ୟ ଡାକ୍ତରଖାନାକୁ ପଠାଯାଇଥିଲା ଏହି ଲୋକଙ୍କୁ ମେଳ ଅଞ୍ଚଳର ଝୁନ୍ସି ଏବଂ ଆରେଲ ଡାକ୍ତରଖାନାରୁ ଏସ୍‌ଆରଏନ ରେଫର୍ କରାଯାଇଛି।

ସେ ଆହୁରି ମଧ୍ୟ ସୂଚନା ଦେଇଛନ୍ତି, ୬୫୦ ରୋଗୀଙ୍କୁ ପରୀକ୍ଷା କରାଯାଇଛି ।ରାତି ୮ଟା ପର୍ଯ୍ୟନ୍ତ ୨୦ ଜଣ ରୋଗୀଙ୍କୁ କେନ୍ଦ୍ରୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏଥିରେ କିଛି ଭକ୍ତ ଏବଂ ଅଗ୍ନିଶମ ବିଭାଗର କିଛି କର୍ମଚାରୀ ସାମିଲ ହୋଇଥିଲେ ମେଳା ଅଞ୍ଚଳରୁ ସେଣ୍ଟ୍ରାଲ୍ ହସ୍ପିଟାଲ୍ ଏବଂ ଏସ୍‌ଆରଏନ ହସ୍ପିଟାଲ୍ ପର୍ଯ୍ୟନ୍ତ ଆମ୍ବୁଲାନ୍ସର ସକାଳରୁ ରାତି ପର୍ଯ୍ୟନ୍ତ ଜାରି ରହିଥିଲା।

ଏହି କାର୍ଯ୍ୟକ୍ରମରେ କେବଳ ଭାରତୀୟ ଶ୍ରଦ୍ଧାଳୁ ନୁହଁନ୍ତି ବରଂ ଆମେରିକା, ଫ୍ରାନ୍ସ, ଇସ୍ରାଏଲ, ଇରାନ ଏବଂ ପର୍ତ୍ତୁଗାଲ ଭଳି ଦେଶର ଅନ୍ତର୍ଜାତୀୟ ଅଂଶଗ୍ରହଣକାରୀମାନେ ମଧ୍ୟ ଆକର୍ଷିତ ହୋଇଥିଲେ, ଯେଉଁମାନେ ଭାରତୀୟ ସଂସ୍କୃତି ଏବଂ ଆଧାତ୍ମିକତା ଦ୍ୱାରା ଗଭୀର ଭାବରେ ପ୍ରଭାବିତ ହୋଇଥିଲେ । ଉପସ୍ଥିତ ଲୋକଙ୍କ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ପୁଲିସ, ଅର୍ଦ୍ଧସାମରିକ ବାହିନୀ ଓ ସ୍ଥାନୀୟ ସୁରକ୍ଷା କର୍ମୀଙ୍କୁ ମିଶାଇ ୫୦,୦୦୦ରୁ ଅଧିକ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି ।

## ମାଟ୍ରିକ ପ୍ରଶ୍ନପତ୍ରରେ ବାର କୋର୍ଡ ବ୍ୟବସ୍ଥା

କଟକ, ୧୪।୧ (ମହାଭାରତ): ବିଗତ କିଛି ବର୍ଷ ହେଲା ମାଟ୍ରିକ୍ ପରୀକ୍ଷାରେ ବିଭ୍ରାଟ ହେଉଥିବା ନେଇ ଖବର ଆସୁଛି। ଏହା ଦ୍ୱାରା ଭଲ ଶିକ୍ଷକ, ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ନିରାଶ ହେବାକୁ ପଡୁଛି। ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷା-୨୦୨୫ର ପ୍ରଶ୍ନପତ୍ର ଭାଇରାଲ୍ ରୋକିବାକୁ ମାଧ୍ୟମିକ ଶିକ୍ଷା ବୋର୍ଡ ବଡ଼ ପଦକ୍ଷେପ ନେଇଛି।



ବୋର୍ଡ ପକ୍ଷରୁ କୁହାଯାଇଛି ଯେ, ଚଳିତ ଥର ଦଶମ ଶ୍ରେଣୀର ବୋର୍ଡ ପରୀକ୍ଷା ପାଇଁ ପ୍ରଶ୍ନପତ୍ର ନମ୍ବରିଂ ବ୍ୟବସ୍ଥା କରାଯିବ। ପ୍ରଶ୍ନପତ୍ରକୁ ନମ୍ବରିଂ କରାଯିବା ସହ ଏଥିରେ ୱାଟର ମାର୍କ ଲାଗିବ। ବାର୍ କୋର୍ଡ ସହ ସିକ୍ୟୁରିଟି କୋର୍ଡ ମଧ୍ୟ ରହିବ। ଫଳରେ ପ୍ରଶ୍ନପତ୍ର ଭାଇରାଲ୍ ହେଲେ, କେଉଁଠୁ ହୋଇଛି ତାହା ଜଣାପଡ଼ିବ। ଏନେଇ ବୋର୍ଡ କାର୍ଯ୍ୟାଳୟ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି।

ମାଧ୍ୟମିକ ଶିକ୍ଷା ବୋର୍ଡ (ବିଏସ୍‌ଇ) ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା-୨୦୨୫ ଆସନ୍ତା ଫେବୃଆରି ୨୧ ତାରିଖ ଠାରୁ ଆରମ୍ଭ ହେବ। ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ କ୍ୟାରିୟରର ଏହି ସ୍ମରଣୀୟ ପରୀକ୍ଷା ମାର୍ଚ୍ଚ ୬ ତାରିଖ ଯାଏଁ ଜାରି ରହିବ। ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ଏହି ସୂଚନା ଦିଆଯାଇଛି ପ୍ରଥମ ଦିନରେ ମାତୃଭାଷା ଓଡ଼ିଆ ହେବ। ୨୪ ତାରିଖରେ ଇଂରାଜୀ, ୨୭ ତାରିଖରେ ଗଣିତ, ମାର୍ଚ୍ଚ ୧ରେ ବିଜ୍ଞାନ, ମାର୍ଚ୍ଚ ୩ରେ ସାମାଜିକ ବିଜ୍ଞାନ, ମାର୍ଚ୍ଚ ୬ରେ ତୃତୀୟ ଭାଷା ହିନ୍ଦୀ/ସଂସ୍କୃତ ପରୀକ୍ଷା ହେବ ପରୀକ୍ଷାର ସମୟ ସକାଳ ୯ରୁ ପୂର୍ବାହ୍ନ ୧୧ଟା ୩୦ ଯାଏଁ ରହିଛି ପରୀକ୍ଷାର୍ଥୀଙ୍କୁ ଗଣିତ ପାଇଁ ଅତିରିକ୍ତ ୧୫ ମିନିଟ ସମୟ ମିଳିବ।

## ଖଣ୍ଡଗିରି ଯାତ୍ରା ମଂଚରେ ହେବନି ଅଶ୍ଳୀଳ ନୃତ୍ୟ

ଭୁବନେଶ୍ୱର, ୧୪।୧ (ମହାଭାରତ): ଚଳିତ ଥର ଖଣ୍ଡଗିରି ଯାତ୍ରା ମଂଚରେ ଅଶ୍ଳୀଳ ନୃତ୍ୟ ହେବ ନାହିଁ । ଏଭଳି ଅଶ୍ଳୀଳ ନୃତ୍ୟ କରୁଥିବା ନୃତ୍ୟାଙ୍ଗନା ମାନେ ମଂଚରେ ଚଢ଼ିବେନି । ଆଜି ପୁଲିସ ପ୍ରଶାସନ ଓ ଯାତ୍ରା କମିଟି ବୈଠକରେ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଛି ।ଉଲ୍ଲେଖନୀୟ ଯେ, ମାଘ ସପ୍ତମୀରୁ ଯାତ୍ରା ମହାକୁମ୍ଭ ଆରମ୍ଭ ହେବାକୁ ଯାଉଛି । ରାଜଧାନୀ ଭୁବନେଶ୍ୱରର ଖଣ୍ଡଗିରି ପାଦଦେଶ ରଙ୍ଗୀନ ଆଲୋକ ମାଳାରେ ଝଲସିବ । ଆଜି ଖଣ୍ଡଗିରି ଥାନା ପରିସରରେ ବସିଥିବା ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ଯାତ୍ରା ଜଗତକୁ କଳଙ୍କିତ କରୁଥିଲେ କିଛି ନୃତ୍ୟଶିଳ୍ପୀ। ସେମାନଙ୍କୁ ଏଥର ମଂଚରେ ଡ୍ୟାନ୍ସ କରିବାକୁ ସୁଯୋଗ ଦିଆଯିବ ନାହିଁ। ଶୃଙ୍ଖଳିତ ଯାତ୍ରା ପାଇଁ ସ୍ୱେଚ୍ଛାସେବୀ ନିୟୋଜିତ କରିବା ଭଳି ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି। ଏଥର ଖଣ୍ଡଗିରି ଯାତ୍ରା ମହାକୁମ୍ଭରେ ୧୨ଟି ଯାତ୍ରା ପାର୍ଟିଭାଗ ନେବେ ବୋଲି ଜଣା ପଡିଛି ।

## ଧାନ କିଣା ତଦାରଖ ପାଇଁ ପ୍ରତି ମଣ୍ଡିରେ ନିଯୁକ୍ତ ନୋଡାଲ ଅଫିସର

ଭୁବନେଶ୍ୱର, ୧୪।୧ (ମହାଭାରତ): ଚଳିତ ଖରିଫ ଋତୁରେ ରାଜ୍ୟରେ ସରକାରୀ ସ୍ତରରେ ଧାନ କିଣା ପ୍ରକ୍ରିୟା ଯାରି ରହିଛି । ଧାନ କିଣା ପ୍ରକ୍ରିୟାକୁ ସ୍ୱଚ୍ଛ ଓ ନିରପେକ୍ଷ କରିବା ପାଇଁ ରାଜ୍ୟର ପ୍ରତ୍ୟେକ ମଣ୍ଡି ଉପରେ କଡା ନଜର ରଖିବାକୁ ରାଜ୍ୟ ସରକାର କଡା ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ଉଦ୍ଦେଶ୍ୟରେ ସମ୍ପୃକ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। କୌଣସି ଯୋଗ୍ୟ ଚାଷୀ ଧାନ କିଣା ବେଳେ ସମସ୍ୟାର ସମ୍ମୁଖୀନ ନହୁଅନ୍ତି, ଏଥିପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଉଛି । ମଣ୍ଡିରେ ଚାଷୀ ମାନଙ୍କ ନିମନ୍ତେ ସୁବିଧା ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟ କରାଯାଇଛି ।

ବର୍ତ୍ତମାନ ବର୍ତ୍ତମାନ ରାଜ୍ୟର ୩୦ଟି ଜିଲ୍ଲାର ୩୯୦୩ ମଣ୍ଡି ପାଇଁ ୩୮୯୩ ଜଣ ନୋଡାଲ ଅଧିକାରୀ ନିଯୁକ୍ତ ହୋଇ ଧାନ ସଂଗ୍ରହ ପ୍ରକ୍ରିୟା ଉପରେ ନଜର ରଖିଛନ୍ତି । ଚାଷୀ ମାନଙ୍କ ସହାୟତା ପାଇଁ ପ୍ରତ୍ୟେକ ମଣ୍ଡିରେ ନୋଡାଲ ଅଧିକାରୀ ମାନେ ନିଯୁକ୍ତ ହେବା ସହ ଦୁଇରୁ ତିନୋଟି ମଣ୍ଡି ଦାୟିତ୍ୱରେ ଜଣେ ସୁପରଭାଇଜରଙ୍କୁ ନିଯୁକ୍ତ ଦିଆଯାଇଛି। ବର୍ତ୍ତମାନ ରାଜ୍ୟରେ ୧୦୩୧ ଜଣ ସୁପରଭାଇଜରଙ୍କୁ ଆବଶ୍ୟକତା ଅନୁଯାୟୀ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଯୁକ୍ତ କରାଯାଇଛି । ଏହି ଅଧିକାରୀ ମାନେ ମଣ୍ଡିକୁ ଆସୁଥିବା ପ୍ରତ୍ୟେକ ଚାଷୀଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିବା ସହ ତୁରନ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି ।

## ମିଶନ ମୌସମ ଅଭିଯାନର ଶୁଭାରମ୍ଭ

ନୂଆଦିଲ୍ଲୀ, ୧୪।୧ (ପିଆଇବି): ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ର ୧୫୦ତମ ପ୍ରତିଷ୍ଠା ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଂଶଗ୍ରହଣ କରିଛନ୍ତି । ଉତ୍ସବରେ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ସମ୍ପୃକ୍ତ ବିଭାଗର ଦେଢ ଶହତମ ଯାତ୍ରା କେବଳ ବିଭାଗର ସଫଳ ଯାତ୍ରାକୁ ବଖାଣୁନାହିଁ ବରଂ ଏହା ଭାରତୀୟ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ସଫଳ ଗାଥା ପ୍ରକାଶ କରୁଛି । ଏତେ ଦିନ ଭିତରେ ଆଇଏମଡି ଲକ୍ଷ ଲକ୍ଷ ଭାରତୀୟଙ୍କ ସେବା କରିଆସିଛି ଓ ଏହା ବିଜ୍ଞାନର ଅଗ୍ରଗତିର ଏକ ପ୍ରତୀକ। ଆଇଏମଡିର ସଫଳତା ପାଇଁ ଏହି ଅବସରରେ ଏକ କଏନ ଓ ପୋଷ୍ଟାଲ ଷ୍ଟାମ୍ପ ଉନ୍ମୋଚିତ ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି । ୨୦୪୭ରେ ଭାରତର ଶହେତମ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଇଏମଡିର ଭବିଷ୍ୟତ ରୂପରେଖ ସମ୍ପର୍କରେ ପ୍ରଧାନମନ୍ତ୍ରୀ ସୂଚନା ଦେଇଥିଲେ । ଏହି ଅବସରରେ ସାରା ଦେଶର ନାଗରିକଙ୍କୁ ପ୍ରଧାନମନ୍ତ୍ରୀ ଅଭିବାଦନ ଜଣାଇଥିଲେ।

ନିଜର ଦେଢ ଶହ ବର୍ଷର ଯାତ୍ରା ଲାଗି ଆଇଏମଡି ପକ୍ଷରୁ ଯୁବକମାନଙ୍କ ଲାଗି ଜାତୀୟ ପାଣିପାଗ ଅଲିମ୍ପିଆଡର ଆୟୋଜନ କରାଯାଇଛି । ହଜାର ହଜାର ଛାତ୍ର ଏଥିରେ ଭାଗ ନେଇ ପାଣିପାଗ ବିଜ୍ଞାନ କ୍ଷେତ୍ରରେ ଅଧିକ ମନୋନିବେଶ କରିପାରିବେ ବୋଲି ମୋଦୀ କହିଛନ୍ତି । ଉତ୍ସବ ସ୍ଥଳୀରେ ଯୋଗ ଦେଇଥିବା ଛାତ୍ରଛାତ୍ରୀଙ୍କ ସହ ପ୍ରଧାନମନ୍ତ୍ରୀ କଥା ହୋଇଥିଲେ । କାର୍ଯ୍ୟକ୍ରମରେ ଭାଗ ନେଇଥିବା ଯୁବକମାନଙ୍କୁ ସେ ସାଧୁବାଦ ଜଣାଇଥିଲେ।



ମକର ସଂକ୍ରାନ୍ତି ପାଖାପାଖି ୧୫ ଜାନୁୟାରୀ ୧୮୫୭ ମସିହାରେ ଭାରତୀୟ ପାଣିପାଗ ବିଭାଗ ସ୍ଥାପିତ ହୋଇଥିଲା। ତେବେ ଆମେ ସମସ୍ତେ ମକର ସଂକ୍ରାନ୍ତିର ଗୁରୁତ୍ୱ ସମ୍ପର୍କରେ ଊଣା ଅଧିକେ ଅବଗତ ଅଛୁ ବୋଲି ମୋଦୀ କହିଥିଲେ । ଗୁଜରାଟରୁ ଆସିଥିବା କାରଣରୁ ଏହି ମକର ସଂକ୍ରାନ୍ତି ତାଙ୍କର ପ୍ରିୟ ପର୍ବ ବୋଲି ମୋଦୀ କହିଥିଲେ । ଏହି ସଂକ୍ରାନ୍ତିରେ କାପ୍ରିକନ ସୂର୍ଯ୍ୟ ମକର ରାଶିକୁ ପ୍ରବେଶ କରି ତାଙ୍କର ଉତରାୟନ ହୋଇଥାଏ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ ।

ଉତର ଗୋଲାର୍ଦ୍ଧରେ ସୂର୍ଯ୍ୟଙ୍କ ତେଜ ବୃଦ୍ଧି କାରଣରୁ କୃଷି କାର୍ଯ୍ୟ ପାଇଁ ସଜବାଜ ଆରମ୍ଭ ହୁଏ । ସାରା ଦେଶରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ମକର ସଂକ୍ରାନ୍ତି ପାଳନ କରାଯାଇଥାଏ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଦେଶର ନାଗରିକମାନଙ୍କୁ ନିଜର ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

ଦେଶର ବିଜ୍ଞାନ ଭିତିକ ପ୍ରତିଷ୍ଠାନଗୁଡିକର ଅଗ୍ରଗତି ଏହାର ବିଜ୍ଞାନ ପ୍ରତି ରହିଥିବା ସଚେତନତାକୁ ସୂଚାଇଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ନବ ଭାରତ ପାଇଁ ବିଜ୍ଞାନ ପ୍ରତିଷ୍ଠାନଗୁଡିକରେ ହେଉଥିବା ଗବେଷଣା ଓ ଆବିଷ୍କାର ଖୁବ ଯୁଗପୋଯୋଗୀ ବୋଲି ମୋଦୀ କହିଛନ୍ତି । ଗତ କିଛି ଦଶନ୍ଧି ଭିତରେ ଆଇଏମଡିର ଭିତିଭୂମି ଓ ପ୍ରଯୁକ୍ତି ବିଦ୍ୟାରେ ଆଖିଦୃଶିଆ ଅଗ୍ରଗତି ହୋଇଛି । ପରିମାର୍ଜିତ ଡପ୍ଲରର ପାଣିପାଗ ରାଡାର, ସ୍ୱୟଂ ଚାଳିତ ପାଣିପାଗ ଷ୍ଟେସନ, ରନବେ ପାଣିପାଗ ନୀରିକ୍ଷଣ ଷ୍ଟେସନ, ଜିଲ୍ଲା ଭିତିକ ବୃଷ୍ଟିପାତ ନୀରିକ୍ଷଣ ଷ୍ଟେସନର ଅଭିବୃଦ୍ଧି ସମ୍ପୃକ୍ତ ବିଭାଗକୁ ସମୃଦ୍ଧ କରିଛି ବୋଲି ମୋଦୀ କହିଛନ୍ତି ।

## ଓଡ଼ିଆ ପିଲାମାନେ ଚାହିଁଲେ ସବୁ ସମ୍ଭବ : ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୪।୧ (ମହାଭାରତ): ଓଡ଼ିଆ ପିଲାମାନେ ଚାହିଁଲେ ସବୁ ସମ୍ଭବ । ଓଡିଆ ଲୋକଙ୍କୁ ଯେବେ ଯେବେ ସୁଯୋଗ ମିଳିଛି ସେବେ ସେ ନିଜର ଦକ୍ଷତା ଓ ପରାକାଷ୍ଠାର ପ୍ରମାଣ ଦେଖାଇଛନ୍ତି ବୋଲି ମଙ୍ଗଳବାର ନୂଆଦିଲ୍ଲୀ ଠାରେ ବିକଶିତ ଭାରତ ଯୁବ ନେତୃତ୍ୱ କାର୍ଯ୍ୟକ୍ରମ-୨୦୨୫ରେ ଅଂଶଗ୍ରହଣ କରିଥିବା ଓଡ଼ିଆ ଯୁବକଙ୍କ ସହ ଆଲୋଚନା କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।



ଶ୍ରୀ ପ୍ରଧାନ 'ମକର ସଂକ୍ରାନ୍ତି'ର ଶୁଭେଚ୍ଛା ଜଣାଇବା ସହ କହିଥିଲେ ଯେ "ବିକଶିତ ଭାରତ ଯୁବ ନେତୃତ୍ୱ ସାକ୍ଷାତକାର୍ -୨୦୨୫"ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ଓଡ଼ିଶାର ଯେଉଁମାନେ ଅଂଶଗ୍ରହଣ କରିଥିଲେ, ସେହି ସଫଳ ଯୁବବନ୍ଧୁମାନଙ୍କ ସହ ଆଜିର ଆଲୋଚନା ଉତ୍ସାହଜନକ । ଓଡ଼ିଶାକୁ ବିକଶିତ କରିବା ପାଇଁ ସମସ୍ତ ଯୁବଶକ୍ତିଙ୍କ ମଧ୍ୟରେ ଥିବା ଇଚ୍ଛାଶକ୍ତି ଓ ଏକାଗ୍ରତା ପ୍ରଶଂସନୀୟ । ଓଡ଼ିଆ ଯୁବପିଢିମାନେ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର କୁଶଳ ବିଧାଣୀ । ସବୁ ଯୁବବର୍ଗଙ୍କ ମଧ୍ୟରେ କୌଣସି ନା କୌଣସି ପ୍ରତିଭା ଲୁଚି ରହିଛି । ଏହି ପ୍ରତିଭାକୁ ଅନ୍ୱେଷଣ କରିପାରିଲେ ହିଁ ଆମର ଅନେକ ଲକ୍ଷ୍ୟ ସାକାର ହୋଇପାରିବ ।

ସେ କହିଛନ୍ତି, ଆତ୍ମବିଶ୍ୱାସ ହିଁ ମଣିଷକୁ ବଡ କରିବ । ଅତୀତ ପିଢିରୁ ବର୍ତ୍ତମାନର ପିଢି ବହୁତ ବଡ ବଡ ଚିନ୍ତା କରୁଛି । ଆମ କାନ୍ଧରେ ବର୍ତ୍ତମାନ ବିକଶିତ ଓଡ଼ିଶା, ବିକଶିତ ଭାରତର ଦାୟିତ୍ୱ ଅଛି । ଏଥିପାଇଁ ଆମକୁ କଣ୍ଟେଂଟ୍ ରାଇଟରରୁ ୱେଲଥ୍ କ୍ରିଏସନ କରିବା ପାଇଁ ମଧ୍ୟ ଆଗଭର ହେବାକୁ ପଡିବ । ନିର୍ଭରତାରୁ ଆତ୍ମନିର୍ଭରତା, ସ୍ୱାଭିମାନ ଓ ଆତ୍ମବିଶ୍ୱାସ ମାଧ୍ୟମରେ ସ୍ୱାବଲମ୍ବୀ ହେବାକୁ ପଡିବ । ନିଯୁକ୍ତି ଖୋଜିବା ପରିବର୍ତ୍ତେ ନିଯୁକ୍ତିଦାତା ହେବା ପାଇଁ କାମ କରିବାକୁ ହେବ ।

କେନ୍ଦ୍ରମନ୍ତ୍ରୀ କହିଛନ୍ତି, ୨୦୩୬ରେ ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ କରିବ । ୨୦୪୭ରେ ଦେଶ ସ୍ୱାଧୀନତାର ଶତବାର୍ଷିକୀ ପୂରଣ କରିବ । ଏହି ସମୟରେ ଆମର ଦାୟିତ୍ୱ କ'ଣ ରହିବା ଦରକାର, ଏହା ଉପରେ ବୁଝିବାକୁ ହେବ । ପଂଚାୟତରୁ ଜିଲ୍ଲା ସ୍ତରରେ ଯୁବ ସମ୍ମିଳନୀ ମାଧ୍ୟରେ ନିଜର ଆଇଡିଆକୁ ଆଦାନପ୍ରଦାନ କରିବାକୁ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମାଜରେ ଏକ ସୁବ୍ୟବସ୍ଥିତ ଜୀବନଶୈଳୀ ତିଆରି କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଓଡ଼ିଶାକୁ କିପରି ଆମେ ଆଗାମୀ ୨୨ ବର୍ଷ ଭିତରେ ଗ୍ଲୋବାଲ ହାପେନିଂ ପଏଂଟ୍ ବନାଇବା ପାଇଁ କାମ କରିବା, ତାହା ଆମର ଲକ୍ଷ୍ୟ ହେଉ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ୨୦୩୬ ସୁଦ୍ଧା ଓଡ଼ିଶାକୁ ଉତ୍କର୍ଷତାର ଶିଖରରେ ପହଂଚାଇବା ପାଇଁ ଆମ ସମସ୍ତଙ୍କ ଉଦ୍ୟମ ରହୁ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଥିଲେ ।

## ପନୀର ଭୁଜିଆ

ପନୀରକୁ ଶାକାହାରୀ ଭୋଜନରେ ବହୁତ ପସନ୍ଦ କରାଯାଏ । କାରଣ ଯେତେବେଳେ ବି କୌଣସି ସ୍ପେଶାଲ ଡ଼ିସ ପ୍ରସ୍ତୁତ କରାଯାଏ ସେତେବେଳେ ଆଗ ପନୀରକୁ ରଖାଯାଏ । ଏମିତିରେ ଆଜି ଆମେ ଆପଣଙ୍କ ପାଇଁ ଝଟପଟ ପସ୍ତୁତ ହେଉଥିବା ମସାଲାଦାର ପନୀର ଭୁଜିଆ ନେଇ ଆସିଛୁ । ତେବେ ଆସନ୍ତୁ ଜାଣିବା ଏହା ବନାଇବାର ପ୍ରସ୍ତୁତି ।

ଆବଶ୍ୟକ ସାମଗ୍ରୀ

ପନୀର-୧୦୦ଗ୍ରାମ,ଟମାଟୋ-୨ଟା,ପିଆଜ-୧ (ଛୋଟ କଟା ହୋଇଥିବା),କଞ୍ଚା ଲଙ୍କା-୨,ଅଦା-ଅଳ୍ପ ପେଶା ହୋଇଥିବା,ରସୁଣ-୨କୋଳା,ସୁଖିଲା ମସଲା,ଜିରା -୧/୪ ଚାମଚ,ହଳଦି-ଚିମୁଟାଏ,ଗରମ ମସଲା-୧/୨ ଚାମଚ,ତେଲ-ଆବଶ୍ୟକ ଅନୁଯାୟୀ,ଲୁଣ-ସ୍ୱାଦାନୁସାରେ

ପ୍ରସ୍ତୁତି ପ୍ରଣାଳୀ:

ସର୍ବ ପ୍ରଥମେ ପନୀରକୁ କଦ୍ଦୁକସ କରିଦିଅନ୍ତୁ । ତାପରେ ତେଲ କିମ୍ବା ଘିଅ ଗରମ କରନ୍ତୁ । ଏହା ପରେ ଜିରା, ପିଆଜ,କଞ୍ଚା ଲଙ୍କା,ଅଦା ଏବଂ ରସୁଣ ପକାନ୍ତୁ । ଏହା ସୁନେଲୀ ରଙ୍ଗ ହେବା ଯାଏଁ ଭାଜନ୍ତୁ । ଏହା ପରେ ଟମାଟୋ ପକାଇ ପାଣି ମାରି ଦିଅନ୍ତୁ । ତାପରେ ସୁଖିଲା ମସଲା ପକାଇ ଭାଜନ୍ତୁ ।ଏହା ପରେ ମସଲାରେ ପନୀର ପକାଇ ଭାଜନ୍ତୁ । ଅଳ୍ପ ଭାଜି ହେବା ପରେ ପ୍ରସ୍ତୁତ ହୋଇଗଲା ଆପଣଙ୍କର ପନୀର ଭୁଜିଆ ।



..... ପରଦା ଖବର ......

## 'ମହାବତାର ନରସିହ୍ମା': ଆସିଲା ଟିଜର, ବଢିଲା ଉତ୍ସାହ




'ମହାବତାର ନରସିହ୍ମା'ର ବହୁପ୍ରତୀକ୍ଷିତ ଟିଜର ମକର ସଂକ୍ରାନ୍ତି ଅବସରରେ ମଙ୍ଗଳବାର ରିଲିଜ୍ ହୋଇଛି । ଏହାର ଝଲକ୍ ଦେଖିବାପରେ ସାମାଜିକ ଗଣମାଧ୍ୟମରେ ଲଗାତାର ଫିଲ୍ମକୁ ନେଇ ଚର୍ଚ୍ଚା ଜାରି ରହିଛି । 'କେଜିଏଫ', 'କାନ୍ତାରା' ଓ 'ସାଲାର' ଭଳି ହିଟ୍ ଚଳଚ୍ଚିତ୍ର ନିର୍ମାଣ କରିଥିବା ପ୍ରଡକ୍ସନ ହାଉସ ଏହି ଫିଲ୍ମ ନିର୍ମାଣ କରିଛି। ଅଶ୍ୱିନ କୁମାର ନିର୍ଦ୍ଦେଶିତ ଏହି ୩-ଡି ଆନିମେସନ୍ ଫିଲ୍ମ ଚଳିତ ବର୍ଷ ଏପ୍ରିଲ ୩ରେ ମୁକ୍ତିଲାଭ କରିବ ।'ମହାବତାର ନରସିହ୍ମା' ଏକ ଐତିହାସିକ ତଥା ପୌରାଣିକ କାହାଣୀ, ଯାହା ପ୍ରଭୁ ବିଷ୍ଣୁଙ୍କ ନରସିଂହ ଅବତାର ଓ ଭକ୍ତ ପ୍ରହ୍ଲାଦ ଉପରେ ଆଧାରିତ ଏକ ଚଳଚ୍ଚିତ୍ରୟ ହିନ୍ଦୀ, କନ୍ନଡ଼, ତାମିଲ, ତେଲୁଗୁ ଓ ମାଲାୟାଲମ ସହିତ ଅନେକ ଭାରତୀୟ ଭାଷାରେ ଥ୍ରୀଡିରେ ମୁକ୍ତିଲାଭ କରିବ 'ମହାବତାର ନରସିହ୍ମା'।

## ଫ୍ରିଜରେ ଅଣ୍ଡା ରଖିବା ଭଲ ନା ଖରାପ



ସାଧାରଣତଃ ଅଣ୍ଡାକୁ ଅଧିକ ଦିନ ପର୍ଯ୍ୟନ୍ତ ତାଜା ରଖିବା ପାଇଁ ଆମେ ଏହାକୁ ଫ୍ରିଜରେ ରଖିଥାଉ। ତେବେ କ'ଣ ଆପଣ ଜାଣିଛନ୍ତି, ଫ୍ରିଜରେ ଅଣ୍ଡା ରଖିବା ଦ୍ୱାରା ଏଥିରେ ଥିବା ପ୍ରୋଟିନ୍, କ୍ୟାଲସିୟମ୍ ଓ ଓମେଗା ୩ ଫ୍ୟାଟି ଏସିଡ୍ ପରି ପୋଷକ ତତ୍ତ୍ୱ ନଷ୍ଟ ହୋଇଯାଇଥାଏ। ଆସନ୍ତୁ ଜାଣିବା କିଛି ଘରକରଣା ଟିପସ୍, ଫ୍ରିଜରେ ଅଣ୍ଡା ରଖିଲେ କେଉଁସବୁ ଅସୁବିଧା ହୋଇଥାଏ।

୧. ଅଣ୍ଡା ଫ୍ରିଜରେ ରଖିବା ଦ୍ୱାରା ସତେଜ ରହିଥାଏ ହେଲେ ଏଥିରେ ଥିବା ପୋଷକତତ୍ତ୍ୱ ଓ ସ୍ୱାଦ ନଷ୍ଟ ହୋଇଯାଇଥାଏ। କେବଳ ଏତିକି ନୁହେଁ, ଫ୍ରିଜରେ ରଖିବା ପରେ ଅଣ୍ଡା ଉପର ଅଂଶରେ ଥିବା ବ୍ୟାକ୍ଟେରିଆଙ୍କ ବୃଦ୍ଧି ଘଟିଥାଏ। ଏହି ବ୍ୟାକ୍ଟେରିଆ ଅଣ୍ଡା ଭିତରକୁ ଯିବାର ଆଶଙ୍କା ମଧ୍ୟ ରହିଥାଏ।

୨. ଯଦି ଆପଣ ଅଣ୍ଡାକୁ ଅଧିକ ଦିନ ପର୍ଯ୍ୟନ୍ତ ରଖବାକୁ ଚହୁଁଛନ୍ତି, ତେବେ ଏହାକୁ ନର୍ମାଲ୍ ରୁମ୍ ଟେମ୍ପରେଚରରେ ହିଁ ରଖନ୍ତୁ।

୩. ଅଧିକ ଦିନ ପର୍ଯ୍ୟନ୍ତ ରଖାଯାଇଥିବା ଅଣ୍ଡାକୁ ନଖାଇବା ପାଇଁ ଚେଷ୍ଟା କରନ୍ତୁ। ଆବଶ୍ୟକ ପଡ଼ିଲେ ଅଣ୍ଡାକୁ ସଙ୍ଗେ ସଙ୍ଗେ କିଣି କରି ହିଁ ଖାଆନ୍ତୁ।

୪. ଫ୍ରିଜରେ ରଖାଯାଇଥିବା ଅଣ୍ଡାକୁ ସଙ୍ଗେ ସଙ୍ଗେ ସିଝାଇଲେ, ଫାଟିଯିବାର ସମ୍ଭାବନା ରହିଥାଏ। ମନେରଖନ୍ତୁ, ଯଦି ଆପଣ ଫ୍ରିଜରେ ଅଣ୍ଡା ରଖୁଛନ୍ତି, ତେବେ ଏହାକୁ ବାହାର କରିବା ପରେ କିଛି ସମୟ ପାଇଁ ରୁମ୍ ଟେମ୍ପରେଚରରେ ରଖି ସିଝାନ୍ତୁ। ଦେଖିବେ ଅଣ୍ଡା ଫାଟିବ ନାହିଁ।

୫. ସେହିପରି ଫ୍ରିଜରେ ରଖିଥିବା ଅଣ୍ଡାରେ କେକ୍ ପ୍ରସ୍ତୁତ କଲେ ଏହାର ସ୍ୱାଦ ଓ ରଙ୍ଗରେ ପରିବର୍ତ୍ତନ ଆସିଥାଏ।

## ଧଳା ଜୋତା ସଫା କରିବାର ସହଜ ଉପାୟ



ଧଳା ଜୋତା କିଣିବା ସମୟରେ ସାଧାରଣତଃ ସମସ୍ତେ ଟିକେ ଦ୍ୱନ୍ଦ୍ୱରେ ରହନ୍ତି । ଶୀଘ୍ର ମଇଳା ହୋଇଯାଉଥିବାରୁ ଓ ଦାଗ ଲାଗି ଯାଉଥିବାରୁ ଅଧିକାଂଶ ଲୋକେ ଇଚ୍ଛା ଥିଲେ ବି ଏହାକୁ କିଣିବା ପାଇଁ ପସନ୍ଦ କରିନଥାନ୍ତି ।

ଅନ୍ୟପକ୍ଷରେ ସ୍କୁଲଗୁଡିକରେ ବିଶେଷ ଭାବେ ଧଳା ଜୋତା ଉପରେ ଗୁରୁତ୍ୱ ଦିଆଯାଏ । ତେବେ ଛୋଟ ପିଲା ଏହାକୁ ଶୀଘ୍ର ମଇଳା କରି ଦେଇଥାନ୍ତି । ହେଲେ ଏହାକୁ ନେଇ ବ୍ୟସ୍ତ ହୁଅନ୍ତୁ ନାହିଁ । ଏହାକୁ ବେଶ ସହଜରେ ସଫା କରି ହେବ । ତା'ହେଲେ ଆସନ୍ତୁ ଜାଣିବା ସେସବୁ ସହଜ ଉପାୟଗୁଡିକ ସମ୍ପର୍କରେ.....

ଗୋଟିଏ ପାତ୍ରରେ ଗରମ ପାଣି ନେଇ ସେଥିରେ ବେକିଂ ସୋଡା ଓ ହ୍ୱାଇଟ୍ ଭିନେଗାର ପକାନ୍ତୁ । ଏହାକୁ ଭଲ ଭାବେ ମିଶାନ୍ତୁ । ଏହାପରେ ଜୋତାକୁ ସେଥିରେ ଭିଜାନ୍ତୁ । କିଛି ସମୟ ପରେ ଜୋତାରୁ ଲେସଗୁଡିକୁ ବାହାର କରିନିଅନ୍ତୁ ଓ ତା'ପରେ ବ୍ରଶରେ ଧୀରେ ଧୀରେ ଜୋତାକୁ ସଫା କରନ୍ତୁ । ଦେଖିବେ ଜୋତା ପୂର୍ବ ପରି ସଫା ହୋଇଯିବ ।

ଆପଣ ବ୍ୟବହାର କରୁଥିବା ସ୍କ୍ରବ କିମ୍ବା ପେଷ୍ଟରେ ମଧ୍ୟ ଧଳା ଜୋତାକୁ ସଫା କରିପାରିବେ ।

ବେବି ପାଉଡରରେ ମଧ୍ୟ ଏହାକୁ ସଫା କରିପାରିବେ ।

ଫେସିଆଲ ସମୟରେ ବ୍ୟବହୃତ ହେଉଥିବା କଣ୍ଟେନର ଓ ବ୍ଲିଚରେ ମଧ୍ୟ ଧଳା ଜୋତାକୁ ସଫା କରିପାରିବେ । କିନ୍ତୁ ଅନେକ ସମୟରେ ବ୍ଲିଚର ବ୍ୟବହାର ଯୋଗୁ ଧଳା ଜୋତା ହଳଦିଆ ହୋଇଯିବାର ଦେଖାଯାଏ ।

ଜଡ଼ା ତେଲ ଓ ସୋରିଷ ତେଲ : ପ୍ରଥମେ ଜଡ଼ା ଓ ସୋରିଷ ତେଲକୁ ମିଶାଇ ଗରମ କରନ୍ତୁ। କିଛି ସମୟ ପରେ ଏହି ମିଶ୍ରଣକୁ ୧୦ ମିନିଟ୍ ପର୍ଯ୍ୟନ୍ତ କେଶରେ ମାଲିସ୍ କରନ୍ତୁ। ୩୦ ମିନିଟ୍ ପରେ ସାମ୍ପୁରେ କେଶକୁ ଧୋଇ ଦିଅନ୍ତୁ। ଏହି ପ୍ରକ୍ରିୟାକୁ ସପ୍ତାହରେ ୨ରୁ ୩ ଥର କରନ୍ତୁ। ଧଳା କେଶରୁ ମୁକ୍ତି ପାଇଁ ଆପଣ ଏହି ମିଶ୍ରଣକୁ ବ୍ୟବହାର କରିପାରିବେ। ଏଥିରେ ଓମେଗା ୬ଫ୍ୟାଟି ଏସିଡ୍ ରହିଥାଏ। ଯାହା ଧଳା କେଶରୁ ମୁକ୍ତି କରିବାରେ ସାହାଯ୍ୟ କରିଥାଏ।

## ଧଳା କେଶରୁ ରକ୍ଷା ପାଇବାର ଘରୋଇ ଉପାୟ







ବ୍ୟସ୍ତ ବହୁଳ ଜୀବନ ମଧରେ ସମସ୍ତେ ସୁନ୍ଦର ଓ ଯବାନ୍ ଦେଖାଯିବାକୁ ଚହାନ୍ତି। କିନ୍ତୁ ବୟସ, ପ୍ରଦୂଷଣ ଓ ବିଜି ଲାଇଫ୍ ଯୋଗୁ କେଶଗୁଡ଼ିକ ବୟସ ହେବା ପୂର୍ବରୁ ଧଳା ପଡ଼ିଯାଇଥାଏ। ଆଜିକାଲି ଯୁବପୀଢିଙ୍କ ମଧରେ କେଶ ଧଳା ହେବା ଏକ ଗମ୍ଭୀର ସମସ୍ୟା ସୃଷ୍ଟି କରିଛି। ଅନେକ ମହିଳା ଅଛନ୍ତି, ଯାହାଙ୍କ କେଶ ବୟସ ପୂର୍ବରୁ ଧଳା ପଡ଼ିଯାଇଥାଏ। ଯାହାଫଳରେ କି ଅନେକ ମହିଳା ଧଳା କେଶକୁ ଲୁଚାଇବା ପାଇଁ ବିଭିନ୍ନ କେମିକାଲ୍ ଯୁକ୍ତ ରଙ୍ଗକୁ ବ୍ୟବହାର କରିଥାନ୍ତି। ଏପରି କରିବା ଦ୍ୱାରା କିଛି ଦିନ କେଶଗୁଡ଼ିକ ଧଳା ରହେ କିନ୍ତୁ ଅନ୍ୟାନ୍ୟ ସମସ୍ୟାର ଆଶଙ୍କା ବଢିଯାଇଥାଏ। ଏହି କାରଣରୁ, ଆଜି ଆମେ ଆପଣଙ୍କ ପାଇଁ କିଛି ସହଜ ଘରୋଇ ଟିପ୍ସି କହିବୁ,

ଯାହା ଆପଣଙ୍କ କେଶକୁ ଧଳା ହେବାରୁ ରକ୍ଷା କରିବ:

ଅଁଳା : ପ୍ରଥମେ ଆପଣ ତିନିରୁ ଚରୋଟି ଅଁଳା ନିଅନ୍ତୁ। ଗୋଟେ କପ୍ ନଡ଼ିଆ ତେଲ। ପ୍ରଥମେ ଅଁଳାକୁ ଭଲ ଭାବରେ ଧୋଇ ଛୋଟ ଛୋଟ ଖଣ୍ଡ କରି କାଟି ଦିଅନ୍ତୁ। ପରେ ଏକ ପ୍ୟାନରେ ନଡିଆ ତେଲ ପକାଇ ସେଥିରେ ଅଁଳା ଖଣ୍ଡକୁ ପକାଇ ଭଲ ଭାବରେ ଫୁଟାନ୍ତୁ। ୧୦ ମିନିଟ୍ ଫୁଟାଇବା ପରେ ଏହି ମିଶ୍ରଣକୁ ଏକ ପାତ୍ରରେ ରଖିଦିଅନ୍ତୁ। ପରେ ଏହି ମିଶ୍ରଣକୁ ଆପଣଙ୍କ କେଶରେ ମାଲିସ୍ କରନ୍ତୁ। ଏକରୁ ଦୁଇ ଘଣ୍ଟା ପରେ ସାମ୍ପୁରେ କେଶକୁ ଧୋଇ ଦିଅନ୍ତୁ। ଏହି ପ୍ରକ୍ରିୟାକୁ ସପ୍ତାହରେ ୨ ରୁ ୪ ଥର କରନ୍ତୁ। ଅଁଳା କେଶ ପାଇଁ ଏକ ଟନିକ୍ ଭାବରେ କାମ କରିଥାଏ। ଏଥିରେ ଭିଟାମିନ୍ 'ସି' ରହିଥାଏ। ଏହା କେଶରେ ଆଣ୍ଟିଅକ୍ସିଡାଣ୍ଟ ଏଜେଣ୍ଟ ଭାବରେ କାମ କରିବା ସହିତ କେଶର ଅନେକ ଲାଭ ହୋଇଥାଏ। କେଶକୁ ଘନ କରିବା ସହିତ ମଜଭୁତ ମଧ କରିଥାଏ। ଧଳା ହେବାରୁ ରକ୍ଷା ମଧ କରିଥାଏ।

ଭୃଷଙ୍ଗ ପତ୍ର : ନଡ଼ିଆ ତେଲରେ ଭୃଷଙ୍ଗ ପତ୍ରକୁ ମିଶାଇ ଭଲ ଭାବରେ ଫୁଟାନ୍ତୁ। ପରେ ତେଲକୁ ଛାଣି ଦେଇ କିଛି ସମୟ ଥଣ୍ଡା କରିଦିଅନ୍ତ। ଏହି ମିଶ୍ରଣକୁ କେଶରେ ମାଲିସ କରନ୍ତୁ। କେଶରେ ଦୁଇରୁ ତିନି ଘଣ୍ଟା ପର୍ଯ୍ୟନ୍ତ ରଖି ସାମ୍ପୁରେ କେଶକୁ ଧୋଇ ଦିଅନ୍ତୁ। ଏହି ପ୍ରକ୍ରିୟାକୁ ସପ୍ତାହରେ ଦୁଇଥର କରନ୍ତୁ। ଆପଣ ଏହାକୁ ଧଳା କେଶର ଚିକିତ୍ସା ଭାବରେ ବ୍ୟବହାର କରିପାରିବେ। ଭୃଷଙ୍ଗ ପତ୍ର କେଶରେ ମେଲାନିନ ପିଗମେଣ୍ଟେସନ ବଢିବାରେ ସାହାଯ୍ୟ କରିଥାଏ।

## ଡାର୍କ ସର୍କଲ୍ ହେବାର କାରଣ

ସାଧାରଣତଃ ଆଖିତଳ ତ୍ୱଚା କୋମଳ ହୋଇଥିବାରୁ କିଛି ଲୋକଙ୍କର ଏଥିରେ କଳାଦାଗ ବା ଡାର୍କ ସର୍କଲ ସମସ୍ୟା ଦେଖାଦେଇଥାଏ। ତେଣୁ ଡାର୍କ ସର୍କଲରୁ ରକ୍ଷା ପାଇବା ପାଇଁ



ଆପଣ ବଜାରରେ ଉପଲବ୍ଧ ହେଉଥିବା ବିଭିନ୍ନ କ୍ରୀମ୍, ଘରୋଇ ଉପଚାର ଓ ଅଣ୍ଡର ଆଇ କ୍ରୀମ୍ ବ୍ୟବହାର କରିଥା'ନ୍ତି। ଏଥିପାଇଁ ବିଭିନ୍ନ ପ୍ରକାର ମେଡିସିନ୍ ନଖାଇ ପ୍ରଥମେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ଡାର୍କ ସର୍କଲ ହେବାର ମୂଳ କାରଣ ଜାଣିବା ନିହାତି ଆବଶ୍ୟକ। ତା'ହେଲେ ଆସନ୍ତୁ ଜାଣିବା ଏହି ଡାର୍କ ସର୍କଲ କାହିଁକି ହୋଇଥାଏ ଏବଂ ଏଥିରୁ ରକ୍ଷା ପାଇବା ପାଇଁ କେଉଁସବୁ ଉପାୟ ଆପଣାଇବା ଉଚିତ।

୧. ବୟସ ବଢ଼ିବା ସହିତ ଆଖିତଳର ଚର୍ମ କଳା ପଡ଼ିବାକୁ ଲାଗିଥାଏ। ଏଥିପାଇଁ ନିୟମିତ ଭାବରେ ଭଲ ସନସ୍କ୍ରିନ୍ ଲୋଶନ ବ୍ୟବହାର କରନ୍ତୁ।

୨. ପୋଷଣ ଅଭାବରୁ ମଧ ଡାର୍କ ସର୍କଲ ହୋଇଥାଏ। ଶରୀରରେ ଆଇରନର ଅଭାବ ଥିଲେ ଏହାର ଯାଞ୍ଚ କରନ୍ତୁ ଏବଂ ଆଇରନଯୁକ୍ତ ଖାଦ୍ୟ ଖାଆନ୍ତୁ। ଡିହାଇଡ୍ରେସନ କାରଣରୁ ମଧ ଡାର୍କ ସର୍କଲ୍ ସମସ୍ୟା ଦେଖାଦେଇଥାଏ।

୩. ଥାଇରଏଡ୍ ସମସ୍ୟା ଥିଲେ ଆଖିତଳେ କଳାଦାଗ ଦେଖା ଦେଇଥାଏ। ଏଥିପାଇଁ ଉଚିତ ସମୟରେ ଏହାର ଚିକିତ୍ସା କରାଇନିଅନ୍ତୁ।

୪. ଆଲର୍ଜି ବା ଔଷଧ ଯୋଗୁଁ ମଧ ଡାର୍କ ସର୍କଲ ହୋଇଥାଏ। ଉଚ୍ଚ ରକ୍ତଚପ, ମଧୁମେହ ଓ ହାର୍ଟ ରୋଗୀ ଅଧିକ ମାତ୍ରାରେ ମେଡିସିନ୍ ଖାଇଥା'ନ୍ତି। ଡାର୍କ ସର୍କଲ ଏହାର ସାଇଡ୍ ଇଫେକ୍ଟ ଭାବରେ ଦେଖାଦେଇଥାଏ।

୫. ଡାର୍କ ସର୍କଲକୁ ଭଲ କରିବା ପାଇଁ ଓଜନ କମାଇବା ପାଇଁ ଚେଷ୍ଟା କରନ୍ତୁ ନାହିଁ। ଏଥିପାଇଁ ପୋଷ୍ଟିକ ଖାଦ୍ୟ ଖାଆନ୍ତୁ ଏବଂ ସ୍ୱାସ୍ଥ୍ୟ ସହିତ ତ୍ୱଚାର ଯତ୍ନ ନିଅନ୍ତୁ।

# ଓଡ଼ିଆ ପିଲାମାନେ ଚାହିଁଲେ ସବୁ ସମ୍ଭବ : ଧର୍ମେନ୍ଦ୍ର

**ଭୁବନେଶ୍ୱର,୧୪।୧ (ମହାଭାରତ):** ଓଡ଼ିଆ ପିଲାମାନେ ଚାହିଁଲେ ସବୁ ସମ୍ଭବ । ଓଡିଆ ଲୋକଙ୍କୁ ଯେବେ ଯେବେ ସୁଯୋଗ ମିଳିଛି ସେବେ ସେ ନିଜର ଦକ୍ଷତା ଓ ପରାକାଷ୍ଠାର ପ୍ରମାଣ ଦେଖାଇଛନ୍ତି ବୋଲି ମଙ୍ଗଳବାର ନୂଆଦିଲ୍ଲୀ ଠାରେ ବିକଶିତ ଭାରତ ଯୁବ ନେତୃତ୍ୱ କାର୍ଯ୍ୟକ୍ରମ-୨୦୨୫ରେ ଅଂଶଗ୍ରହଣ କରିଥିବା ଓଡ଼ିଆ ଯୁବକଙ୍କ ସହ ଆଲୋଚନା କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ 'ମକର ସଂକ୍ରାନ୍ତି'ର ଶୁଭେଚ୍ଛା ଜଣାଇବା ସହ କହିଥିଲେ ଯେ "ବିକଶିତ ଭାରତ ଯୁବ ନେତୃତ୍ୱ ସାକ୍ଷାତକାର୍ - ୨୦୨୫"ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ଓଡ଼ିଶାର ଯେଉଁମାନେ ଅଂଶଗ୍ରହଣ କରିଥିଲେ, ସେହି ସଫଳ ଯୁବବନ୍ଧୁମାନଙ୍କ ସହ ଆଜିର ଆଲୋଚନା ଉତ୍ସାହଜନକ । ଓଡ଼ିଶାକୁ ବିକଶିତ କରିବା ପାଇଁ ସମସ୍ତ ଯୁବଶକ୍ତିଙ୍କ ମଧ୍ୟରେ ଥିବା ଇଚ୍ଛାଶକ୍ତି ଓ ଏକାଗ୍ରତା ପ୍ରଶଂସନୀୟ । ଓଡ଼ିଆ



ଯୁବପିଢିମାନେ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର କୁଶଳ ବିନ୍ଧାଣୀ । ସବୁ ଯୁବବର୍ଗଙ୍କ ମଧ୍ୟରେ କୌଣସି ନା କୌଣସି ପ୍ରତିଭା ଲୁଚି ରହିଛି । ଏହି ପ୍ରତିଭାକୁ ଅନ୍ୱେଷଣ କରିପାରିଲେ ହିଁ ଆମର ଅନେକ ଲକ୍ଷ୍ୟ ସାକାର ହୋଇପାରିବ। ସେ କହିଛନ୍ତି, ଆତ୍ମବିଶ୍ୱାସ ହିଁ ମଣିଷକୁ ବଡ କରିବ । ଅତୀତ ପିଢିରୁ ବର୍ତ୍ତମାନର ପିଢି ବହୁତ ବଡ ବଡ ଚିନ୍ତା କରୁଛି । ଆମ କାନ୍ଧରେ ବର୍ତ୍ତମାନ ବିକଶିତ ଓଡ଼ିଶା, ବିକଶିତ ଭାରତର ଦାୟିତ୍ୱ ଅଛି । ଏଥିପାଇଁ ଆମକୁ କଂଟେଂଟ୍ ରାଇଟରରୁ ୱେଲଥ୍ କ୍ରିଏସନ କରିବା ପାଇଁ ମଧ୍ୟ ଆଗଭର ହେବାକୁ ପଡିବ । ନିର୍ଭରତାରୁ ଆତ୍ମନିର୍ଭରତା, ସ୍ୱାଭିମାନ ଓ ଆତ୍ମବିଶ୍ୱାସ ମାଧ୍ୟମରେ ସ୍ୱାବଲମ୍ବୀ ହେବାକୁ ପଡିବ । ନିଯୁକ୍ତି ଖୋଜିବା ପରିବର୍ତ୍ତେ ନିଯୁକ୍ତିଦାତା ହେବା ପାଇଁ କାମ କରିବାକୁ ହେବ।

କେନ୍ଦ୍ରମନ୍ତ୍ରୀ କହିଛନ୍ତି, ୨୦୩୬ରେ ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ କରିବ । ୨୦୪୭ରେ ଦେଶ ସ୍ୱାଧୀନତାର ଶତବାର୍ଷିକୀ ପୂରଣ କରିବ । ଏହି ସମୟରେ ଆମର ଦାୟିତ୍ୱ କ'ଣ ରହିବା ଦରକାର, ଏହା ଉପରେ ବୁଝିବାକୁ ହେବ । ପଂଚାୟତରୁ ଜିଲ୍ଲା ସ୍ତରରେ ଯୁବ ସମ୍ମିଳନୀ ମାଧ୍ୟରେ ନିଜର ଆଇଡିଆକୁ ଆଦାନପ୍ରଦାନ କରିବାକୁ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମାଜରେ ଏକ ସୁବ୍ୟବସ୍ଥିତ ଜୀବନଶୈଳୀ ତିଆରି କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଓଡ଼ିଶାକୁ କିପରି ଆମେ ଆଗାମୀ ୨୨ ବର୍ଷ ଭିତରେ ଗ୍ଲୋବାଲ ହାପେନିଂ ପଏଂଟ୍ ବନାଇବା ପାଇଁ କାମ କରିବା, ତାହା ଆମର ଲକ୍ଷ୍ୟ ହେଉ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ୨୦୩୬ ସୁଦ୍ଧା ଓଡ଼ିଶାକୁ ଉତ୍କର୍ଷତାର ଶିଖରରେ ପହଂଚାଇବା ପାଇଁ ଆମ ସମସ୍ତଙ୍କ ଉଦ୍ୟମ ରହୁ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଥିଲେ।

## ଆୟୁଷ୍ମାନ ଚୁକ୍ତି ସ୍ୱାକ୍ଷରିତ ପରେ ଓଡ଼ିଶା ଫେରିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୪।୧ (ମହାଭାରତ):** ଆୟୁଷ୍ମାନ ଭାରତ ଚୁକ୍ତି ସ୍ୱାକ୍ଷରିତ ପରେ ଓଡ଼ିଶା ଫେରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ବିମାନ ବନ୍ଦରରେ ପହଂଚିଛନ୍ତି ମୁଖ୍ୟମନ୍ତ୍ରୀ। ସ୍ୱାଗତ ଓ ଶୁଭେଚ୍ଛା ଜଣାଇବା ପାଇଁ ବିମାନବନ୍ଦରରେ ସାଧାରଣ ଲୋକଙ୍କ ଭିଡ ଦେଖିବାକୁ ମିଳିଛି । ଗତକାଲି ଦିଲ୍ଲୀରେ କେନ୍ଦ୍ର ଏବଂ ରାଜ୍ୟ ଭିତରେ ସ୍ୱାକ୍ଷର ହୋଇଥିଲା ଏମଓୟୁ । ଆୟୁଷ୍ମାନ ଭାରତ ଯୋଜନା ଏକ ବହୁ ପ୍ରତୀକ୍ଷିତ ଯୋଜନା। ଯାହା ପୂର୍ବରୁ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀଙ୍କ ବାରମ୍ବାର ଅନୁରୋଧ ପରେ ବି ଆୟୁଷ୍ମାନ ଭାରତକୁ ଲାଗୁ କରାଉନଥିଲେ ତତ୍କାଳୀନ ବିଜେଡି ସରକାର । ଯେଉଁଥିପାଇଁ ଏହାକୁ ଲାଗୁ କରିବା ନେଇ ମଧ୍ୟ ବିଜେପି ତାର ନିର୍ବାଚନ ଇସ୍ତାହାରରେ ରଖିଥିଲା ।ତାହା ପୂରଣ କରିଛି ବିଜେପି । ଭୁବନେଶ୍ୱରରେ ପହଂଚିବା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ସହ ରାଜ୍ୟ ସରକାରଙ୍କର ଏମଓୟୁ ସ୍ୱାକ୍ଷରିତ ହୋଇଛି । ପୂର୍ବ ସରକାର ହୀନମନ୍ୟତା କାରଣରୁ ଲାଗୁ କରୁନଥିଲେ। ଆମ ସରକାର ଏହାକୁ ଲାଗୁ କଲେ। ଦେଶର ବିଭିନ୍ନ ଜାଗାରେ ୩୦ ହଜାର ହସ୍ପିଟାଲରେ ଚିକିତ୍ସା ପାଇପାରିବେ। ବୟସ୍କ ମାନଙ୍କୁ ମଧ୍ୟ ଏହାର ସୁବିଧା ମିଳିବ। ଆୟୁଷ୍ମାନ ମନ୍ଦିର ପ୍ରତି ପଂଚାୟତରେ ଲାଗୁ ହେବ। ସେଠି ଯୋଗ ଶିକ୍ଷକ , ସ୍ୱାସ୍ଥ୍ୟ କର୍ମୀ ରହିବେ।

## ଯୁବ ରେଡକ୍ରସ, ଓଡିଶା ପକ୍ଷରୁ ଜାତୀୟ ଯୁବ ଦିବସ

**ଭୁବନେଶ୍ୱର,୧୪।୧ (ମହାଭାରତ):** ଜାତୀୟ ଯୁବ ଦିବସ ଉପଲକ୍ଷେ ଭାରତୀୟ ରେଡ଼କ୍ରସ୍, ଓଡିଶା ଶାଖାର ଯୁବ ରେଡକ୍ରସ ତରଫରୁ ଭାରତୀୟ ରେଡକ୍ରସ୍, ଓଡିଶା ରାଜ୍ୟ ଶାଖାର ଅବୈତନିକ ସଚିବ ଗଣେଷ ଚନ୍ଦ୍ର ପାତ୍ର, (ଭା.ପ୍ର.ସେ.)ଙ୍କ ପ୍ରତ୍ୟକ୍ଷ ତ୍ୱାବଧାନରେ ସ୍ଥାନୀୟ ରେଡ଼କ୍ରସ୍ ଭବନଠାରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଅଛି।

ବିଶିଷ୍ଟ ସ୍ତମ୍ଭକାର ଓ ଶିକ୍ଷାବିତ୍ ପ୍ରଫେସର ନିରଂଜନ ପାଢୀ ମୁଖ୍ୟ ଅତିଥିରୂପେ ଯୋଗଦେଇ ବିଶ୍ୱ ଯୁବ ଶକ୍ତିର ପ୍ରତୀକ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ସ୍ୱେଚ୍ଛାସେବବୀମାନେ ଅନୁପ୍ରାଣୀତ ହେବା ପାଇଁ ଉଦ୍ବୋଧନ ଦେଇଥିଲେ । ସେ ତାଙ୍କ ଅଭିଭାଷଣରେ କହିଲେ ଯେ ସ୍ୱପ୍ନ ଦେଖ, ସ୍ୱପ୍ନ କୁ ସାକାର କରିବା ପାଇଁ କଠିନ ପରିଶ୍ରମ କର । ଏହି ସମୟରେ ବହୁ ଉତ୍ଥାନ ପତନ ଆସିବ । କିନ୍ତୁ ହାର ନ ମାନି ନିଜ ଲକ୍ଷ୍ୟ ସାଧନ ନିମନ୍ତେ ଅଗ୍ରସର ହୁଅ । ନିଜ ପାଇଁ ନ ବଂଚି ଅନ୍ୟମାନଙ୍କ ପାଇଁ ବଂଚିବାକୁ ସେ ଯୁବ ପିଢିଙ୍କୁ ଆହ୍ୱାନ ଦେଇଥିଲେ । ଅସତ୍ ପଥରେ ସଫଳତା ପାଇବା ଅପେକ୍ଷା ସତ୍ ପଥରେ ଯାଇ ବିଫଳ ହେବା ଶ୍ରେୟସ୍କର । ମାନବିକତା ହିଁ ଶ୍ରେଷ୍ଠ ଧର୍ମ । ରେଡକ୍ରସ ମାନବିକତା ମନ୍ତ୍ରର ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟକରୁଥିବାରୁ ସେ ଏହି ଅନୁଷ୍ଠାନ ଭୂୟସୀ ପ୍ରସଂସା କରିଥିଲେ ।

ସମ୍ମାନୀତ ଅତିଥିଭାବେ ଆର୍ନ୍ତଜାତୀୟ ରଗ୍ବି ଖେଳାଳୀ ସୁଶ୍ରୀ ତରୁଲତା ନାୟକ ଯୋଗ ଦେଇ ସାମ୍ପ୍ରତିକ ସମୟରେ ଆଗକୁ ବଢିବା ପାଇଁ ଯୁବକମାନେ ନିଷ୍ଠା ଓ ଏକାଗ୍ରତା ଥିବା ଜରୁରୀ ବୋଲି କହିଥିଲେ। ଭାରତୀୟ ରେଡ଼କ୍ରସ୍, ଓଡିଶା ଶାଖାର କୋଷାଧ୍ୟକ୍ଷ ଲାବଣ୍ୟ ସବର ତାଙ୍କର ସଭାପତିତ୍ୱ ଅଭିଭାଷଣରେ ରେଡ଼କ୍ରସ୍ର ସ୍ୱେଚ୍ଛାସେବୀ ଭାବେ ପରିଚିତ ହେବା ଆଜିର ସମାଜରେ ଏକ ଗର୍ବ ଓ ଗୌରବର ବିଷୟ ଭାବରେ ଗ୍ରହଣ କରି ଯୁବ ରେଡକ୍ରସ ସ୍ୱେଚ୍ଛାସେବୀମାନେ ସମାଜରେ ଥିବା ପିଡିତ ନିସ୍ୱେଷିତ ଓ ଅବହେଳିତମାନଙ୍କ ପାଖରେ ପଂହଚି ସେବା ଯୋଗେଇ ଦେବାପାଇଁ ସେ ଆହ୍ୱାନ ଦେଇଥିଲେ । ଯୁବ ରେଡକ୍ରସ ଅଧିକାରୀ ଡଃ ରମେଶ ଚନ୍ଦ୍ର ବେହେରା ଅତିଥି ମାନଙ୍କୁ ସ୍ୱାଗତ ପ୍ରଦାନ କରଥିଲେ ଓ ଭାରତୀୟ ରେଡ଼କ୍ରସ୍, ଓଡିଶା ଶାଖାର ଯୁଗ୍ମ ସଚିବ ଅଶୋକ କୁମାର ମହାନ୍ତି, ଅତିଥି ପରିଚୟ ପ୍ରଦାନ କରିଥିଲେ । କଟକ ଜିଲ୍ଲାର ଯୁବ ରେଡକ୍ରସ ଆବାହକ ଡ. ସସ୍ମିତା ପନାୟକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏଥିସହିତ ଜାତୀୟ ଯୁବ ଦିବସ ଉପଲକ୍ଷେ ଭାରତୀୟ ରେଡ଼କ୍ରସ୍ ସୋସାଇଟି, ଓଡିଶା ତରଫରୁ ସ୍ଥାନୀୟ ରେଡ଼କ୍ରସ୍ ଭବନ ସମ୍ମୁଖରେ ଏକ ମାନବ ଶୃଙ୍ଖଳ ଗଠନ କରାଯାଇଥିଲା । ଏହି ଅବସରରେ ପ୍ରତ୍ୟେକ ଯୁବ ରେଡ଼କ୍ରସ୍ ସ୍ୱେଚ୍ଛାସେବୀ ନିଜ ନିଜ ହାତରେ ବିବେକାନନ୍ଦଙ୍କ ବାଣୀ ଉପରେ ସଚେତନତା ଆଧାରିତ ପ୍ଲା କାର୍ଡ ଏବଂ ସ୍ଲୋଗାନ ମାନ ପ୍ରଦର୍ଶନ କରିଥିଲେ ।

# ସାତକୋଶିଆରେ ହ୍ରାସ ପାଉଛି କୁମ୍ଭୀର ସଂଖ୍ୟା

**ଭୁବନେଶ୍ୱର,୧୪।୧ (ମହାଭାରତ):**ସାତକୋଶିଆ। ବନ୍ୟପ୍ରାଣୀ ଡିଭିଜନର ମହାନଦୀ କୂଳରେ ଏବଂ ବୌଦ୍ଧ ଜିଲାର କୁସଙ୍ଗା ରେଞ୍ଜ ଅଧୀନରେ କୁମ୍ଭୀରଙ୍କ ସଂଖ୍ୟା ବୃଦ୍ଧି ପାଇବା ପରେ ଏବେ ସେମାନଙ୍କ ସଂଖ୍ୟା ହ୍ରାସ ପାଉଥିବା ଜଣାପଡ଼ିଛି। କୁମ୍ଭୀର ଗଣନା ଗତ କିଛି ଦିନ ହେଲା ଆରମ୍ଭ ହୋଇ ଆଜି ଶେଷ ହେବା ପରେ ଏହି ତଥ୍ୟ ପଦାକୁ ଆସିଛି। କୁମ୍ଭୀର ଗଣନା ଫଳାଫଳରୁ ଏହି ଅଞ୍ଚଳରେ ଦୁଇଟି ପ୍ରଜାତିରେ ୧୯ଟି କୁମ୍ଭୀର ଥିବା ଜଣାପଡିଛି। ବନ ବିଭାଗ ତିନୋଟି ବୟସ୍କ ଘଡ଼ିଆଳ ଏବଂ ଆଠଟି ଛୋଟ ଛୁଆ, ପାଞ୍ଚଟି ବୟସ୍କ ମଗର ଏବଂ ତିନୋଟି ଛୋଟ ଛୁଆ ଥିବା ଉଲ୍ଲେଖ ଥିବା ତଥ୍ୟରୁ ଜଣାଯାଇଛି।

୨୦୨୪ ମସିହାରେ ୩୫ଟି କୁମ୍ଭୀର ଜନ୍ମ ପଞ୍ଜୀକରଣ ସତ୍ତ୍ୱେ, ସଂଖ୍ୟା ହ୍ରାସ ପାଇଁ ବନ ବିଭାଗ ଚିନ୍ତାରେ ଅଛି। ସଠିକ ଗଣନା



ସୁନିଶ୍ଚିତ କରିବା ପାଇଁ ଡଙ୍ଗା, କ୍ୟାମେରା ଏବଂ ଦୂରବୀକ୍ଷଣ ସହିତ ସଜ୍ଜିତ ତିନୋଟି ଦଳ ଦ୍ୱାରା କୁମ୍ଭୀର ମୁଣ୍ଡ ଗଣନା କରାଯାଇଥିଲା।

ବନ୍ୟପ୍ରାଣୀ ବିଭାଗର ଜଣେ ମୁଖପାତ୍ର ଏହି ଘଟଣାରେ ଚିନ୍ତା ପ୍ରକଟ କରି ସାତକୋଶିଆ ଘାଟିରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରଜାତିଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଦୃଢ଼ ସଂରକ୍ଷଣ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି।

ପ୍ରତିବର୍ଷ ବର୍ଷା ଋତୁ ପୂର୍ବରୁ କୁମ୍ଭୀର ଛୁଆମାନେ ସାଧାରଣତଃ ସାତକୋଶିଆ। ଘାଟିରୁ ଅନ୍ୟତ୍ର ବର୍ଷା ପାଣିରେ ଭାସି ଯାଆନ୍ତି। ଜିଲା ବନ ବିଭାଗ କୁମ୍ଭୀରଙ୍କୁ ସୁରକ୍ଷା ଦେବା ଉଚିତ, କିଛି ସ୍ଥାନୀୟ ଲୋକ ପ୍ରକାଶ କରିଛନ୍ତି। ସାତକୋଶିଆରେ ପର୍ଯ୍ୟାପ୍ତ ସତର୍କତାମୂଳକ ପଦକ୍ଷେପ ଅଭାବରୁ, କୁମ୍ଭୀର ସଂଖ୍ୟା ବୃଦ୍ଧି କାର୍ଯ୍ୟକ୍ରମ ବିଫଳ ହୋଇଛି, ସ୍ଥାନୀୟ ଲୋକମାନେ କହିଛନ୍ତି।

ଗତ ବର୍ଷ ନଭେମ୍ବର ୨୪ ତାରିଖରେ ସାତକୋଶିଆ। ବନ୍ୟପ୍ରାଣୀ ଡିଭିଜନ ଅଧୀନରେ ମହାନଦୀର ସୁନାଖାଣିଆ। ଘାଟରେ ଅତି କମରେ ୧୨ ଟି ଘରିଆଲ ଛୁଆଙ୍କୁ ସେମାନଙ୍କର ପ୍ରାକୃତିକ ବାସସ୍ଥାନରେ ପୁନଃ ଛାଡି ଦିଆଯାଇଥିଲା।

ଏହି ଛୁଆମାନଙ୍କୁ ଜୁଲାଇ ୨୦୨୪ ରେ ଏକ କୃତ୍ରିମ ପୋଖରୀରେ ଅସ୍ଥାୟୀ ଭାବରେ ରଖାଯାଇଥିଲା, ଏହି ଆଶଙ୍କା କରି ଯେ ସେମାନେ ନଦୀର ବନ୍ୟା ପାଣିରେ ଭାସି ଯାଇପାରନ୍ତି। ମହାନଦୀର ଜଳସ୍ତର ହ୍ରାସ ପାଇବା ପରେ ଏବଂ ବିଶେଷଜ୍ଞଙ୍କ ତତ୍ତ୍ୱାବଧାନରେ, ସେମାନଙ୍କୁ ପୁନଃ ଜଙ୍ଗଲରେ ଛାଡି ଦିଆଯାଇଥିଲା। ୨୦୨୧ ମସିହାରୁ, ସାତକୋଶିଆ। ଘାଟି ଘଡ଼ିଆଳମାନଙ୍କ ପାଇଁ ଏକ ପ୍ରଜନନ ସ୍ଥଳ ପାଲଟିଛି, ସେମାନଙ୍କ ଅଣ୍ଡାଗୁଡ଼ିକ ପ୍ରାକୃତିକ ବାସସ୍ଥାନରେ ସଫଳତାର ସହ ଫୁଟି ବାହାରିଛି।

# କ୍ରାନ୍ତିକାରୀ ଫାଉଣ୍ଡେସନର ଓଡ଼ିଶା ଯୁଥ୍ କନ୍କ୍ଲେଭ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୪।୧ (ମହାଭାରତ):** ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଜୟନ୍ତୀ ତଥା ଜାତୀୟ ଯୁବ ଦିବସ ଅବସରରେ ସ୍ୱେଚ୍ଛାସେବୀ ସାମାଜିକ ଅନୁଷ୍ଠାନ କ୍ରାନ୍ତିକାରୀ ଫାଉଣ୍ଡେସନ ପକ୍ଷରୁ ରବିବାର ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ 'ଓଡ଼ିଶା ଯୁଥ୍ କନ୍କ୍ଲେଭ-୨୦୨୫ ଅନୁଷ୍ଠିତ ହୋଇଯାଇଛି। କ୍ରାନ୍ତିକାରୀ ଫାଉଣ୍ଡେସନର ଅଧ୍ୟକ୍ଷ ନଳିନୀକାନ୍ତ ନାୟକ ଓ ଓୱାଏଫ୍ର ପ୍ରତିଷ୍ଠାତା ସନ୍ତୋଷ ପ୍ରଧାନଙ୍କ ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଂଗ୍ରେସ ବିଧାୟକ ଦଳର ନେତା ଶ୍ରୀ ରାମଚନ୍ଦ୍ର କାଡ଼ାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଟିମ୍ ଗ୍ରୁପ୍ ସି.ଏମ୍.ଡି ନିଶିକାନ୍ତ ମିଶ୍ର, ପ୍ରବାସୀ ଭାରତୀୟ ତଥା ଗ୍ଲୋବାଲ ଟୁରିଜିମ୍ ଏକ୍ସପର୍ଟ ଶୀତଲ କୁମାର ଦାସବାବୁ ପ୍ରମୁଖ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ପଥକୁ ଅନୁସରଣ କରି ଯୁବ ସମାଜକୁ ଆଗକୁ ବଢିବାକୁ ବକ୍ତବ୍ୟ ପ୍ରଦାନ କରିଥିଲେ।

ତିନୋଟି ଅଧିବେଶନରେ ଅନୁଷ୍ଠିତ ଏହି କନ୍କ୍ଲେଭର ପ୍ରଥମ ଅଧିବେଶନରେ ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଓ ଗ୍ଲୋବାଲ ବିଜ୍ନେସନ ଲିଡର ଦେବୀ ଦାସ ଯୋଗଦେଇ 'ବିକାଶର ସାଥୀ-ଆମ ଯୁବଶକ୍ତି' ଆଲୋଚନାଚକ୍ରରେ ଯୁବଶକ୍ତି ଉପରେ ଅନେକ ଉପାଦେୟ ମନ୍ତବ୍ୟମାନ ଦେଇଥିଲେ। ଏଥିରେ ସାମିଲ୍ ହୋଇନପାରି ଭଟ୍ଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଓ ପାରଳାଖେମୁଣ୍ଡି ବିଧାୟକ ରୁପେଶ ପାଣିଗ୍ରାହୀ ଭିଡ଼ିଓ ବାର୍ତ୍ତା ମାଧ୍ୟମରେ ଓଡ଼ିଶା ଯୁଥ୍ କନ୍କ୍ଲେଭ ଉପରେ ମତ ରଖିଥିଲେ। ବିଧାୟିକା ସୋଫିଆ ଫିର୍ଦ୍ଦୋଷ ଓ ହିମାଂଶୁ ସାହୁ ଯୁବଶକ୍ତିମାନଙ୍କୁ ରାଜନୀତି, ସମାଜସେବା, ଉଦ୍ୟୋଗ ଓ ଅନ୍ୟାନ୍ୟ କ୍ଷେତ୍ରରେ ଆଗକୁ ଯିବା ପାଇଁ ପରାମର୍ଶ ଦେବା ସହ ସଂଘର୍ଷ ହିଁ ସଫଳତାର ଋବିକାଠି ବୋଲି କହିଥିଲେ।

ଦ୍ୱିତୀୟ ଅଧିବେଶନରେ 'ସଶକ୍ତ ମହିଳା-ସମୃଦ୍ଧ ଓଡ଼ିଶା' ଶୀର୍ଷକ ଆଲୋଚନଚକ୍ରରେ ଆସ୍କା ସଂସଦୀୟ କ୍ଷେତ୍ରର ବିଜେଡ଼ି ପ୍ରାର୍ଥିନୀ ରଞ୍ଜିତା ସାହୁ, ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ, କବି ଶୁଭଶ୍ରୀ ଶୁଭସ୍ମିତା ମିଶ୍ର ଓ ମହିଳା ଉଦ୍ୟୋଗୀ ଆକାଂକ୍ଷା ପାଢୀ ଯୋଗଦେଇ ମହିଳାମାନଙ୍କ ସାମାଜିକ, ଅର୍ଥନୈତିକ ସ୍ଥିତି ଓ ଅଭିବୃଦ୍ଧି ସମେତ ମହିଳା ସଶକ୍ତିକରଣ ଓ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ତୃତୀୟ ଅଧିବେଶନରେ ଦୈନିକ ସକାଳ ଖବରକାଗଜର ପ୍ରକାଶକ ଅମିତ ମଲ୍ଲିକ, ସାମାଜିକ ଉଦ୍ୟୋଗୀ ଅଜିତ୍ ପାଲ ଓ ଯୁବ ଉଦ୍ୟୋଗୀ ଡ. ନଳିନୀକାନ୍ତ ମିଶ୍ର ଯୋଗଦେଇ 'ଉତ୍କୃଷ୍ଟ ଉତ୍କଳ-ଅତୀତ ଓ ଭବିଷ୍ୟତ' ଶୀର୍ଷକ ଆଲୋଚନାଚକ୍ରରେ ସମୃଦ୍ଧ ଓଡ଼ିଶାର ଅତୀତ ଓ ବର୍ତମାନ ଉପରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ। ଅମିତ ମଲ୍ଲିକ ରାଜ୍ୟର ଅତୀତ ଓ ଭବିଷ୍ୟତର କାର୍ଯ୍ୟପନ୍ଥା ଓ ଯୁବ ସମାଜର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ରାଜନୀତି, କଳା ଓ ସଂସ୍କୃତି, ଉଦ୍ୟୋଗୀ, କ୍ରୀଡ଼ା, ସମାଜସେବା, ସାମ୍ବାଦିକତା, ଭାଷା ଓ ସାହିତ୍ୟ ଇତ୍ୟାଦି ଅନ୍ୟାନ୍ୟ କ୍ଷେତ୍ରରେ କାର୍ଯ୍ୟ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା ୨୦ଜଣ ଯୁବ ପ୍ରତିଭା ଓ ବିଭିନ୍ନ ସାମାଜିକ ସଂଗଠନକୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଉପସ୍ଥାପକ ଶ୍ରୀକୁମାର ମୁକେଶ, ଶୁଭ୍ରଜ୍ୟୋତି ଭୂୟା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସଂଗଠନ ସମ୍ପାଦକ ଆଶିଷ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ରାନ୍ତିକାରୀ ଫାଉଣ୍ଡେସନର ସହ ପ୍ରତିଷ୍ଠାତା ସର୍ବଜିତ ପଟ୍ଟନାୟକ, ସଭ୍ୟ ବିଶ୍ୱରଞ୍ଜନ ଦାସ, ନିରଞ୍ଜନ ମଲ୍ଲିକ, ମାନସ ରଞ୍ଜନ ସାହୁ, ଅଂଶୁମାନ ଦାସ, ଜୟପ୍ରକାଶ ନାୟକଙ୍କ ସମେତ ୫୦୦ରୁ ଅଧିକ ଯୁବକ, ଯୁବତୀ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଶିକ୍ଷାନୁଷ୍ଠାନର ବିକାଶ ଓ ସୁନାମ ବଢାଇବାରେ ପୁରାତନ ଛାତ୍ରଛାତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର,୧୪।୧ (ମହାଭାରତ):** ଶିକ୍ଷାନୁଷ୍ଠାନର ପ୍ରତିଷ୍ଠା ଠାରୁ ଆରମ୍ଭ କରି ଏହାର ସର୍ବାଙ୍ଗୀନ ବିକାଶ ତଥା ସୁନାମ ବଢାଇବାରେ ପୁରାତନ ଛାତ୍ରଛାତ୍ରୀମାନଙ୍କର ଅବଦାନ ଓ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। 'ଓଲ୍ଡ଼ ଇଜ୍ ଗୋଲ୍ଡ଼' ଭଳି ପୁରାତନ ଛାତ୍ରଛାତ୍ରୀମାନେ କେବଳ ଶିକ୍ଷାନୁଷ୍ଠାନ ନୁହେଁ, ସମାଜର ବିକାଶ ପାଇଁ ସର୍ବଦା ପ୍ରମୁଖ ଭୂମିକା ଗ୍ରହଣ କରି ଆସିଛନ୍ତି। ବର୍ତ୍ତମାନର ଡିଜିଟାଲ ଯୁଗର ପ୍ରତିଯୋଗିତାମୂଳକ ବାତାବରଣ ମଧ୍ୟରେ ଶୃଙ୍ଖଳିତ ଜୀବନ ଆଧାରିତ ମୂଲ୍ୟବୋଧଭିତ୍ତିକ ଶିକ୍ଷାର ଜରୁରୀ ଆବଶ୍ୟକତା ରହିଥିବା ବେଳେ ଏ କ୍ଷେତ୍ରରେ ପୁରାତନ ଛାତ୍ରଛାତ୍ରୀମାନେ ଉତ୍ତର ପିଢିକୁ ଦିଗ୍‌ଦର୍ଶନ ଦେବାର ସମୟ ଆସିଛି ବୋଲି ମତପ୍ରକାଶ ପାଇଛି। ଚୌଦ୍ୱାର ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ବାର୍ଷିକ ବନ୍ଧୁ ମିଳନ ସମାରୋହ (୨୦୨୫) ରବିବାର ମହାବିଦ୍ୟାଳୟ ପରିସରସ୍ଥ ନବନିର୍ମିତ କନଫରେନ୍ସ ହଲ୍‌ରେ ସଭାପତି ବିବେକାନନ୍ଦ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ରଶ୍ମୀ ରାଉତରାୟ, ଅଧ୍ୟାପକ ସୁମନ୍ତ ସାହୁ, ବସନ୍ତ ବିଶ୍ୱାଳ, ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଚିତ୍ରାନନ୍ଦ ରାଉତରାୟ ପ୍ରମୁଖ ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ପୁରାତନ ଛାତ୍ରଛାତ୍ରୀମାନଙ୍କ ମହାବିଦ୍ୟାଳୟ ପ୍ରତିଷ୍ଠା ଓ ଏହାର ବିକାଶ କ୍ଷେତ୍ରରେ ଦେଇଥିବା ଯୋଗଦାନ ଉପରେ ଆଲୋକପାତ କରିବା ସହ ଆଗାମୀ ଦିନରେ ହେବାକୁ ଯାଉଥିବା ସମସ୍ତ ବିକାଶମୂଳକ କାର୍ଯ୍ୟକ୍ରମ ଏବଂ ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଇଁ ସହଯୋଗ ଜାରି ରଖିବାକୁ ନିବେଦନ ଜଣାଇଥିଲେ। ଏହି ଅବସରରେ ପୁରାତନ ଛାତ୍ରଛାତ୍ରୀ ଅଞ୍ଜନା ସ୍ୱାଇଁ, ବିଭୂତି ଭୂଷଣ ସାହୁ, ଝୁଲେନ୍ଦ୍ର ନାୟକ, ରବୀନ୍ଦ୍ର କୁମାର ମହାପାତ୍ର, ଅଞ୍ଜନ ଜେନା, କୈଳାସ ସାହାଣୀ, ହେମନ୍ତ ମହାନ୍ତି ପ୍ରମୁଖ ପାଠପଢା ଦିନର ସ୍ମୃତି ଅନୁଭୂତି ବଖାଣିବା ସହ ପରସ୍ପର ମଧ୍ୟରେ ଭାବ ବିନିମୟ କରିଥିଲେ। ଏହି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ମୁରଲୀଧର ବେହୁରା, ସୌମିତ୍ର ସ୍ୱାଇଁ, କ୍ଷୀରୋଦ ବେହେରା, ଧନଞ୍ଜୟ ମହାପାତ୍ର, ବିବେକା ବେହେରା, ବିଚିତ୍ରାନନ୍ଦ ସାହୁ, ନରହରି ବେହେରା, ଗଙ୍ଗାଧର ସାହୁ, ଶିବ ବେହୁରା, ଅଜିତ ଦାସ, ଅଜୟ ବଳ, ଶ୍ରୀନିବାସ ସାହୁ, ଲିଙ୍ଗରାଜ ମୁଦୁଲି, କଳ୍ପନା ଦାଶ, କବିତା ପରିଡ଼ା, ସାୟିରା ଖାତୁନ ପ୍ରମୁଖ ସାମିଲ୍ ହୋଇଥିଲେ।

## ଜାତୀୟ ଯୁବ ଦିବସରେ ରକ୍ତଦାନ ଶିବିର

**ଭୁବନେଶ୍ୱର,୧୪।୧ (ମହାଭାରତ):** ଜାତୀୟ ଯୁବ ଦିବସ ଉପଲକ୍ଷେ ସାମାଜିକ ଅନୁଷ୍ଠାନ ଯୁଥ୍ ଫର ଭଲ୍ୟୁଂଟାରୀ ୱାର୍କ ଓ ମିଶନ ରକ୍ତଦାତା ଆନୁକୂଲ୍ୟରେ ରବିବାର ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ରକ୍ତ ଭଣ୍ଡାର ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ହାସ୍ୟ ଅଭିନେତା ଜୀବନ ପଣ୍ଡା, ବିଶିଷ୍ଟ ସମାଜସେବୀ ହରପ୍ରସାଦ ମହାପାତ୍ର, ସାମାଜିକ କର୍ମୀ ମୀର ଅହମ୍ମଦ ଅଲ୍ଲୀ ପ୍ରମୁଖ ଅତିଥି ରୂପେ ଯୋଗଦାନ କରି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ରକ୍ତଦାନ ଶିବିରରେ ପ୍ରିୟଙ୍କା ସାହୁ, କ୍ଷୀରୋଦ କୁମାର ଜେନା, ତାପସ ଦେ, ସାଗର ସାହୁ, ସୀତାଂଶୁ ଶେଖର ଦାଶ, ଦୀପକ ନୟକ, ସତ୍ୟରଞ୍ଜନ ବେହେରା, ରବୀନ୍ଦ୍ର କୁମାର ସାହୁ, ମୀର୍ ଅହମ୍ମଦ ଅଲ୍ଲୀ, ଦେବାଶିଷ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ରକ୍ତଦାନ ଶିବିରରେ ମୋଟ ୨୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଉପସ୍ଥିତ ଅତିଥିମାନେ ଏହି ରକ୍ତଦାନ ଶିବିରକୁ ପ୍ରଶଂସା କରିବା ସହ ରକ୍ତଦାନ ଜୀବନ ଦାନ, ରକ୍ତର ଅଭାବରୁ କାହରିକୁ ମରିବାକୁ ଦେବା ନାହିଁ, ରକ୍ତଦାନ ମହାପୂଣ୍ୟ ଆଦି ବାର୍ତ୍ତାର ପ୍ରସାର ପ୍ରସାର ମାତ୍ରାଧିକ ହେଲେ ସମାଜରେ ଆହୁରି ଅନେକ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବାକୁ ଆଗେଇ ଆସିବେ ବୋଲି ମତବ୍ୟକ୍ତ କରିଥିଲେ। ସାମ୍ପ୍ରତିକ ସ୍ଥିତିରେ ଥାଲାସେମିଆ ରୋଗୀଙ୍କ ସଂଖ୍ୟା ଯେଉଁଭଳି ଭାବରେ ବୃଦ୍ଧି ପାଉଛି, ସେହି ପରିମାଣରେ ରକ୍ତ ମହଜୁଦ ନଥିବାରୁ ଅନେକ ଥାଲାସେମିଆ ରୋଗୀ ମୃତ୍ୟୁବରଣ କରୁଛନ୍ତି।

# ବିବେକାନନ୍ଦ ଯୁବ ମହାମଣ୍ଡଳ ଆନୁକୂଲ୍ୟରେ ଜାତୀୟ ଯୁବ ଦିବସ

**ଯାଜପୁରରୋଡ,୧୪।୧ (ମହାଭାରତ):** ରାଛୀପୁର ବିବେକାନନ୍ଦ ଯୁବ ମହାମଣ୍ଡଳ ଆନୁକୂଲ୍ୟରେ ସ୍ୱାମୀ ବିବେକାନନ୍ଦଙ୍କ ୧୬୨ ତମ ଜନ୍ମଦିନ ତଥା ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମ ରେ ୨୦ ଟି ସ୍କୁଲ ଓ କଲେଜର ଛାତ୍ର ଓ ଛାତ୍ରୀଙ୍କ ମଧ୍ୟରେ, ବିଭିନ୍ନ ପ୍ରତିଯୋଗିତା ହୋଇଥିଲା ଏବଂ କୃତି ପ୍ରତିଯୋଗିମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କୋରେଇ ମହାବିଦ୍ୟାଳୟ, ସଂଖଚିଲା ମହାବିଦ୍ୟାଳୟ, ଇନ୍ଦିରା ଗାନ୍ଧୀ ମହାବିଦ୍ୟାଳୟ, ବ୍ୟାସନଗର ମହାବିଦ୍ୟାଳୟ ତଥା ରାଛୀପୁର ବିଦ୍ୟାଳୟ ସମୂହର ଶ୍ରେଷ୍ଠ ୧୦ ଜଣ ଛାତ୍ର ଓ ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ବ୍ୟାସନଗର ମହାବିଦ୍ୟାଳୟର



ପ୍ରାକ୍ତନ ଅଧ୍ୟକ୍ଷ ଡ଼ଃ କୁଶ ଚନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଓ ମୁଖ୍ୟ ବକ୍ତା ଭାବେ ପ୍ରଫେସର ଅଲେଖ ଚନ୍ଦ୍ର ସାମଲ ଓ ଡାକ୍ତର କୈବଲ୍ୟ କୁମାର ରଥ ଯୋଗ ଦେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ରୋଟାରୀ କଟକ ସେଣ୍ଟ୍ରାଲ ର ସଭାପତି ନଳିନୀ ମହାପାତ୍ର ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ପ୍ରଶାନ୍ତ ମହାପାତ୍ର, ଶିବାଶିଷ ସୁର ଓ ସତ୍ୟଗୋପାଳ ପରିଜା ଯୋଗ ଦେଇ ପୁରସ୍କାର ବିତରଣ ଓ ଶ୍ରେଷ୍ଠ ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରତିଯୋଗିତା ଗୁଡିକୁ ଶିକ୍ଷକ ବୈକୁଣ୍ଠ ନାଥ ଜେନା, ନିରୋଦ କୁମାର ଜେନା, ଶ୍ୟାମଳେନ୍ଦୁ ପାତ୍ର, ଅକ୍ଷୟ ଦାସ, ଦିଗନ୍ତ ରାଉତ ଓ ଦେବଦ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ସଭାପତି ସୁବାଷ ପ୍ରଧାନ, ସମ୍ପାଦକ କଳ୍ପତରୁ ସାହୁ, ଉପ ସଭାପତି ସୁବାଷ ସାହୁ, କୋଷାଧକ୍ଷ ରାଜେଶ ନାୟକ ଆଦି ମଞ୍ଚ ପରିଚାଳନା କରିଥିବା ବେଳେ ଉକ୍ତ କାର୍ଯ୍ୟକ୍ରମରେ ପ୍ରାୟ ୪୦୦ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ ଓ କ୍ଲବର ସଦସ୍ୟ ସୁକାନ୍ତ ପ୍ରଧାନ, ସୌଭାଗ୍ୟ ଗୀତିମୟ ବିଶ୍ୱାଳ, ପ୍ରସନ୍ନ ସାହୁ,ବିଜୟ ବିଶ୍ୱାଳ, ପର୍ଶୁରାମ ରାଉତ, ସୁଶୀଲ ଜେନା, ବାବାଜୀ ମଳିକ,ରାକେଶ ବଳ, ଅନିଲ ରାଉତ ସୁମନ ନାୟକ, ମୟୁରେସ ନାୟକ, ଅମର ଜ୍ୟୋତି ବିଶ୍ୱାଳ,ସାହିଲ ନାୟକ, ମୁନା ରାଉତ,ଦେବାଙ୍ଗ ପ୍ରଧାନ, ଆକାଶ ବଳ,ସତ୍ୟ ପ୍ରଧାନ, ଅଂଶୁମାନ ପ୍ରଧାନ,ମନ ପ୍ରଧାନ, ସାଇ ପ୍ରଧାନ, ସତ୍ୟପ୍ରକାଶ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ

ସବୁ ଯୋଜନା କେବଳ ଜନପସଂଖ୍ୟା ବୃଦ୍ଧି ହେତୁ ବିଫଳ ହୋଇଯାଉଛି। ୧୪୦ କୋଟି ଲୋକଙ୍କୁ ଖାଦ୍ୟ, ବସ୍ତ୍ର, ଗୃହଂ ଯୋଗାଇବା କୌଣସି ସରକାର ପାଇଁ ସମ୍ଭବ ନୁହେଁ। ୧୪୦ କୋଟି ଲୋକଙ୍କ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ନିମନ୍ତେ ଯେଉଁ ଭିତ୍ତିଭୂମିର ଆବଶ୍ୟକତା ରହିଛି, ଯେଉଁ ବିପୁଳ ଅର୍ଥ ରାଶିର ଆବଶ୍ୟକତା ରହିଛି ତାହାକୁ ବହନ କରିବା ସରକାରଙ୍କ ପାଇଁ ସମ୍ଭବ ନୁହେଁ। ଲଥିରେ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ସ୍ୱପ୍ନ ପୂରଣ ହୋଇପାରିବ ନାହିଁ। ଏଥିପାଇଁ ପ୍ରଥମ ଆବଶ୍ୟକତା ହେଲା ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିବା। ଜନସଂଖ୍ୟା ହ୍ରାସ ନହେଲେ ନାହିଁ, ଅନ୍ତତଃ ପକ୍ଷେ ଏହା ସ୍ଥିର ରହିବା ବଡ଼ କଥା ହେବ। ଏହା ଦ୍ୱାରା ବିଭିନ୍ନ ବିକାଶ ମୂଳକ ଏବଂ କଲ୍ୟାଣକାରୀ ଯୋଜନା କିଛିଟା ସଫଳ ହେବ। ଏଥିଲାଗି ଉଭୟ କେନ୍ଦ୍ର ଏବଂ ରାଜ୍ୟସରକାରମାନେ ଅନେକ ପଦକ୍ଷେପ ନେଉଛନ୍ତି। ଏ ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ନିକଟରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ମୁଖ୍ୟ ମୋହନ ଭାଗବତ ସବୁ ଦମ୍ପତି ତିନିଟା ଛୁଆ ଜନ୍ମ କରିବାକୁ ପରାମର୍ଶ ଦେଇଛନ୍ତି। ଏହା ଦେଶରେ ଏବେ ଏକ ପ୍ରକାର ବିତର୍କର ବିଷୟ ପାଲଟିଛି। ମୋହନ ଭାଗବତ କାହିଁକି ଏପରି କହିଲେ? ଏହା ଦ୍ୱାରା ଦେଶ ଏବଂ ସମାଜର କିପରି ଉନ୍ନତି ହେବ? ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ନିମନ୍ତେ ଧାର୍ଯ୍ୟ ଲକ୍ଷ୍ୟ ଏହା ଦ୍ୱାରା କିପରି ହାସଲ ହୋଇପାରିବ? ମୋହନଙ୍କ ଏହି ମତ ତାଙ୍କର ବ୍ୟକ୍ତିଗତ ମତ ନା ସଂଘର ତାହା ସ୍ପଷ୍ଟ ହୋଇନି। କିନ୍ତୁ ଏହା ସାଧାରଣ ଦୃଷ୍ଟିରୁ ଗ୍ରହଣୀୟ ମନେ ହେଉନି। ସମ୍ଭବତଃ ଭାରତରେ ହିନ୍ଦୁଙ୍କ ସଂଖ୍ୟା ବୃଦ୍ଧି ଲାଗି ମୋହନ ଏଭଳି କହିଥାଇପାରନ୍ତି। ଭାରତରେ ମୁସଲମାନଙ୍କ ସଂଖ୍ୟା ବୃଦ୍ଧିର ମୁକାବିଲା ନିମନ୍ତେ ସେ ଏପରି ଆହ୍ୱାନ କରିଥାଇପାରନ୍ତି। ଏହା ଉପରେ ସେ ସ୍ପଷ୍ଟିକରଣ ରଖିବା ଉଚିତ। ସେହିପରି ଭିନ୍ନ ଏକ ପ୍ରସଙ୍ଗରେ ମଧ୍ୟ ମୋହନେ ଭାଗବତଙ୍କ ମତ ବେଶ ଚର୍ଚ୍ଚିତ ହୋଇଛି। ଜାତି ଭିତ୍ତିକ ଜନଗଣନା ପ୍ରସଙ୍ଗ ଏବେ ଭାରତୀୟ ରାଜନୀତିରେ ଏକ ବିତର୍କ ଏବଂ ବିବାଦର ବିଷୟ ହୋଇଛି। ଏହାକୁ ବିଜେପି ବିରୋଧ କରୁଥିବା ବେଳେ ବାକି ସବୁ ଦଳ ସମର୍ଥନ କରୁଛନ୍ତି। ଭୋଟ ବ୍ୟାଙ୍କ ରାଜନୀତି ପାଇଁ ଅଧିକାଂଶ ରାଜନୈତିକ ଦଳ ଏଭଳି ଚିନ୍ତାଧାରାର ବଶବର୍ତ୍ତୀ ହୋଇଛନ୍ତି। କିଏ କାହିଁକି ଏକଥା ଉଠାଇଲା ତାହା ପ୍ରଶ୍ନବାଚୀ। କେବଳ ସମାଜକୁ ଜାତି ଭିତ୍ତିରେ ବିଭାଜିତ କରିବା ଏବଂ ଜାତିଭିତ୍ତିକ ବିଭେଦ ସୃଷ୍ଟି କରିବା ହେଉଛି ଏହା ଉଦ୍ଦେଶ୍ୟ। ଏହା ଏକ ଦେଶ ବିରୋଧୀ ଚିନ୍ତାଧାରା। ତେବେ ନିକଟରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ଏହା ଉପରେ ସ୍ୱତନ୍ତ୍ର ମତ ଉପସ୍ଥାପନ କରାଯାଇଛି। ଆରଏସଏସ ପକ୍ଷରୁ କୁହାଯାଇଛି ଯେ, ବିଭିନ୍ନ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିବାକୁ ହେଲେ ଜାତି ଭିତ୍ତିକ ଜନଗଣନାର ଆବଶ୍ୟକତା ଥାଇପାରେ। କିନ୍ତୁ ରାଜନୈତିକ ଉଦ୍ଦେଶ୍ୟ ରଖି ଏଭଳି କରାଗଲେ ତାହା ବୁମେରାଂ ହେବ। ବିଜେପିର ମତ ବି ସମାନ। ୟୁପି, ବିହାର, ତାମିଲନାଡୁ ଇତ୍ୟାଦି ରାଜ୍ୟରେ ଜାତିଗତ ରାଜନୀତି ବେଶ ଉତ୍କଟ। ତେଣୁ ସେହିସବୁ ରାଜ୍ୟର ରାଜନୈତିକ ଦଳମାନେ ଏଭଳି ଦାବି କରିବା ସ୍ୱାଭାବିକ। ଭାରତୀୟ ସମାଜରେ ସବୁଠାରୁ ବଡ଼ ଦୁର୍ବଳତା ଏବଂ ତ୍ରୁଟି ହେଲା ଜାତିଗତ ବିଭେଦ। ହଜାର ହଜାର ବର୍ଷ ହେବ ଭାରତରେ ଏହି ଜାତି ବିଭେଦ ଯୋଗୁ ଅନେକ ଅନ୍ୟାୟ ଏବଂ ଶୋଷଣର ଶିକାର ହୋଇଛନ୍ତି। ଆଶା କରାଯାଉଥିଲା ଯେ, ସ୍ୱାଧୀନତା ପରେ ସ୍ୱାଧୀନ ଭାରତରେ ଜାତିଗତ ବିଭେଦ ରହିବ ନାହିଁ ଏବଂ ସମସ୍ତ ଭାରତବାସୀ ନିଜକୁ କେବଳ ଭାରତୀୟ ବୋଲି ପରିଚୟ ପ୍ରଦାନ କରିବେ।

## ଆଖି ଥାଉ ଥାଉ ଅନ୍ଧ କିଏ, କାନ... ?

॥ ପଙ୍କଜ କୁମାର ପାଣିଗ୍ରାହୀ ॥

"ଆଇନ ପରିସର ମଧ୍ୟରେ ତଦନ୍ତ ହେବ କିନ୍ତୁ ବେଆଇନ ସମ୍ପତ୍ତିର ଠାବ ହେଲେ ମଧ୍ୟ କୌଣସି ନିଦର୍ଶନ ନମିଳିଲେ ତାହା ଆଇନ ପରିସରଭୁକ୍ତ ହେବ ନାହିଁ ଏବଂ ସମ୍ପୃକ୍ତ ଭ୍ରଷ୍ଟାଚାରୀ ନିର୍ଦ୍ଦୋଶରେ ଖଲାସ ହେବ ଏବଂ ତାର ସ୍ୱଚ୍ଛ ଭାବମୂର୍ତ୍ତି ପ୍ରକାଶ ପାଇବ । ଆଉ ଲୋକେ ତାକୁ ନେଇ କେବଳ ହାସ୍ୟାସ୍ପଦ ଚର୍ଚ୍ଚା କରିବେ ଯେ ଦେଖ କେଡେ ଚତୁର ମଣିଷଟିଏ ଯେ ଏତେ ଦୁର୍ନୀତି, ଭ୍ରଷ୍ଟାଚାର କରି କୋଟି କୋଟି ଟଙ୍କା ଆତ୍ମସାତ କରି ମଧ୍ୟ କିଛି ହେଲା ନାହିଁ ତାହାର ।

ଏତ ଯିଏ ଭଲ ଥିବା ଆଖିରେ ପଟି ବାନ୍ଧିଛି ଏବଂ କାନରେ ଚୁଷ୍ଟା ଦେଇଛି ! ନା ଆଉ କିଛି ?!

ଆଖି ଥାଇ ଅନ୍ଧ ଓ କାନ ଥାଇ କାଲାର ଅଭିନୟ କରିବା କେବଳ ଖେଳରେ ହୋଇଥାଏ କିମ୍ବା ସାଙ୍ଘାତିକ ବିପର୍ଯ୍ୟୟରେ । ସାମାଜିକ କ୍ଷେତ୍ରରେ ସାର୍ବଜନୀନ ଉଦ୍ଦେଶ୍ୟରେ ଏହି ଖେଳ ଯେ ସର୍ବସାଧାରଣଙ୍କୁ ବ୍ୟାପକ ପ୍ରଭାବିତ କରିଥାଏ ସେକଥା ପଶୁନାହିଁ କାହା ମନରେ । କି ଆଶ୍ଚର୍ଯ୍ୟର କଥା ଆମ ଦେଶର ସାମ୍ବିଧାନିକ ଆଇନ ତଥା ଲୋକଙ୍କ ଗ୍ରହଣୀୟତା । ଦେଶ ବ୍ୟାପି ସମସ୍ତେ ବୁଝୁଛନ୍ତି ଦୁର୍ନୀତି ଓ ଭ୍ରଷ୍ଟାଚାରର ପ୍ରକୋପ, କିନ୍ତୁ ସମସ୍ତେ କିଂକର୍ତ୍ତବ୍ୟ ବିମୁଢ଼ ଅବସ୍ଥାରେ । ବାଟ ଘାଟରେ, ଚ’ ଖଟିରେ, ସମ୍ମିଳନୀରେ ହେଉକି ବୈଠକରେ ସବୁଠି କେବଳ ଚର୍ଚ୍ଚା ଶୁଣିବାକୁ ମିଳୁଛି ଯେ ଭ୍ରଷ୍ଟାଚାରୀ କିଏ ଏବଂ ସେମାନଙ୍କ ଆର୍ଥିକ ହିସାବ କ’ଣ ?! ଏହିସବୁ କଥା ଆଉ ତା’ର ହିସାବ ଲୋକଙ୍କୁ ମିଳିଯାଉଅଛି, ବୁଝିଯାଉଛି କିନ୍ତୁ ଶାସନ, ପ୍ରଶାସନଙ୍କୁ ନୁହେଁ ! କହିବାକୁ ଏହା ଏକ ଗଣତାନ୍ତ୍ରିକ ରାଷ୍ଟ୍ର ଯାହା ସର୍ବସାଧାରଣଙ୍କ ନିଜସ୍ୱ ଶାସନ । କିନ୍ତୁ ସାଧାରଣ ଲୋକଙ୍କ କିଛି କରିପାରିବା ଭଳି କୌଣସି କ୍ଷମତା ନାହିଁ କି ପରିସର ! ସରକାରୀ କ୍ଷମତାଧାରୀଙ୍କୁ ତାହାର ହିସାବ ମିଳୁନି କି ବାଟ ପାଉନାହାନ୍ତି ଶାସନ କଳ ! ଅଭିଯୋଗ ଆସିଲେ ତଦନ୍ତ ହେବ ଆଉ ସେହି ତଦନ୍ତ ଯେମିତି ହେବ ସେକଥା ମଧ୍ୟ ସମସ୍ତେ ଜାଣନ୍ତି ଏବଂ ତଦନ୍ତରେ ଯାହା ବାହାରିବ ତାହାହିଁ ସର୍ବସ୍ୱ ।

ଆଇନ ପରିସର ମଧ୍ୟରେ ତଦନ୍ତ ହେବ କିନ୍ତୁ ବେଆଇନ ସମ୍ପତ୍ତିର ଠାବ ହେଲେ ମଧ୍ୟ କୌଣସି ନିଦର୍ଶନ ନମିଳିଲେ ତାହା ଆଇନ ପରିସରଭୁକ୍ତ ହେବ ନାହିଁ ଏବଂ ସମ୍ପୃକ୍ତ ଭ୍ରଷ୍ଟାଚାରୀ ନିର୍ଦ୍ଦୋଶରେ ଖଲାସ ହେବ ଏବଂ ତାର ସ୍ୱଚ୍ଛ ଭାବମୂର୍ତ୍ତି ପ୍ରକାଶ ପାଇବ । ଆଉ ଲୋକେ ତାକୁ ନେଇ କେବଳ ହାସ୍ୟାସ୍ପଦ ଚର୍ଚ୍ଚା କରିବେ ଯେ ଦେଖ କେଡେ ଚତୁର ମଣିଷଟିଏ ଯେ ଏତେ ଦୁର୍ନୀତି, ଭ୍ରଷ୍ଟାଚାର କରି କୋଟି କୋଟି ଟଙ୍କା ଆତ୍ମସାତ କରି ମଧ୍ୟ କିଛି ହେଲା ନାହିଁ ତାହାର । ଏସବୁ ଦେଖିଲେ ଛୋଟ ପିଲାଙ୍କ ବାଚଲାମୀ କିମ୍ବା ବାୟା ପାଗଳଙ୍କ ବିଚାର ଭଳି ମାନେ ହେଉଛି ଆଜି ସମୟରେ ଆମ ଦେଶର ପରିସ୍ଥିତି ଯାହା ସମସ୍ତେ ଜାଣୁଛନ୍ତି, ବୁଝୁଛନ୍ତି । ତଥାପି କାହାର କିଛି ପ୍ରତିବାଦ ନଥାଇ କୋଟି କୋଟି ଲୋକଙ୍କ ଜୀବନ ଯନ୍ତ୍ରଣାର ସୀମା ନାହିଁ । ଏସବୁ କ’ଣ ପରିବର୍ତ୍ତନ କରି ହେବ ନାହିଁ ନା ଆକାଶ ମାର୍ଗରୁ ନିର୍ଦ୍ଦେଶ ଅଛି ଏମିତି କରିବା ପାଇଁ, ବିଚାର କରି ଦେଖିବା...

ଆଜ୍ଞା ସମସ୍ତେ ଜାଣିଶୁଣି ଦୁର୍ନୀତି, ଭ୍ରଷ୍ଟାଚାର କରାଯାଉଥିବା ଏବଂ କେତେକ ଲୋକ ପର୍ଯ୍ୟାପ୍ତ ପରିମାଣର ଧନସମ୍ପତ୍ତି ଦେଶରୁ ଲୁଣ୍ଠନ କରି ନେଇ ସାଧାରଣ ଲୋକଙ୍କୁ ନିଷ୍ପେସିତ କରି ରଖିଥିବା କୌଣସି ଆଶ୍ଚର୍ଯ୍ୟଜନକ ନୂଆ କଥା ନୁହେଁ କାହା ପାଇଁ, ଏହା ସମସ୍ତେ ଜାଣନ୍ତି । ହେଲେ ତାହାର ପ୍ରତିବାଦ, ପ୍ରତିକାର ନାହିଁ କାହା ପାଖରେ, କାହିଁକି ?!! ଏହା କୌଣସି ପରି ରାଇଜର ଅଲୌକିକ କ୍ଷମତାଧାରୀଙ୍କ ଇଚ୍ଛାପ୍ରକାଶ ନୁହେଁ କି ନିର୍ଦ୍ଦେଶ ନୁହେଁ । କେବଳ ଆମ ଦେଶର ସମ୍ବିଧାନ ଇଂରେଜ ସମ୍ବିଧାନର ନକଲ ହୋଇଥିବା କାରଣରୁ ସମ୍ଭବ ହୋଇଥାଏ । ସେହି ଇଂରେଜ ଶାସିତ ସମ୍ବିଧାନରେ ଯାହାସବୁ ଲେଖା ଅଛି ତାହା କେବଳ ଶାସନ କଳରେ ରହିଥିବା ମଣିଷଙ୍କ ସ୍ୱାର୍ଥ ଉଦ୍ଦେଶ୍ୟରେ ରହି ସର୍ବସାଧାରଣଙ୍କୁ ପ୍ରତାରିତ କଲାଭଳି ସାମ୍ବିଧାନିକ ଆଇନ ଗୁଡିଏ ଯାହା ବ୍ରିଟିଶ ସେମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ କରିଥିଲା । ତେଣୁ ପ୍ରଶାସନ, ଶାସନ କଳରେ ସଂଯୋଜିତ ମଣିଷଙ୍କୁ ସୁବିଧା ଯୋଗାଇ ଦେବା ପାଇଁ ଅଭିଲିଖିତ ଆଇନ ଗୁଡିକ ଯୋଗୁଁ ଏହିସବୁ ସମ୍ଭବ ହୋଇପାରୁଛି ଆମ ଦେଶରେ । ଭାରତୀୟ ସାଂସ୍କୃତିକ ଚେତନାରେ ଆଇନ ଅଭିଲେଖ କରାଗଲେ ନିମିଷକ ମଧ୍ୟରେ ସବୁ କଳାଧନ ହେଉକି ଦୁର୍ନୀତି, ଭ୍ରଷ୍ଟାଚାର ପଦାରେ ପଡି ସଂଯୋଜିତ ଅଭିଯୁକ୍ତଙ୍କୁ ଯଥେଷ୍ଟ ଦଣ୍ଡବିଧାନ କରାଯାଇ ପାରିଥାନ୍ତା । କିନ୍ତୁ ଅଦ୍ୟାବଧି ପୂର୍ବର ସବୁ କେଳେଙ୍କାରୀ ଗୁଡିକୁ ସମୀକ୍ଷା, ସମାଲୋଚନା କରାଯାଉଥିଲେ ମଧ୍ୟ ଏହି ସାମ୍ବିଧାନିକ ଆଇନ ଗୁଡିକର କୌଣସି ସମୀକ୍ଷା, ସମାଲୋଚନା କରିନଥାନ୍ତି କୌଣସି ଶାସକ ଗୋଷ୍ଠୀ ଯାହା ସେମାନଙ୍କ ପାଇଁ ବରଦାନ ସ୍ୱରୂପ ରଖି ଯାଇଛନ୍ତି ଆମ ପୂର୍ବଜ ତଥାକଥିତ ସ୍ୱାଧୀନତା ସଂଗ୍ରାମୀ ସମୂହ । ତେଣୁ ଆମ ଦେଶ ଯେମିତି ଥିଲା ଦିନକୁ ଦିନ ତାହାଠାରୁ ନିମ୍ନଗାମୀ ହେବାଛଡା କୌଣସି ଉନ୍ନତ୍ତି କରିନାହିଁ କି କରିପାରିବ ନାହିଁ ।

ଅନ୍ୟ ଏକ ଦିଗରେ ଦେଖିଲେ ଜାଣିହେବ ଯେ ସେହି ଆଇନ ଗୁଡିକ ମଧ୍ୟରେ ଅନେକ ବ୍ୟବସ୍ଥା ରହିଥିବା ବେଳେ ନ୍ୟାୟୀକ ବ୍ୟବସ୍ଥା ବୋଲି ଗୋଟିଏ ଅଛି ଯାହା ଅତ୍ୟନ୍ତ ହାସ୍ୟାସ୍ପଦ ଅବସ୍ଥାରେ ପ୍ରଚଳିତ ଆମ ଦେଶରେ ଯାହା ସବୁ ସେହି ଇଂରେଜ ପ୍ରଣୋଦିତ ଆଇନ ମଧ୍ୟରେ ସମାହିତ । ନ୍ୟାୟାଳୟ ବୋଲି ଗୋଟିଏ ସଂସ୍ଥାପିତ କକ୍ଷର ପ୍ରବେଶ ଦ୍ୱାରରେ ଜଣେ ନିରବଛିନ୍ନ ନ୍ୟପାଳିକାଙ୍କ ପ୍ରତିମୂର୍ତ୍ତିକୁ ନମୁନା ଭାବେ ପ୍ରଦର୍ଶିତ କରି ବିଚାର କରାଯାଇଥାଏ ବିଚାରାଳୟରେ । ସେହି ପ୍ରତିମୂର୍ତ୍ତିର ନିଦର୍ଶନ ରହିଥାଏ ଯେ ଆମ ବିଚାରପତି ଜଣେ ନିରପେକ୍ଷ ମଣିଷ ଯେମିତି ସେହି ପ୍ରତିମୂର୍ତ୍ତିଟି ଦେଖିବାକୁ ହୋଇଥାଏ। ପ୍ରତିମୁର୍ତି ନ୍ୟପାଳିକାଙ୍କ ଆଖି ଆଉ କାନକୁ ଧରି ଗୋଟିଏ ପଟି ବାନ୍ଧି ରଖାଯାଇ ଅଛି ଯାହା ନିଦର୍ଶନ କାରେକି କିଛି ଦେଖି ହେଉନାହିଁ କି କିଛି ଶୁଣି ହେଉନାହିଁ । ଠିକ୍ ସେହିଭଳି ଆମ ବିଚାରପତି ଗଣ ମଧ୍ୟ କିଛି ଦେଖି ପାରୁନାହାନ୍ତି କି ଶୁଣି ପାରିନଥାନ୍ତି ଯାହା ବ୍ରିଟିଶ କେବଳ ଶିଖାଇଛି ଆମକୁ । ନହେଲେ ଏହା ଆମର ବାସ୍ତବ ଚେହେରା ନୁହେଁ । ହେଲେ ସେହି ପ୍ରତିମୁର୍ତି ଭଳି ସମ୍ପୃକ୍ତ ନ୍ୟାୟବତୀ / ନ୍ୟାୟମୂର୍ତ୍ତି ମଧ୍ୟ କାନ ଥାଇ କିଛି ଶୁଣିପାରନ୍ତି ନାହିଁ କିମ୍ବା ଆଖି ଥାଇ କିଛି ଦେଖି ପାରୁନଥିବା ନିଦର୍ଶିତ ହୋଇଥାଏ ସେହି ପ୍ରତିମୁର୍ତି ମାଧ୍ୟମରେ । ହେଲେ ନ୍ୟାୟ ମିଳେ କେମିତି ଆଉ ବିଚାରଣ ହୁଏ କେମିତି ? ଏହା ଏକ ଅଲୌକିକ ବିଷୟ ଯାହା ବୁଝିବା ସହଜ ନୁହେଁ ମୋ ଭଳି ନିର୍ବୋଧ କିମ୍ବା ଆପଣଙ୍କ ଭଳି ସାଧାରଣ ଲୋକଙ୍କ ପାଇଁ । କାରଣ ସେଗୁଡିକ ମଧ୍ୟ ସେହି ବ୍ରିଟିଶ ପ୍ରଣୋଦିତ ନିୟମ, ସୂତ୍ର ମଧ୍ୟରେ ସମାହିତ ଯାହା ତାଙ୍କ ଗୁପ୍ତ ରହସ୍ୟ ସମୟ, କ୍ଷେତ୍ରକୁ ନେଇ ।

ଶିଳ ସିଲୁପା ଗଗନେ ଉଡୁଛି ଭୁର୍ତୁଳା କହୁଛି ମତେ ଠାବ ଦେ...! ଯେତେବେଳେ ଏତେ ଶିକ୍ଷିତ ଉପରିସ୍ଥ ମଣିଷ ମାନଙ୍କୁ ସାମାଜିକ ଦାଇତ୍ୱ ଦିଆଯାଇ ସେମାନଙ୍କ ଆଖି, କାନକୁ ବାନ୍ଧିଦେଇ ଆଖି ଥାଇ ଅନ୍ଧ, କାନ ଥାଇ କାଲା କରିଦିଆଯାଇଛି ଆଉ ସାଧାରଣ ମଣିଷଙ୍କ ସ୍ଥିତି କେଉଁଠି ?! ତେଣୁ ଆମେ ସମସ୍ତେ ଆଖି ଥାଇ ଅନ୍ଧ ଏବଂ କାନ ଥାଇ କାଲା ଭଳି ଅଭିନୟ କରୁଛେ, କରୁଥିବା ! ଭ୍ରଷ୍ଟାଚାରୀ ଆମକୁ ଲୁଟୁଥିବେ ଆମେ ନିର୍ଯାତନାର ଶିକାର ହୋଇ ନିଷ୍ପେସିତ ହୋଇ ବଂଚୁଥିବା ଆମ ସହଜାତ ପ୍ରକୃତିରେ ପରିଣତ ଆମେ ଏକ ଅଲୌକିକ ତନ୍ତ୍ରର ପରାଧୀନ ନାଗରିକ ଭାବେ ଅନ୍ତତଃ ବଂଚିବାର ସୁଯୋଗ ମିଳୁଥିବା ହେତୁ ନିଜକୁ କୃତଜ୍ଞ କରି ଚଳିଥିବା କେବଳ ଭାରତ ମାତାଙ୍କ ଜୟଗାନ କରି । ଆଉ ଅଧିକ ଭାବିଲେ ଯେ ଜୀବନ ଆମର ଆହୁରି କଠୋର ହେବ ସେଇଥିରେ କୌଣସି ସନ୍ଦେହ ନାହିଁ ଯାହା ସାଧାରଣରେ ସମସ୍ତେ ଜାଣୁଛନ୍ତି, ବୁଝୁଛନ୍ତି ମଧ୍ୟ। ତେଣୁ ଜଣେ ଉତ୍ତମ ନାଗରିକର ଆଖ୍ୟା ପାଇବାକୁ ହେଲେ ମୁଖର ଲଜ୍ଜାକୁ କାଢି ପଛରେ ପୋଛି ସମସ୍ତେ ନିଜକୁ କାନ ଥାଇ କାଲା ଆଖି ଥାଇ ଅନ୍ଧ ଭଳି ପରିଚାଳିତ କରି ଚଳିବା ଶିକ୍ଷା କରିବା ହିଁ ଶ୍ରେୟ ଆଜି ସମୟରେ ଯାହା ଆମ ଦେଶର ପରିସ୍ଥିତି ପରିବେଶ ଆମକୁ ଶିକ୍ଷା ଦେଉଛି ବୋଲି ଆମ ବିଚାରରେ ଆପଣଙ୍କ ଅନୁଭବ କ’ଣ ...??!


ଛତ୍ରପୁର, ଗଂଜାମ-୭୬୧୦୨୦

ଦୂରଭାଷ.: ୯୪୩୭୩୨୪୯୧୭.


## ଜୀବନର ପ୍ରବାହ

॥ ଅନୀତା ପଟ୍ଟନାୟକ ॥

ଛୋଟ ପିଲା ଦିନେ ଆମ ଘର ଆଗରେ ଗୋଟିଏ ଗଛରେ ଦୁଇଟି ଗୋବରା ଚଢ଼େଇ ରହୁଥିଲେ ଓ ତାଙ୍କ ନୀଡ଼ରେ ଦୁଇଟି ସୁନ୍ଦର ଛୁଆ ଦେଇଥିଲେ। ପକ୍ଷୀ ଦମ୍ପତିଙ୍କର ଫେରିବାର ସମୟ ହେଲେ ଛୁଆ ଚଢ଼େଇ ଗୁଡ଼ିକ ବ୍ୟତିବ୍ୟସ୍ତ ହୋଇ ରାବି ଉଠୁଥିଲେ। ଏହାର ଉଦ୍ଦେଶ୍ୟ ଜାଣିବା ପାଇଁ ମୁଁ ବାପାଙ୍କୁ ପଚାରିବାରୁ ବାପା କହିଲେ ପିଲାଗୁଡ଼ିଙ୍କର ଖାଇବା ସମୟ ହୋଇଯାଇଥିବାରୁ ଚଢ଼େଇ ଦମ୍ପତି ସେମାନଙ୍କର ଥଣ୍ଟରେ ଆଣିଥିବା ଖାଦ୍ୟକୁ ପିଲାମାନଙ୍କୁ ଦେବେ ଓ ସେମାନେ ଶାନ୍ତ ହୋଇ ରହିବେ। ସେ ଦିନ ମୁଁ ଜାଣି ପାରିଲି ଚଢ଼େଇ ଦମ୍ପତି ସକାଳୁ ଖାଦ୍ୟ ଅନ୍ୱେଷଣରେ ବାହାରି ଯାଆନ୍ତି। ସ୍କୁଲ ଯିବା ବୟସ ହେବାରୁ ଦେଖିଲି ମୋର ପିତାମାତା ଖୁବ ବ୍ୟସ୍ତ ହୋଇ ଘରର ସମସ୍ତଙ୍କ ପାଇଁ ରନ୍ଧାରନ୍ଧି କରି ମତେ ସ୍କୁଲରେ ଛାଡ଼ି ଅଫିସକୁ ଯାଉଥିଲେ ଓ ମୋର ଛୁଟି ହେବାପରେ ମତେ ଘରକୁ ଧରି ଫେରୁଥିଲେ। ବେଶ କିଛିଦିନ ଅନୁଧ୍ୟାନ କରି ଜାଣିଲି ଯେ ମୋର ପିତାମାତା ପିଲାଦିନେ ଦେଖିଥିବା ଚଢ଼େଇ ଦମ୍ପତ୍ତିଙ୍କ ପରି ସବୁଦିନ ଖାଦ୍ୟ ଅନ୍ୱେଷଣରେ ଧାଉଁଛନ୍ତି। ଦିନେ ଦେଖିଲି କଳାଜନ୍ଦାମାନେ ଗୋଟିଏ ଧାଡ଼ି ହୋଇ ସମସ୍ତ ଛୋଟବଡ଼ ଜନ୍ଦା ମା’ ରଖିଥିବା ଚିନି ଡବାରୁ ଗୋଟିଏ ଗୋଟିଏ ଚିନିଦାନା ଧରି ଖୁବ ଜୋରରେ ଗୋଟିଏ ଗାତ ଆଡ଼କୁ ଚାଲିଯାଉଛନ୍ତି। ସେ ଦିନ ଜାଣିଲି ଜନ୍ଦା ଓ ପିମ୍ପୁଡ଼ି ମଧ୍ୟ ସବୁଦିନ ଖାଦ୍ୟ ଅନ୍ୱେଷଣରେ ବାହାରି ଯାଆନ୍ତି। ଆମଘରେ ଥିବା ଗାଈକୁ ବାପା ସକାଳୁ ଖୋଲି ଦିଅନ୍ତି। ସେ ମଧ୍ୟ ଖାଦ୍ୟ ଅନ୍ୱେଷଣରେ ବାହାରି ଯାଇ ସନ୍ଧ୍ୟାରେ ତାର ବାଛୁରୀ ପାଖକୁ ଫେରିଆସେ। ଦେଖିଲି ସାପ, ମାଙ୍କଡ, ବିଲେଇ, ସମସ୍ତେ ଖାଦ୍ୟ ଅନ୍ୱେଷଣରେ ଦିନସାରା ବ୍ୟସ୍ତ।

ଦିନେ ମୁଁ ରାସ୍ତାରେ ଯାଉଥିବା ସମୟରେ ଦେଖିଲି ଅନେକ ସରକାରୀ, ବେସରକାରୀ ଆଧାତ୍ମିକ ସଂସ୍ଥା ଏକ ବା ବିଭିନ୍ନ ପ୍ରକାରର ସେବାକାର୍ଯ୍ୟରେ ଲିପ୍ତ। ଏସବୁ ସେବା ମଧ୍ୟରୁ କେଉଁଟି ସବୁଠାରୁ ଉତ୍ତମ ତାହା ମୋର ଜାଣିବାକୁ ଇଚ୍ଛା ହେଲା। ମା, ବାପା, ଶିକ୍ଷକ ସମସ୍ତେ କହିଲେ ସବୁ ସେବା ସମାନ। ମୋର ମନରେ ପ୍ରଶ୍ନ ଉଠିଲା ଯଦି ସବୁ ସେବା ସମାନ ତେବେ ଏତେ ପ୍ରକାର ସଂସ୍ଥା ଦ୍ୱାରା କାହିଁକି ସେବା କରାଯାଉଛି? ସବୁ ସେବାକାର୍ଯ୍ୟ ସମାନ ଭାବରେ ପବିତ୍ର ଓ ହିତକାରକ କି? ଏପରି ପ୍ରଶ୍ନ ମନରେ ଥିବା ସମୟରେ ମୋର ପିତାଙ୍କ ସହିତ ମୁଁ ଜଣେ ଗେରୁଆ ବସ୍ତ୍ର ପିନ୍ଧିଥିବା ସାଧୁଙ୍କ ପାଖକୁ ଯାଇଥିଲି। ବାପା ଆଶ୍ରମରେ ଅନ୍ୟ ମାନଙ୍କ ସହିତ କଥୋପକଥନ କରୁଥିବା ସମୟରେ ମୁଁ ସାଧୁ ବାବାଙ୍କୁ ମୋର ମନର କଥାକୁ କହିଥିଲି। ସେ ମତେ କହିଥିଲେ କ୍ଷମତା ଲେଭି କ୍ଷମତା ଲୋଭରେ ଯେଉଁ ସେବା କରନ୍ତି ବା ବାଧ୍ୟତାମୂଳକ ଭାବେ ଲୋକ ଦେଖାଣିଆ ପାଇଁ ଯେଉଁ ସେବାକାର୍ଯ୍ୟ କରାଯାଏ ତାହା ଲାଭ ଅପେକ୍ଷା ଅନେକ ହାନିକାରକ ହୋଇଥାଏ। କ୍ଷମତା ଲୋଭୀମାନେ ଯେଉଁ କର୍ମଶାଳା ସେବାର ପ୍ରଶିକ୍ଷଣ ପାଇଁ ଖୋଲିଥାନ୍ତି ତାହା ଦୋକାନ ସଦୃଶ ଦୃଷ୍ଟି ଆକର୍ଷଣ ଓ ସାଜସଜ୍ଜା କରି ଲୋକଙ୍କୁ ଆକୃଷ୍ଟ କରିଥାନ୍ତି। ଧୂର୍ତ୍ତ ପ୍ରଚାରରେ କ୍ଷଣସ୍ଥାୟୀ ଫଳ ମିଳେ ଏହା ପରିବେଶକୁ ନୈରାଶ୍ୟ ଓ ବିଫଳତା ଦିଏ। ମୋର ମୁଣ୍ଡକୁ ଆଉଁସି ଦେଇ ଗୁରୁଦେବ କହିଲେ କୌଣସି ସ୍ୱାର୍ଥ ନଥାଇ ପ୍ରେମପୂର୍ଣ୍ଣ ସେବା କୁ ହିଁ ପ୍ରକୃତ ସେବା କୁହାଯାଏ।

ସେ କହିଲେ ସେବା ପାଇଁ ହୃଦୟରେ ଭାବ, ମସ୍ତିଷ୍କରେ ବୁଦ୍ଧି ଓ ହାତରେ ଶକ୍ତି ଦରକାର। ହୃଦୟରେ ନିଃସ୍ୱାର୍ଥପର ପ୍ରେମ, ବିନମ୍ରତା ଆବଶ୍ୟକ। ଯେତେବେଳେ ମନ, ବୁଦ୍ଧିମତାପୂର୍ଣ୍ଣ ବିଚାରଶକ୍ତି ସହ ସମସ୍ୟା ଓ ତାର ସମାଧାନ ବିଷୟକ ଜ୍ଞାନପାଏ ଓ ହସ୍ତ ଉପଶମକାରୀ ସ୍ପର୍ଶରେ ଆଗ୍ରହ ଓ ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ସମୟ, ଶକ୍ତି ଓ ଦକ୍ଷତାକୁ ଆନନ୍ଦର ସହ ବିନିଯୋଗ କରେ, ତାହା ସେବାକାର୍ଯ୍ୟରେ ପରିଣତ ହୁଏ। ସେବା ପାଇଁ ଭଗବତ ବିଶ୍ୱାସ ଅନିର୍ବାର୍ଯ୍ୟ। ସବୁ ମଣିଷ ଜୀବଜଗତ ଭଗବାନଙ୍କ ଅଂଶ। ସେମାନଙ୍କର ମୂଳସ୍ଥିତି ଓ ପ୍ରଗତି ସବୁ ଭଗବାନଙ୍କ ଭିତରେ, ଭଗବାନଙ୍କ ଦ୍ୱାରା ଓ ଭଗବାନଙ୍କ ନିମନ୍ତେ ଉଦ୍ଦିଷ୍ଟ ହେବା ଉଚିତ। ସେବା ପାଇଁ ସ୍ୱାର୍ଥଶକ୍ତିରୁ ମୁକ୍ତ ହେବା ଆବଶ୍ୟକ।

ସେ ଦିନ ଜାଣି ପାରିଲି ଇତର ଜଗତର ପ୍ରାଣୀମାନେ ଖାଦ୍ୟ ଅନ୍ୱେଷଣରେ ବାହାରୁଥିଲେ ମଧ୍ୟ ସେମାନଙ୍କର ଚିନ୍ତା ନିଃସ୍ୱାର୍ଥପର କିନ୍ତୁ ମଣିଷର ଖାଦ୍ୟ ଅନ୍ୱେଷଣ ପଛରେ ସ୍ୱାର୍ଥ ନିବିଡ଼ ଭାବରେ ଜଡ଼ିତ। ସେ ମତେ କିଛି ସମୟ ପାଇଁ ତାଙ୍କର ଅଲୌକିକ ଶକ୍ତି ମତେ ଦେଖାଇଥିଲେ। ମୁଁ ଦେଖିଲି ଗୁରୁଦେବ ଓ ମୁଁ କିଛି ସମୟ ପାଇଁ ଆକାଶ ମାର୍ଗରେ ବୁଲୁଚୁ। ତଳେ ପୃଥିବୀରେ ମୋର ସାଙ୍ଗସାଥୀ, ବାପା, ମାଆ, ବନ୍ଧୁବାନ୍ଧବ, ପ୍ରାଣୀଜଗତ ସମସ୍ତେ ଖାଦ୍ୟ ଅନ୍ୱେଷଣରେ ବ୍ୟସ୍ତ ସେ ମତେ କହିଲେ ଜୀବନ ଅର୍ଥ ଖାଦ୍ୟ ଅନ୍ୱେଷଣ ନୁହେଁ, ଏହାଠାରୁ କିଛି ଅଧିକ ମତେ କହିଲେ ଚାଲ ମୋ ସହିତ ଯିବୁ ମୁଁ ତତେ ଜୀବନର ପ୍ରକୃତ ଉଦ୍ଦେଶ୍ୟ ପାଖକୁ ନେଇଯିବି ମୁଁ କହିଲି ମୋ ବିନା ମୋର ପିତାମାତା, ବନ୍ଧୁବାନ୍ଧବ ସମସ୍ତେ ବ୍ୟସ୍ତ ହୋଇପଡ଼ିବେ। ମୋର ଅନେକ କାର୍ଯ୍ୟ ବାକିଅଛି ମତେ ଛାଡ଼ିଦିଅ। ଆଖି ଖୋଲି ଦେଖେ ତ ଗୁରୁଦେବ ଆଖି ବନ୍ଦ କରି ବସିଛନ୍ତି। ଅନେକ ଭକ୍ତ ତାଙ୍କୁ ଘେରି ବସିଛନ୍ତି। ମୋର ବାପା ମୋ ନିକଟରେ ବସିଛନ୍ତି। ଚାରି ଆଡ଼କୁ ଚାହିଁ ଦେଖିଲି ଗୁରୁଦେବଙ୍କ ଛଡ଼ା ମୋ ସହିତ ଆଉ କିଏ କଥାବାର୍ତ୍ତା କରୁଥିଲେ କି? ପ୍ରକୃତିସ୍ଥିତ ଚିତ୍ତରେ ହୃଦୟଙ୍ଗମ କଲି ପ୍ରକୃତରେ ମୋ ସହିତ କଥାବାର୍ତ୍ତା କରୁଥିବା ଲୋକଟି ଗୁରୁଦେବ ନଥିଲେ ମୋ ଭିତରେ ଥିବା କିଛି ଏକ ଚେତନଶକ୍ତି ମୋ ସହିତ କଥାବାର୍ତ୍ତା କରୁଥିଲା। ସେ ମତେ କହିଥିଲା ଜୀବନ କ୍ଷଣ ଭଙ୍ଗୁର, ଖାଦ୍ୟକୁ ଅନ୍ୱେଷଣ ପାଇଁ ଉଦ୍ଦିଷ୍ଟ ନୁହେଁ। ନିଃସ୍ୱାର୍ଥପର ଓ ସେବା ମାଧ୍ୟମରେ ତୁ ମତେ ପାଇ ପାରିବୁ।


ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬


## ଯେପରି କହୁଛ ସେପରି କର

॥ ଅନୀତା ପଟ୍ଟନାୟକ ॥

ମଣିଷର ଆଶା ହେଉଛି ଏକ ଭାବ, ଯାହାକି ତାର ଜୀବନକୁ ଚଳଚଞ୍ଚଳ କରାଇଥାଏ। ମନୁଷ୍ୟ ଭଲ ଭାବେ ଜାଣିଥାଏ ଯେ ସଂକୁଚିତ ପ୍ରେମ ଅର୍ଥ ପ୍ରେମହୀନତା। ମନୁଷ୍ୟ କଥା, କର୍ମ ଓ ବଚନରେ ସମନ୍ୱୟ ରକ୍ଷା କରିପାରୁନଥିବାରୁ ସେ ଅନ୍ୟମାନଙ୍କ ବିଶ୍ୱସ୍ତ ଓ ପ୍ରିତୀଭାଜନ ହୋଇପାରିନଥାଏ। ଆମ ମାନଙ୍କୁ ଭଗବାନଙ୍କର ଏକ ଆୟୁଧ ହେବାକୁ ପଡ଼ିବ, କାରଣ ସେ ଆମ ମାନଙ୍କ ମଧ୍ୟରେ, ଆମ ମାନଙ୍କ ଦ୍ୱାରା ସଂସାରରେ ସଂସ୍କାର ଆଣିଥାନ୍ତି।

ସଂସ୍କାରବାବୁ ଗୋଟିଏ ସହରରେ ଜଣେ ପରିଚିତ ଓକିଲ ଥିଲେ। ସେ ଭଗବାନଙ୍କର ଭକ୍ତି ‘ତୁମେ କେବଳ ନିମିତ୍ତ ହୁଅ ଓ ମୋର ଆୟୁଧ ହୁଅ ଏବଂ ମୁଁ ତୁମ ମାଧ୍ୟମରେ ସଂସାରରେ ସଂସ୍କାର ଆଣିବି’। ଏହାକୁ ଜୀବନର ମୂଳମନ୍ତ୍ର ଧରି ଓକିଲାତି ବୃତ୍ତି କରୁଥିଲେ। ରାଜେଶ ତାଙ୍କର ଏକମାତ୍ର ପୁତ୍ର ପିଲାଦିନେ ଦେଖିଛି ତାର ବାପା କିପରି ପରିଶ୍ରମୀ ଓ ଦୟାଳୁ ଥିଲେ। ଥରେ ରାଜେଶ ତାର ପିତାମାତାଙ୍କ ସହିତ ଫୁଲବାଣୀର ଏକ ପର୍ଯ୍ୟଟନସ୍ଥଳୀକୁ ବୁଲି ଯାଇଥିଲା। ସେ ଓ ତାର ମାଆ ଜଙ୍ଗଲର ଶୋଭା ଓ ଫୁଲର ସୁଗନ୍ଧକୁ ଦେଖି ଓ ବାରି ଖୁସି ହେଉଥିବା ସମୟରେ ସଂସ୍କାର ବାବୁ କିଛି ସମୟ ପାଇଁ ହଜିଯାଇଥିଲେ। କିଛି ସମୟ ପରେ ସେ ରାଜେଶ ଓ ତାର ମାଆ ପାଖକୁ ଫେରିବାରୁ ରାଜେଶର ମାଆ ‘ତୁମେ କୁଆଡ଼େ ଯାଇଥିଲ’ ବୋଲି ପ୍ରଶ୍ନ କରିଥିଲେ। ସଂସ୍କାର ବାବୁ କହିଥିଲେ, ତୁମ ମାନଙ୍କ ଠାରୁ ଦୂରେଇ ଯାଇ କିଛି ବାଟ ଯିବା ପରେ ଦେଖିଲି ଗତକାଲିର ଭୀଷଣ ବର୍ଷା ଓ ପବନରେ ଦୁଇଟି ଚଢ଼େଇ ଛୁଆ ମାଟିରେ ପଡ଼ିଛନ୍ତି। ସେମାନଙ୍କର ନୀଡ଼ ଭାଙ୍ଗି ଯାଇଛି। ସେହି ଦୁଇଟି ପକ୍ଷୀଙ୍କୁ ଉଠାଇ ଗଛରେ ଝୁଲୁଥିବା ଆଉ ଏକ ନୀଡ଼ରେ ସେମାନଙ୍କୁ ପୁନଃ ପ୍ରତିଷ୍ଠା କରିବା ପାଇଁ କିଛି ସମୟ ଲାଗିଗଲା। ସେଥିପାଇଁ ମୋର ତୁମ ମାନଙ୍କ ପାଖକୁ ଫେରିବାକୁ ଡେରିହେଲା। ସଂସ୍କାର ବାବୁ ରାଜେଶକୁ ସବୁବେଳେ ସତ କହିବା ପାଇଁ, ଚୋରି ନକରିବା ପାଇଁ ଶିକ୍ଷା ଦେଉଥିଲେ। ସେ କହୁଥିଲେ ମଣିଷ ତାର ଆଶାକୁ ନେଇ ବଞ୍ଚେ। ଆଶା ଆମର ଜୀବନକୁ ଚଳଚଞ୍ଚଳ କରୁଥିଲେ ମଧ୍ୟ ଆମର ଆଶାକୁ ପୂରଣ କରିବାକୁ ଯାଇ ଆମେ ଅନ୍ୟ କାହାର କ୍ଷତି କରିବା ଉଚିତ ନୁହେଁ। ଆମେ ବିଶ୍ୱସ୍ତ ହେବା ରାଜକୀୟ ନୁହେଁ ଇତ୍ୟାଦି ଇତ୍ୟାଦି।

ଦିନେ ରାଜେଶ ତାର ବାପାଙ୍କ ସହ ଗୋଟିଏ ଡେଜରାତି ଦୋକାନକୁ ବୁଲିଯାଇଥିବା ସମୟରେ ସମସ୍ତଙ୍କର ଅଲକ୍ଷ୍ୟରେ ଗୋଟିଏ ସୁନ୍ଦର ଗୋଲାକାର ଆଲୁଟିଏ ଉଠାଇ ଆଣିଥିଲା। ମାଆ ଏହାକୁ ଦେଖି ପାଟି କରିବାରୁ ବାପା ତାକୁ ଟାଣି ଟାଣି ନେଇ ଦୋକାନରେ ଆଲୁଟିକୁ ଫେରାଇଥିଲେ ଓ ରାଜେଶକୁ ଦୋକାନ ମାଲିକଙ୍କୁ କ୍ଷମା ମାଗିବାକୁ କହିଥିଲେ। ତେଣୁ ରାଜେଶର ପିଲା ଦିନର ଆଖିରେ ତାର ବାପା ଥିଲେ ନ୍ୟାୟବନ୍ତ, ଦୟାଳୁ, ସତ୍ୟବନ୍ତ ଓ ବିଶ୍ୱସ୍ତ। ସେ ଭାବୁଥିଲା ତାର ବାପା ସମସ୍ତଙ୍କୁ ପ୍ରେମ କରନ୍ତି ଓ ସେ ସଙ୍କୁଚିତ ପ୍ରେମରେ ବିଶ୍ୱାସ ରଖନ୍ତି ନାହିଁ। ତେଣୁ ସେ ବଡ଼ ହୋଇ ଓକିଲାତି ଶିକ୍ଷାକରି ବଡ଼ ଓକିଲା ହେବା ପାଇଁ ମନରେ ସ୍ଥିର କରିନେଲା। କିନ୍ତୁ ଏ କ’ଣ? ବଡ଼ ହୋଇ ସେ ଦେଖିଲା ତାର ବାପାଙ୍କର କଥା, କର୍ମ ଓ ବଚନରେ ସମନ୍ୱତା ନାହିଁ। ଦିନେ ସହରର ଜଣେ ଧନୀ ବ୍ୟକ୍ତି ରାଜେଶର ବାପାଙ୍କୁ ପୁଳାଏ ଟଙ୍କା ଦେଇ ଧନ୍ୟବାଦ ଅର୍ପଣ କଲେ। କାରଣ ସଂସ୍କାର ବାବୁ ଗୋଟିଏ ବିଧବା ବୁଢ଼ୀର ସମ୍ପତ୍ତିକୁ ଉକ୍ତ ଧନୀକବ୍ୟକ୍ତିଙ୍କର ନାମରେ ବିଚାରାଳୟରେ କରାଇ ପାରିଥିଲେ। ଧନୀକ ବ୍ୟକ୍ତି ଉକ୍ତ ବିଧବା ବୁଢ଼ୀର ଯାଗାରେ ବ୍ୟାଙ୍କରୁ ଋଣ ନେଇ ଗୋଟିଏ ସୁନ୍ଦର ହୋଟେଲ ତିଆରି କରିବାକୁ ଯୋଜନା କରିଥିଲେ। ରାଜେଶ ଭାବୁଥିଲା ଏ କ’ଣ ମୋର ସେଇ ପିତା ଯେ ଦିନେ ଫୁଲବାଣୀ ଜଙ୍ଗଲରେ ନୀଡ଼ରୁ ଖସି ପଡ଼ିଥିବା ପକ୍ଷୀ ମାନଙ୍କୁ ଏକ ନୀଡ଼କୁ ଫେରାଇ ଦେଇ ପାରିଥିଲେ। ସଂସ୍କାର ବାବୁ କିଛି ଦିନ ପରେ ସତମିଛ କହି ଯୋଗାଡ଼ କରିଥିବା ଟଙ୍କାରେ ଏକ ଦାମୀକାର କିଣିଥିଲେ ଓ ରାଜେଶକୁ କହିଥିଲେ ତୋର ଓକିଲାତି ଜୀବନର ଆରମ୍ଭରେ ମୋ ତରଫରୁ ତୋ ପାଇଁ ଏକ ଉପହାର। ରାଜେଶ ଭାବିଲା ବାପା ମୋର ବିଶ୍ୱସ୍ତ ନା ରାଜକୀୟ ଯଦି ସେ ବିଶ୍ୱସ୍ତ ତେବେ କାହାର ସେ ବିଶ୍ୱସ୍ତ? ତାଙ୍କର କେଉଁ ଆଶା ତାଙ୍କର ଜୀବନକୁ ଚଳଚଞ୍ଚଳ କରାଉଛି? ସେ ଜାଣିପାରିଲା ତାର ବାପା ଯାହା କୁହନ୍ତି, ଯାହା ଚିନ୍ତା କରନ୍ତି ତାକୁ ସେ କାର୍ଯ୍ୟରେ ପରିଣତ କରାନ୍ତି ନାହିଁ। ସେ ବଡ଼ ଓକିଲ ହୋଇପାରନ୍ତି କିନ୍ତୁ ସେ ଜଣେ ଖଚୁଆ, ମିଛୁଆ ଓ ପଇସା ରୋଜଗାର କରୁଥିବା ଏକ ମେସିନ।

ଦିନେ ଏହାର ଉତ୍ତର ପାଇବା ପାଇଁ ରାଜେଶ ବାପାଙ୍କ ଆଗରେ ଆସି କହିଲା ମୁଁ ଏପରି ବ୍ୟବସାୟ କରି ପାରିବି ନାହିଁ। ତୁମେ ମତେ ସତ୍ୟପଥରେ ଚାଲିବା ପାଇଁ ପିଲାଦିନୁ ଶିଖାଇଥିଲ କିନ୍ତୁ ଏ ବ୍ୟବସାୟ ସଂପୂର୍ଣ୍ଣ ଓଲଟା। ବାପା ରାଜେଶକୁ କହିଲେ ‘ଯେଉଁମାନେ ସତ୍ୟଧର୍ମ ଅହିଂସା ପଥରେ ଚାଲନ୍ତି, ସେମାନେ ଆଣ୍ଠୁ ଲୁଚୁନଥିବା ଧୋତି ପରିଧାନ କରି ଖାଲି ଦେହରେ ତୃତୀୟ ଶ୍ରେଣୀ ଡବାରେ ଟ୍ରେନରେ ଯାତ୍ରା କରନ୍ତି। ସେମାନେ ବିରାଟ ମଣିଷ ହୋଇପାରନ୍ତି କିନ୍ତୁ ଓକିଲାତି ପାଇଁ ନୁହେଁ। ଓକିଲାତି ଏକ ବ୍ୟବସାୟ। ମାଂସ କଟାଳୀ ଯେପରି ଜୀବକୁ ହତ୍ୟାକରି ଏହାକୁ ମହାପାପ ବୋଲି ଜାଣି ମଧ୍ୟ ସେ ତାର ପରିବାର ପ୍ରତିପୋଷଣ କରିଥାଏ। ସେହିପରି ଓକିଲାତିରେ ଦୁଇଟି ପକ୍ଷ ଥାନ୍ତି। ଜଣେ ମିଛ କୁହେ ଜଣେ ସତ କୁହେ ସେ ସତ ମିଛ ମଧ୍ୟରୁ ସତ ବାଛିବାର ଦାୟିତ୍ୱ ବିଚାରପତିଙ୍କର। ଓକିଲ ତାର ପେଶା ଓ ପକ୍ଷ ପାଇଁ ଆଇନଟିକୁ ତା ସପକ୍ଷରେ ବାଢ଼ି ଥାଏ। ଏସବୁ ଶୁଣିବା ପରେ ରାଜେଶର ମନ ଏଥିରେ ବୁଝି ନଥିଲା। ତାର କାନରେ ସ୍କୁଲ ଦିନର ପ୍ରାର୍ଥନା ‘ସତ୍ୟ ପଥେ ଧର୍ମ ପଥେ ଘେନି ଯାଅ ମତେ, ଭଷାଅ ପରାଣ ମୋର ତବ ପ୍ରେମ ସ୍ରୋତେ ଝଙ୍କୁରିତ ହେବାକୁ ଲାଗିଲା। ତାର ଭକ୍ତିମତୀ ମାଆ ଘରେ ଠାକୁରଙ୍କ ପାଖେ ହାତଯୋଡ଼ାଇ ତାକୁ କିପରି ଶିକ୍ଷା ଦେଇଥିଲେ ଯେ ‘ଯାହା ମୁଁ କହଇ, ଯାହା ମୁଁ କରାଇ ଯାହା ମୁଁ ଚିନ୍ତଇ ମନେ, ଜଗତର କର୍ତ୍ତା ପରମେଶ୍ୱର ଜାଣୁଛନ୍ତି ପ୍ରତିକ୍ଷଣେ। ତାର ମନେ ପଡ଼ିଲା ଏହାମଧ୍ୟ ତାର ମନେପଡ଼ିଲା ତାକୁ କିପରି ପିଲାଦିନେ ଶିକ୍ଷା ଦିଆଯାଇଥିଲା। ’ମତେ ଏତିକି ଶିଖାଅ ସାଇଁ ହେ ମୋର ଧନଜନ ଲୋଡ଼ା ନାହିଁ ହେ’। ତେଣୁ ସେ ଓକିଲାତି ନକରିବା ପାଇଁ ଦୃଢ଼ ସିଦ୍ଧାନ୍ତ ନେଲା ଓ ଏକ ବିଚାରପତି ହେବ ବୋଲି ତାର ବାପାଙ୍କୁ ରୋକଠୋକ ଶୁଣାଇ ଦେଲା। ବାପା ଅବାକ ହୋଇ ଆକାଶକୁ ଚାହିଁ ରହିଲେ। ପୁରୁଣା ବଙ୍ଗାଳୀ କବିତାଟିଏ ତାଙ୍କର ମନେ ପଡ଼ିଲା ‘ତୁମି ଏକଲା ଚଲୋରେ’।


ଦୂରଭାଷ : ୯୬୯୨୯୮୦୦୨୬

## ପବିତ୍ର ମକର ସଂକ୍ରାନ୍ତି ରେ ଜଗନ୍ନାଥ ଙ୍କ ଦର୍ଶନ ପାଇଁ ଭକ୍ତଙ୍କ ସମାବେଶ



ଗଞ୍ଜାମ(ମହାଭାରତ): ଆଜି ପବିତ୍ର ମକର ସଂକ୍ରାନ୍ତି ଅବସରରେ ଶ୍ରୀଜିଉଙ୍କ ଙ୍କ ବେଶ ଦେଖିବାକୁ ଭକ୍ତଙ୍କ ଭିଡ଼ ଆଜି ପବିତ୍ର ମକର ସଂକ୍ରାନ୍ତି । ଭାରତର ସବୁ ପ୍ରାନ୍ତରେ ଏହାକୁ ଭିନ୍ନ ଭିନ୍ନ ନାମରେ ପାଳନ କରାଯାଏ । ଉତ୍ତର ଭାରତରେ ଏହାକୁ ଲୋହରୀ କୁହାଯାଉଥିବା ବେଳେ ଦକ୍ଷିଣ ଭାରତରେ ଏହାକୁ ପୋଙ୍ଗଲ ବୋଲି କୁହାଯାଏ । ମକର ସଂକ୍ରାନ୍ତିରେ ଆଜି ଜଗନ୍ନାଥ ଙ୍କ ଦର୍ଶନ ପାଇଁ ବହୁ ସମାଗମ ହୋଇଥିବାର ଦେଖିବାକୁ ମିଳିଛି। ବିଶେଷ କରି ମକର ସଂକ୍ରାନ୍ତି ପାଇଁ ଆଜି ଘରେ ଘରେ ପ୍ରସ୍ତୁତ ହେଉଛି ମକର ଚାଉଳ। ଲୋକମାନେ ଘରେ ଏହି ମକର ଚାଉଳକୁ ଠାକୁରଙ୍କ ପାଖରେ ଭୋଗ ଲଗାଇବା ସହ ମନ୍ଦିର ମାନଙ୍କରେ ମଧ୍ୟ ସ୍ୱତନ୍ତ୍ର ଆୟୋଜନ କରାଯାଉଛି । ମକର ସଂକ୍ରାନ୍ତି ସମୟରେ ଓଡ଼ିଶାରେ ଧାନ, ଆଖୁ ଆଦି ନୂଆ ଫସଲ ଅମଳ ହୋଇଥାଏ । ତେଣୁ ଏହିଦିନ ନୂଆ ଧାନରୁ ପ୍ରସ୍ତୁତ ଅରୁଆ ଚାଉଳ, ଗୁଡ଼, ଛେନା, ନଡ଼ିଆ, କଦଳୀ, ଘିଅ, କ୍ଷୀର, ସମୂହ ମିଶ୍ରଣରେ ମକର ଚାଉଳ ଭୋଗ କରି ପ୍ରଥମ ଭୋଗ ଜଗନ୍ନାଥ ଙ୍କୁ ସମର୍ପଣ କରିବା ପାଇଁ ଜଗନ୍ନାଥ ଙ୍କ ମନ୍ଦିର ରେ ଭକ୍ତ ବହୁ ସମାଗମ ହୋଇଥିବାର ଆଜି ଦେଖିବାକୁ ମିଳିଛି।

## କନ୍ଧମାଳ-ରାୟଗଡ଼ା ଜିଲ୍ଲା ମଧ୍ୟରେ ବସ୍ ଚଳାଚଳ ବିବାଦ

ରାୟଗଡ଼ା/ବିଷମ କଟକ/ମୁନିଗୁଡା(ମହାଭାରତ) : ଗତ ୧୨ ତାରିଖରେ କନ୍ଧମାଳ ଓ ରାୟଗଡ଼ା ଜିଲ୍ଲା ମଧ୍ୟରେ ଘରୋଇ ବସ ଚଳାଚଳ ଉପୁଜିଥିବା ବିବାଦକୁ ନେଇ ମା ପାଟଖଣ୍ଡା ମନ୍ଦିର ପରିସରରେ କନ୍ଧମାଳ ଜିଲା ବସ୍ ମାଲିକ ସଂଘ ବୈଠକ ଅନୁଷ୍ଠିତ ହୋଇଥଲା । ଉକ୍ତ ବୈଠକ ପରେ ପ୍ରେସ୍ ବିଜ୍ଞପ୍ତି ରେ କନ୍ଧମାଳ ଜିଲ୍ଲା ବସ୍ ମାଲିକ ସଂଘ ତରଫରୁ ଦିଆ ଯାଇଥିବା ମନ୍ତବ୍ୟ ରେ ଉପୁଜି ଥିବା ବିବାଦ କୁ ରାୟଗଡ଼ା ଓ କନ୍ଧମାଳ ଜିଲ୍ଲା ବସ୍ ମାଲିକ ସଂଘ ବିବାଦ ବଦଳରେ ଦୁଇ ଘରେଇ ବସ୍ ମାଲିକଙ୍କୁ ଯୋଡ଼ିତ କରି ମୁଖ୍ୟ ବିବାଦକୁ ଜିଲ୍ଲା ସ୍ତରୀୟ ବଡଳରେ ଦୁଇ ମାଲିକ ଉପରେ ଲଦିବା ଓ ହକର ଶବ୍ଦ ଲାଗଇ ଦୁଇ ବସ୍ ମାଲିକଙ୍କ ଉପରେ ଦସ ଲେଦିବା ଭୋଲି ମନ୍ତବ୍ୟ କୁ ରାୟଗଡ଼ା ଜିଲ୍ଲା ରାୟଗଡ଼ା,ବିଷମକଟକ,ମୁନିଗୁଡା ଓ ଗୁଣପୁର ବସ୍ ମାଲିକ ସଂଘ ଦୃଢ଼ ବିରୋଧ ପ୍ରକାଶ କରିଛନ୍ତି । ରାଜ୍ୟ ସରକାରଙ୍କ ଦ୍ୱାରା ଦିଆ ଯାଇଥିବା ଏଷ୍ଟିଆଇ ପରମିଟ କୁ ବେଖାର୍ତି କରି ପ୍ରଥମେ ବାଲିଗୁଡା ଠାରେ ରାୟଗଡ଼ା ଜିଲ୍ଲା ଗୁଣପୁର ଠାରୁ ଫୁଲବାଣୀ ବସ୍ କୁ ବାଲିଗୁଡା ଠାରେ ଅଟକାଇବା ଓ ପରବର୍ତ୍ତୀ ଦିନ ଅନ୍ୟ ଏକ ରାୟଗଡ଼ା ଜିଲ୍ଲା ବସ୍ କୁବାଲିଗୁଡା ଠାରେ ଅଟକାଇ କନ୍ଧମାଳ ଜିଲ୍ଲା ବସ୍ ମାଲିକ ସଙ୍ଘ ବିବାଦ ଉପୁଜି ଥିବା ରାୟଗଡ଼ା ବସ୍ ମାଲିକ ସଙ୍ଘ ତତଫରୁ ବିଷମ କଟକ ବସ୍ ମାଲିକ ସଂଘ ସଭାପତି ଏସ୍ ବାବୁ ରାଓ ଓ ସମ୍ପାଦକ ଶଶି ଭୂଷଣ ପଟ୍ଟନାୟକ ସୁଚନା ଦେଇଛନ୍ତି । ରଜ୍ୟ ସରକର ବସ୍ ଚଳା ଚଳ ପାଇଁ ଏସ୍ ଟିଆଇ ପର୍ମିଟ ଦେଇଥିବା ବେଳେ ଯଦି କୌଣସି ବସ୍ ଏହି ସମୟ ସିମା ରେ ବାଧାପ୍ରାପ୍ତ ହୋଇଥାଏ ତାହାହେଲେ ଏସ୍ ଟିଆଇ ଅବ୍ ଜେଶନ ସମୟସୀମା ଭିତରେ ଏହାର ଅବ୍ ଜେଶନ କାହିଁକି କରାନଗଲା ଓ କନ୍ଧମାଳ ଜିଲ୍ଲାର ସମସ୍ତ ବସ୍ କୁ ରାୟଗଡ଼ା ଜିଲ୍ଲା ଚଳା ଚଳ ପାଇଁ ଦିଆ ଯାଉଥିବା ବେଳେ ରାୟଗଡ଼ା ବସ୍ କୁ କନ୍ଧମାଳ ଜିଲ୍ଲା କୁ ଚଳାଚଳ କରିବା ପାଇଁ ଦିଆ ନ ଯିବା ଏହା କନ୍ଧମାଳ ଜିଲ୍ଲା ବସ୍ ମାଲିକ ସଂଘର ଏକ ଛତ୍ରବାଦି ମାନସିକତା ବୋଲି ସୂଚନା ଦେଇଛନ୍ତି । ରାୟଗଡ଼ା କନ୍ଧମାଳ ଜିଲ୍ଲା ବସ୍ ଚଳା ଚଳ ପାଇଁ କନ୍ଧମାଳ ଜିଲ୍ଲା ବସ୍ ମାଲିକ ସଙ୍ଘ ବିବାଦ ଉପୁଜିଥିବା ସୂଚନା ଦେଇଛନ୍ତି । ଜେଉଁଡ଼ିନ ଯାଏ ରାୟଗଡ଼ା ଜିଲ୍ଲା ବସ୍ କୁ କନ୍ଧମାଳ ଜିଲ୍ଲା ରେ ଚଳା ଚଳ କରିବାକୁ ଦିଆ ନ ଯାଏ ରାୟଗଡ଼ା ଜିଲ୍ଲା କନ୍ଧମାଳ ବସ୍ ଚଳା ଚଳ କରିବା କୁ ଦିଆ ଯିବନି ସୂଚନା ଦେଇଛନ୍ତି ଓ କନ୍ଧମାଳ ଜିଲ୍ଲା ମନ୍ତବ୍ୟରେ ବିଷମ କଟକ ଓ ମୁନିଗୁଡା ବସ୍ ମାଲିକ ସଙ୍ଘ ରେଜିଷ୍ଟ୍ରେଶନ ନଥିବା ମନ୍ତବ୍ୟ କୁ ବିରୋଧ କରିବା ସହ ରେଜେଷ୍ଟ୍ରେଶନ ନମ୍ବର ୨୦୧୧-୦୨/୦୪-୦୫ ମା ମର୍କମା ବସ୍ ମାଲିକ ସଂଘ ନାମରେ ନାମିତ ଥିବା ସୂଚନା ଦେଇଛନ୍ତି।

# ଭୀମକୁଣ୍ଡ ମୋହତ୍ସବ ୨୦୨୫ ଉଦଘାଟିତ



କରଞ୍ଜିଆ,(ମହାଭାରତ) ମୟୂରଭଞ୍ଜ ଜିଲ୍ଲା ପର୍ଯ୍ୟଟନ ସ୍ଥଳୀ ର ମାନ୍ୟତା ପାଇଥିବା ଭୀମକୁଣ୍ଡ ଓ ଭୈରବ କୁଣ୍ଡ ରେ ପବିତ୍ର ମକର ସଂକ୍ରାନ୍ତି ଅବସରରେ ମକର ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସର ରେ ଭୀମକୁଣ୍ଡ ଠାରେ ଭୀମକୁଣ୍ଡ ମୋହତ୍ସବ ମଧ୍ୟ ଉଦଘାଟିତ ହୋଇଯାଇଛି। ମୟୁରଭଞ୍ଜ ଜିଲ୍ଲା ର ଠାକୁରମୁଣ୍ଡା ବ୍ଲକ ଓ କେନ୍ଦୁଝର ଜିଲ୍ଲା ର ପାଟଣା ବ୍ଲକ ସୀମାନ୍ତ ଦେଇ ପ୍ରବାହିତ ବୈତରଣୀ ନଦୀର ବୋରିଂ ଗ୍ରାମ ନିକଟରେ ଥିବା ଭୀମକୁଣ୍ଡ ରେ ଅନୁଷ୍ଠିତ ମକର ମେଳା ରେ ଚଳିତ ବର୍ଷ ପ୍ରାୟ ୫୦ ହଜାର ରୁ ଉର୍ଦ୍ଧ୍ୱ ଲୋକମାନଙ୍କ ସମାଗମ ହୋଇଥିଲା। ସଂକ୍ରାନ୍ତି ଅବସର ରେ ଭୀମକୁଣ୍ଡ ଭୀମକୁଣ୍ଡ ର ଅପର ପାର୍ଶ୍ୱ ରେ ଥିବା ସୀମାନ୍ତ ପାଟଣା ବ୍ଲକ ପଟୁ ମଧ ପ୍ରବଳ ଜନସମାଗମ ର ଲକ୍ଷ୍ୟ କରାଯାଇଥିଲା। ବୈତରଣୀ ନଦୀର ଭୀମକୁଣ୍ଡ ର ସାନ ଓ ବଡ କୁଣ୍ଡ ରେ ବୁଡ଼ ପକାଇବା କୁ ବାରଣ ହେତୁ ଭୀମକୁଣ୍ଡ ର ସମତଳ ସ୍ଥାନ ରେ ଶ୍ରଦ୍ଧାଳୁ ମାନେ ଭୀମକୁଣ୍ଡ ର ଉଭୟ ପାର୍ଶ୍ୱ ରେ ବୁଡ଼ ପକାଇ ଥିଲେ। ଉଭୟ ପାର୍ଶ୍ୱ ରେ ଥିବା ଶିବ ମନ୍ଦିର ରେ ପୂଜା କରିବାକୁ ଭିଡ଼ ଜମିଥିବାର ଦେଖିବାକୁ ମିଳିଥିଲା।ପୂର୍ବରୁ ବୈତରଣୀ ନଦୀର ଭୀମକୁଣ୍ଡ ର ଠାକୁରମୁଣ୍ଡା ବ୍ଲକ ଓ ପାଟଣା ବ୍ଲକ କୁ ସଂଯୋଗ ନଥିବା କାରଣ ରୁ ଉଭୟ ପଟର ଲୋକେ ନଦୀ ର ଗୋଟିଏ ପାର୍ଶ୍ୱ ରେ ରହି ଯାଉଥିବା ବେଳେ ବୈତରଣୀ ନଦୀ ଉପରେ ପୋଲ ନିର୍ମାଣ ଶେଷ ହୋଇ ଯାଇଥିବାରୁ ଚଳିତ ବର୍ଷ କିନ୍ତୁ ଗୋଟିଏ ପଟର ଲୋକେ ଅନ୍ୟ ପଟକୁ ଯାଇ ମକର ମେଳା ଉପଭୋଗ କରିଥିଲେ। ମକର ସଂକ୍ରାନ୍ତି ଅବସରରେ ଭୀମକୁଣ୍ଡ ଠାରେ ପ୍ରତିବର୍ଷ ପରି ମକର ସଂକ୍ରାନ୍ତି ଦିନ ଭୀମକୁଣ୍ଡ ଠାରେ ୧୯ ତମ ଭୀମକୁଣ୍ଡ ମୋହତ୍ସ ଉଦଘାଟିତ ହୋଇ ଯାଇଛି।୨ ଦିନ ଧରି ହେବାକୁ ଥିବା ଏହି ମୋହତ୍ସ ର ଉଦଘାଟନ ଦିବସ ରେ ମୁଖ୍ୟ ଅତିଥି ଭାବରେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଯୋଗ ଦେଇଥିଲେ।ବନ କମିଟି ସଭାପତି ପ୍ରମୋଦ କୁମାର ନାୟକ ଙ୍କ ସଭାପତିତ୍ୱ ରେ ସମ୍ମାନିତ ଅତିଥି ଭାବେ କରଞ୍ଜିଆ ଡି ଏଫ ଓ ଶ୍ରୀକାନ୍ତ ନାଏକ, ଠାକୁରମୁଣ୍ଡା ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା, ଠାକୁରମୁଣ୍ଡା ଥାନା ଓଆଇସି ସାବିତ୍ରୀ ଦଳେଇ,ରେଞ୍ଜୀ ଅଧିକାରୀ ଉମାକାନ୍ତ ବେହେରା ଯୋଗ ଦେଇଥିଲେ।ମଞ୍ଚକୁ ଖବରଦାତା ଶରତ ତ୍ରିପାଠୀ ମ□ ପରିଚାଳନା କରିଥିଲେ।ଏହି ଅବସର ରେ ସ୍ଥାନୀୟ କଳାକାର ଙ୍କ ପକ୍ଷରୁ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମକର ମେଳା ଜନ ସମାଗମ କୁ ଲକ୍ଷ୍ୟ କରି ପୋଲିସ ଓ ଅଗ୍ନିଶମ ବିଭାଗ ଉପସ୍ଥିତ ଥିଲେ।ସେହିପରି ମକର ସଂକ୍ରାନ୍ତି ଅବସର ରେ ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ନିକଟ ସାଳନ୍ଦୀ ନଦୀ ର ବାଲିଘାଟ ଠାରେ ଥିବା ଭୈରବ କୁଣ୍ଡ,ଦିଗଧର ଗ୍ରାମର ବାସୁକେଶ୍ୱର ଓ ଶାଳଚୁଆ ନିକଟ ବାଘମରା ମଠ ରେ ମକର ମେଳା ରେ ଜନ ସମାଗମ ହୋଇଥିଲା।



## ଯୋଡା ବ୍ଲକ ସଭା ଗୃହରେ ମିଳିତ ଅଭିଯୋଗ ଶୁଣାଣି

ଯୋଡା,(ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ସଭା ଗୃହରେ ସୋମ ବାର ଏକ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇ ଯାଇଛି ।ଏଥିରେ କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂ,ଏସ ପି ନୀତିନ କୁସଲକର ଦାଗ ଡୁ,ଡି ଏଫ୍ ଓ ଏଚ ଡି ଧନରୟଜ୍,ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ କୁମାର ନାଗ ଭୂଷଣ,ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କିଶୋର କୁମାର ପୃଷ୍ଟି,ଚମ୍ପୁଆ ଉପ ଜିଲ୍ଲାପାଳ ଉମାକାନ୍ତ ପରିଡ଼ା,ବ୍ଲକୟଅଧକ୍ଷ କବିନ୍ଦ୍ର ନାଏକ,ଯୋଡା ବିଡ଼ିଓ ଅରୁଣିମା ସାହୁ ପ୍ରମୁଖ ଉପସ୍ଥିତ ରହି ବ୍ଲକ ର ବିଭିନ୍ନ ଗ୍ରାମାଞ୍ଚଳ ରୁ ଆସିଥିବା ପ୍ରାୟ ୮୩ ଟି ଅଭିଯୋଗ ର ଶୁଣାଣି କରିଥିଲେ ।ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟତଃ ଶିକ୍ଷ୍ୟା,ସ୍ୱାସ୍ଥ୍ୟ, ରାସ୍ତା ନିର୍ମାଣ,ପାନୀୟ ଜଳ ଯୋଗାଣ,ସ୍କୁଲ ପାଚେରୀ ନିର୍ମାଣ ,ବିଦ୍ୟୁତ ଆଲୋକ,ଟ୍ରାଫିକ ସମସ୍ୟା ପ୍ରଭୃତି ସମସ୍ୟା ନେଇ ଅଭିଯୋଗ ହୋଇଥିଲା ।ବିୟ ମେବାରି ଠାରୁ କାଳୀମାଟି,ବିଲେଇ ପଦା ଠାରୁ ମୂର୍ଗୟ ପର୍ଯ୍ୟନ୍ତ, ନୂଆଁ ଗାଆଁ ଖଣି ର ନିଜସ୍ ପାର୍କିଂ ବ୍ୟବସ୍ଥା ନ ଥିବାରୁ ଭଦ୍ରା ସାହି ଠାରୁ ରୁଗୁଡି ପର୍ଯ୍ୟନ୍ତ ହେଉଥିବା ଟ୍ରାଫିକ ସମସ୍ୟା ନେଇ ହୋଇଥିବା ଅଭିଯୋଗ ର ଜିଲ୍ଲାପାଳ ଶୁଣାଣି କରିଥିଲେ ।

## ସ୍ୱର୍ଗତ ସୁଲୋଚନା ସାହୁଙ୍କ ସ୍ମୃତି ଚାରଣ ଏବଂ ଶ୍ରଦ୍ଧାଞ୍ଜଳୀ ସଭା



କଣ୍ଟାପଡା, /(ମହାଭାରତ) : ଜଗନ୍ନାଥପୁର ପଞ୍ଚାୟତ ଅନ୍ତର୍ଗତ ମହାନ୍ତିପାଟଣା ଗ୍ରାମର ସ୍ନେହୀ, ବନ୍ଧୁବତ୍ସଳ, ପରୋପକାରୀ ଧର୍ମପରାୟଣ ମହିଳା ସ୍ୱର୍ଗତ ସୁଲୋଚନା ସାହୁଙ୍କ ଏକାଦଶ ଦିବସରେ ଏକ ସ୍ମୃତି ଚାରଣ ଏବଂ ଶ୍ରଦ୍ଧାଞ୍ଜଳୀ ସଭା ୱେବ୍ ଚ୍ୟାନେଲ୍ ସବୁଦିନ ଟିଭି ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ସୁଲୋଚନା ସାହୁ ଥିଲେ ପଞ୍ଚବଟୀ ସାଇ ମନ୍ଦିର ପ୍ରତିଷ୍ଠାତା ତଥା ସବୁଦିନ ଟିଭିର ଅଧକ୍ଷ ସମାଜସେବୀ, କଳାକାର ହୃଦାନନ୍ଦ ସାହୁଙ୍କ ମାଆ। ସବୁଦିନ ଟିଭିର ମୁଖ୍ୟ ସମ୍ପାଦକ ଡ଼ଃ. ଭବାନୀ ଶଙ୍କର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହ ସମ୍ପାଦକ ବରିଷ୍ଠ ସାମ୍ବାଦିକ ସନାତନ ପରିଜା ସ୍ୱାଗତ ଭାଷଣ ଦେଇଥିଲେ। ବିଶିଷ୍ଟ ପାଲା ଗାୟକ ସୁଧାକର ଯୁଧିଷ୍ଠିର ପରିଜାଙ୍କ ସଭାପତିତ୍ୱରେ ଜଗନ୍ନାଥପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ବଂଶୀଧର ଭୋଳ, ପୂର୍ବତନ ସରପଞ୍ଚ ନଳିନୀ ସ୍ୱାଇଁ, କେଳୁଚରଣ ଖୁଣ୍ଟିଆ, ଓଡିଶା ସରକାରଙ୍କ ବରିଷ୍ଠ ପ୍ରଶାସନିକ ଅଧିକାରୀ ମନୋରଞ୍ଜନ ମହାପାତ୍ର, ଶ୍ରୀମତୀ ଲିପିକା ଦାସ, ବିଶିଷ୍ଟ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ମମତା ମହାନ୍ତି, ଟୁଇନ୍ ସିଟି ପ୍ରେସ୍ କ୍ଲବ୍‌ର ଅଧକ୍ଷ ଡ଼ଃ. ପ୍ରଣବ ବିଶ୍ୱାଳ, ଉପ ସଭାପତି ଗୁରୁ ପ୍ରସାଦ ମହାପାତ୍ର, କଟକ ସଦର ପ୍ରେସ୍ କ୍ଲବ୍‌ର ସଭାପତି ସୁରେନ୍ଦ୍ର ମହାପାତ୍ର, ଭୁବନେଶ୍ୱର ସାଂସଦଙ୍କ ପ୍ରତିନିଧି ମାନସ ମହାନ୍ତି, ଜିଲ୍ଲା ପରିଷଦ ମହେଶ୍ୱର ଦାସ, ସାମ୍ବାଦିକ ପ୍ରତାପ କେଶରୀ ପାତ୍ର, ଅଜୟ ଦାଶ, କଟକ ଜିଲ୍ଲା ସାମ୍ବାଦିକ ସଙ୍ଘର ସଭାପତି ସାମ୍ବାଦିକ ରମେଶ ପ୍ରଧାନ, ସବୁଦିନ ଟିଭିର ରାୟଗଡା ଜିଲ୍ଲା ପ୍ରତିନିଧି ବରିଷ୍ଠ ସାମ୍ବାଦିକ ତଥା ଶିକ୍ଷାବିତ୍ ତେଲି ନାୟକ, ଆଦିତ୍ୟ ଛୋଟରାୟ, କାନନ ବିହାରୀ ନାୟକ, ରାଜକିଶୋର ବେହେରା, ନିର୍ମଳ ବେହେରା, କିଶୋର କୁମାର ଭୋଇ, ଅନନ୍ତ କୁମାର ଭୋଇ, ମୁରଲୀ ବଛା, ସମାଜସେବୀ ଗୌରାଙ୍ଗ ନାଥ, ଗଣେଶ ଚନ୍ଦ୍ର ସାହୁ, ଶିକ୍ଷାବିତ୍ ଶରତ ବାରିକ, ମହାନ୍ତି ପାଟଣା ଗ୍ରାମ୍ୟ କମିଟି ସଭାପତି କେଳୁଚରଣ ବେହେରା, ସମ୍ପାଦକ ଟିକନ ବାରିକ, ସମାଜସେବୀ ସନ୍ତୋଷ ରାଉତ, ସୂର୍ଯ୍ୟକାନ୍ତ ପାଣି, ଜୀବନ ଜ୍ୟୋତି ବାରିକ, ବ୍ରଜ କିଶୋର ସାହୁ, ଦୁଃଶାସନ ସାହୁ, ଉମେଶ ସାହୁ, ବ୍ୟଙ୍ଗ କବି ବିଜୟ ବାରିକ, ପଦ୍ମଲାଭ ସାହୁ ପ୍ରମୁଖ ଯୋଗ ଦେଇ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ଏହି ଅବସରରେ ସବୁଦିନ ଟିଭି ପକ୍ଷରୁ ଉପସ୍ଥିତ ସମସ୍ତ ଗଣମାଧ୍ୟମ ପ୍ରତିନିଧି, ଡାକ୍ତର, ସମାଜସେବୀ, ଶିକ୍ଷାବିତ୍, ବ୍ୟଙ୍ଗକବି ସମସ୍ତଙ୍କୁ ଉତ୍ତରୀୟ ଓ ମାନପତ୍ର (ସ୍ମୃତି ସୌରଭ) ପ୍ରଦାନ କରିଥିଲେ। ସ୍ୱର୍ଗତ ସୁଲୋଚନା ସାହୁଙ୍କ ବଡପୁଅ ବ୍ରହ୍ମାନନ୍ଦ ସାହୁ, ଜ୍ୱାଇଁ ବୃନ୍ଦାବନ ସାହୁ, ବିଜୟ କୁମାର ସାହୁ, ବିଷ୍ଣୁ ଚରଣ ସାହୁଙ୍କ ସମେତ ସମସ୍ତ ପରିବାର ବର୍ଗ ଏହି ସ୍ମୃତି ଚାରଣ ଓ ଶ୍ରଦ୍ଧାଞ୍ଜଳୀ ସଭାକୁ ସହଯୋଗ କରିଥିଲେ।

## ଟାଙ୍ଗୀ ଗିରିଗୋବର୍ଦ୍ଧନ ପୀଠରେ ମକର ମହୋତ୍ସବ



ଟାଙ୍ଗୀ(ମହାଭାରତ): ପ୍ରତିବର୍ଷ ଭଳି ଚଳିତ ବର୍ଷ ମହା ସମାରୋହରେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ର ଅନନ୍ୟ କ୍ଷେତ୍ର ଗିରିଗୋବର୍ଦ୍ଧନ ପୀଠରେ ମକର ମହୋତ୍ସବ ଆନନ୍ଦ ଉଲ୍ଲାସର ସହ ଅନୁଷ୍ଠିତ ହୋଇ ଯାଇଅଛି। ଭୋର ସମୟରେ ପାହାଡ଼ ଉପରେ ବିଦ୍ୟମାନ ପ୍ରଭୂ ଗିରି ଗୋବର୍ଧନଙ୍କର ମହାସ୍ନାନକାର୍ଯ୍ୟ ସମାପନ ହେବା ପରେ ପ୍ରଭୂ ଗିରି ଗୋବର୍ଧନନଙ୍କୁ ନବ ବସ୍ତ୍ର ଲାଗି କରାଯାଇଥିଲାୟପରେ ମଙ୍ଗଳ ଆଳତି ସହ ବାଲଭୋଗ ଆଦି ଅର୍ପଣ କରାଯିବା ପରେ ସୂର୍ଯ୍ୟ ପୂଜା ଅନୁଷ୍ଠିତ ହୋଇଥିଲା।ଏହା ପରେ ପ୍ରଭୂ ଭକ୍ତ ମାନଙ୍କୁ ଦର୍ଶନ ଦେଇଥିଲେୟଆଜିର ମକର ଉତ୍ସବରେ ୧୬୦ପାହାଚ ଚଢି ଭକ୍ତମାନେ ପ୍ରଭୂ ଗିରିଗୋବର୍ଧନଙ୍କୁ ଦର୍ଶନ କରୁଛନ୍ତି। ମହାପ୍ରଭୁ ଙ୍କୁ ଦର୍ଶନ କରିବା ପାଇଁ ଖୋର୍ଦ୍ଧା ନୟାଗଡ଼ ଜିଲ୍ଲା ରୁ ଭକ୍ତ ମାନଙ୍କର ପ୍ରବଳ ସାମଗମ ହୋଇଛିୟଭକ୍ତ ମାନେ ବହୁ ଦୂର ଦୁରାନ୍ତର ରୁ ଆସୁଥିବାରୁ ପାହାଡ଼ ଉପରେ ଭଜନ କୀର୍ତନ ସହ ପ୍ରସାଦ ସେବନ ର ବ୍ୟବସ୍ଥା କରାଯାଇଅଛି।ଏହା ସହ ପାହାଡ଼ ପାଦ ଦେଶରେ ଭକ୍ତ ମାନଙ୍କର ମନୋ ରଂଜନ ପାଇଁ ରାମ ନାଟକ ସହ ଛୋଟ ଛୋଟ ଦୋକାନ ପସରା ମେଳିଛି।ଭକ୍ତ ମାନଙ୍କର ପାଇଁ ଗିରି ଗୋବର୍ଧନ କମିଟି ପକ୍ଷରୁ ବ୍ୟାପକବନ୍ଦୋବସ୍ତ କରାଯାଇଅଛି।

## ମକର ଉତ୍ସବ ପାଳିତ

ଗଜପତି(ମହାଭାରତ):ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିର ଶ୍ରୀ କରଣ ସାହିରେ ଜୀ ପି ଇଲୋକ୍ଟ୍ରୋନିକ ଓ ନିତ୍ୟାନନ୍ଦ ପାଠାଗାର ପକ୍ଷରୁ ମକର ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଦେବୀମଠର ମହନ୍ତ ଶ୍ରୀ ରାମା ନନ୍ଦ ଦାସ ଜୀ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସୂର୍ଯ୍ୟ ନାରାୟଣ ପଟ୍ଟନାୟକ ଓ ଗୌରହରି ପଟ୍ଟନାୟକ ପ୍ରମୁଖ ମଞ୍ଚାସିନ ଥିଲେ।ମୁଖ୍ୟ ଅତିଥି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମଞ୍ଚାସିନ ଅତିଥି ମାନେ ମକର ଉତ୍ସବ ପାଳନର ଉଦ୍ଦେଶ୍ୟ ଉପରେ ନିଜର ମତବ୍ୟକ୍ତ ରଖିଥିଲେ। ସମଲେଇ ନୃତ୍ୟ ଅନୁଷ୍ଠାନର କଳାକାର ମାନେ ନିଜର ନୃତ୍ୟ ପରିବେଷଣ କରିଥିଲେ।

## ଫକୀର ମୋହନ ଜୟନ୍ତୀ ଓ ମକର ମିଳନ ଉତ୍ସବ ଅନୁଷ୍ଠିତ



ଜୟପୁର ସ୍ଥାନୀୟ ଜ୍ୟୋତି କଲ୍ୟାଣ ମଣ୍ଡପ ଠାରେ ବସୁମତୀ ସାହିତ୍ୟ ସଂସଦ ତରଫରୁଫକୀର ମୋହନ ଜୟନ୍ତୀ ଓ ମକର ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥି ବୃନ୍ଦଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା ଏବଂ ବନିତା ଏକଟିଭିଟି ପ୍ଲେ ସ୍କୁଲର ଛାତ୍ର ଛାତ୍ରୀ ପ୍ରାରମ୍ଭିକ ନୃତ୍ୟ ପରିବେଷଣ କରିଥିଲେ। ଇଞ୍ଜିନିୟର ଅନିଲ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. ରମେଶ ଚନ୍ଦ୍ର ମିଶ୍ର, (ସେବା ନିବୃ□ ଉପ ମହା ପ୍ରବନ୍ଧକ, ନାଲକୋ ତଥା ଆଇନଜୀବୀ ଉଚ୍ଚନ୍ୟାୟାଳୟ, ଓଡ଼ିଶା),କାର୍ଯ୍ୟକ୍ରମର ଉଦଘାଟକ ତଥା ବିଶିଷ୍ଟ ଅତିଥିଭାବେ ଶ୍ରୀଯୁକ୍ତ ରବିନାରାୟଣ ନନ୍ଦ ପୂର୍ବତନ ଶିକ୍ଷା ମନ୍ତ୍ରୀ ଓଡିଶା ସରକାର,ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଶିକ୍ଷାବି୍ ତଥା ପ୍ରମେୟ ଜୟପୁର ସଂସ୍କରଣ ମୁଖ୍ୟ ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର ଦାଶ , ସମ୍ମାନିତ ଅତିଥି ଶ୍ରୀଯୁକ୍ତ ଗଣେଶ ଆଚାର୍ଯ୍ୟ (ସମାଜସେବୀ କୋଟପାଡ଼), ସମ୍ମାନୀତ ବକ୍ତା ଆଇନଜୀବୀ ଶ୍ରୀଯୁକ୍ତ ମନୋଜ କୁମାର ଆଚାର୍ଯ୍ୟ ଓ ସମ୍ମାନିତ ସ୍ୱତନ୍ତ୍ର ବକ୍ତା ଶ୍ରୀଯୁକ୍ତ ଗୌରୀ ପ୍ରସାଦ ପଟ୍ଟନାୟକ (ସାମ୍ବାଦିକ ଜୟପୁର) ଯୋଗଦାନ କରି ଆଲୋଚ୍ୟ ପ୍ରସଙ୍ଗ :ସମାଜ ସଂସ୍କାର ପାଇଁ ଫକୀର ମୋହନଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ତରଫରୁ ଜୟପୁରର ଛାତ୍ର ଓଡିଶା ରାଜସ୍ୱ ସେବାରେ ସଫଳତା ହାସଲ କରିଥିବା ଚିନ୍ମୟ ଭୂଷଣ ସାହୁଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ଅବିଭକ୍ତ କୋରାପୁଟ ଜିଲ୍ଲାର କବି ଓ କବୟିତ୍ରୀବୃନ୍ଦ ଉପସ୍ଥିତରହି ସ୍ୱ ରଚିତ କବିତା ପାଠ କରିଥିଲେୟଏହି କାର୍ଯ୍ୟକ୍ରମରେ କବି କନକଲତା ରଥ,ରିତାଞ୍ଜଳୀ ଡାକୁଆ,କୃଷ୍ଣଚନ୍ଦ୍ର ହୋତା, ଭଗବାନ ସାବତ, ଡ. ସବିତା ଶତପଥୀ, ତପସ୍ୱିନୀ କୁମାରୀ ସାହୁ, ସଂଯୁକ୍ତା ରାଉତ,କବିତା ସାହୁ, ସନ୍ତୋଷ କୁମାର ସାହୁ, ସରୋଜିନୀ ତ୍ରିପାଠୀ, ଶାନ୍ତନୁ କୁମାର ସାମଲ, ଘାସିରାମ ମହାପାତ୍ର,ଡ. ହରିହର କରସୁଧା ପଟ୍ଟନାୟକ,ଡ. ସ୍ୱାତୀ ଚାଟାର୍ଜି,ଡ. ରମେଶ ଚନ୍ଦ୍ର ଦାଶ, ହରପ୍ରିୟା ଷଡ଼ଙ୍ଗୀ,ଡ. ଏନ. ଦାଶରଥୀ,ଭାବଚନ୍ଦ୍ରିକା ଦେବୀ, ଦେବେନ୍ଦ୍ର କୁମାର ରାଜୁ,କୋଟିଆରୁ ବଂଶୀଧର ମହାରଣା,କୁନା ମହାପାତ୍ର,ଭଗବାନ ସାବତ, କବିତା ସାହୁ, ଗୀତାଞ୍ଜଳି ସାହୁ, ଶୁଭସ୍ମିତା ସାହୁ, ସନ୍ଧ୍ୟାରାଣୀ ସାହୁ, ପ୍ରପର୍ଣ୍ଣ ପାଣିଗ୍ରାହୀ, ସୂର୍ଯ୍ୟମଣି ନିଶଙ୍କ ପ୍ରମୁଖ ଉପସ୍ଥିତ ରହି କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମ୍ପାଦକ ଶ୍ରୀଯୁକ୍ତ ଚନ୍ଦ୍ରମଣି ବାରିକ ଅତିଥି ପରିଚୟ ଏବଂ ସଂପାଦକୀୟ ବିବରଣୀ ପାଠ କରିଥିଲେ।କବି ମୁଦିରଥ ହୋତା ବେଦପାଠ କରିଥିଲେ ଏବଂ କବି ଡ.ଯଜ୍ଞେଶ୍ୱର ପଣ୍ଡା ଅତିଥି ଆମନ୍ତ୍ରଣ ଓ ମଞ୍ଚ ପରିଚାଳନା କରିଥିଲେ । ସମାଜସେବୀ ତାପସ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେୟ କାର୍ଯ୍ୟକ୍ରମର ଦ୍ୱିତୀୟ ଚରଣରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲାୟ ଡ. ସୁଦର୍ଶନ ଗୌଡ଼ଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଯୋଜକ ଭାବେ ଡ. ଅଶୋକ କୁମାର ମହାନ୍ତି ଏବଂ ସଂଯୁକ୍ତା ରାଉତ ଯୋଗଦାନ କରି କବିତାଗୁଡ଼ିକୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଅନ୍ୟାନ୍ୟ ବୁଦ୍ଧଜୀବୀ ତଥା ସାହିତ୍ୟାନୁରାଗୀଗଣ ହେଲେ ନରସିଂହ ପାଣିଗ୍ରାହୀ,ଶିବାଶିଷ ପାଣିଗ୍ରାହୀ , ଜି.ମହେଶ,କ୍ଷେତ୍ରବାସୀ ପଣ୍ଡା, ମଦନ ମୋହନ ନାୟକ,ସୂର୍ଯ୍ୟମଣି ମାଝୀ, ପରମେଶ୍ୱର ପାତ୍ର,ଶିବାଶିଷ ପାଣିଗ୍ରାହୀ, କିଶୋର ମିଶ୍ର,ଶକ୍ତି ପ୍ରସାଦ ଷଡ଼ଙ୍ଗୀ, କନକ ବାରିକ,ରାକେଶ ରାଉତ, ପ୍ରକାଶ ରାଉତ, ସୁବାସ ପଣ୍ଡା ପ୍ରମୁଖଗଣ।

## ନକଲି ବିହନର ଚକ୍ରବ୍ୟୁହରେ ତଳିତଳାନ୍ତ ନିରୀହ ଚାଷୀକୁଳ

ଜୁନାଗଡ଼,, ମହାଭାରତ,:କଳାହାଣ୍ଡି ଏକ କୃଷିପଧାନ ଜିଲ୍ଲାୟଜିଲ୍ଲାର ସିଂହଭାଗ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କୃଷି ସହିତ ଜଡିତ।ପ୍ରମୁଖ ଧାନ ଚାଷକୁ ଛାଡି,କପା, ଡାଲିଯାତୀୟ ଫସଲ, ଓ ବ୍ୟାପକ ଭାବେ ପନିପରିବା ଚାଷ କ୍ରମାନ୍ୱୟରେ ବୃଦ୍ଧି ପାଉଛି।କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ପନିପରିବା ଚାଷର ସଫଳ ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ମନ କି ବାତ କାର୍ଯ୍ୟକ୍ରମରେ ପ୍ରଶଂସା ମଧ୍ୟ କରି ସାରିଛନ୍ତି।ଜିଲ୍ଲାରେ ଧାନର ଦ୍ୱିଫସଲୀ ଅମଳ ଯୋଗୁଁ ଧାନ ବିହନର ଚାହିଦା ରହିଛି।ଜିଲ୍ଲା କୃଷିବିଭାଗ, ଭବାନୀପାଟଣା ଏଡିଓ ଅଧିନସ୍ଥ ଭବାନୀପାଟଣା, କେସିଙ୍ଗା,ଥୁଆମୂଳ ରାମପୁର ବ୍ଲକ ପାଇଁ ୯୭୭ କୁଇଣ୍ଟାଲ,ଏଡିଓ ନର୍ଲା ଅଧିନସ୍ଥ ନର୍ଲା, ମ ରାମପୁର, କର୍ଲାମୁଣ୍ଡା,ଲାଞ୍ଜିଗଡ଼ ବ୍ଲକ ପାଇଁ ୧୩୩ କୁଇଣ୍ଟାଲ, ଏଡିଓ ଧର୍ମଗଡ଼ ଅଧିନସ୍ଥ ଧର୍ମଗଡ଼, କୋକସରା, ଗୋଲାମୁଣ୍ଡା ବ୍ଲକ ପାଇଁ ୪୩୭୧ କୁଇଣ୍ଟାଲ ଓ ଜୁନାଗଡ଼ ଏଡିଓ ଅଧିନସ୍ଥ ଜୁନାଗଡ଼, ଜୟପାଟଣା, କଳମପୁର ବ୍ଲକ ପାଇଁ ୧୫୧୯,ସମୁଦାୟ ସାତ ହଜାର କୁଇଣ୍ଟାଲ ଧାନ ବିହନ ଚଳିତ ରବି ରେ ଆଶ୍ୟକତା ଥିବା ଜଣାଯାଇଛି।ଏହି ଆବଶ୍ୟକ ଧାନ ବିହନ କିସମ ମଧ୍ୟରେ ଖଣ୍ଡଗିରି, ସହଭାଗୀ, ସ୍ୱର୍ଣ୍ଣଶ୍ରୀୟା,ଲଲାଟ, ଗଞ୍ଜଟ ୧୦୦୧, ଗଞ୍ଜଟ ୧୦୧୦,ଗଞ୍ଜଟ ୧୦୫୩ ଚନ୍ଦ୍ରା, ଗଞ୍ଜଟ ୧୧୫୬ ତରଙ୍ଗିନୀ, ଗଞ୍ଜଟ ୧୨୧୦ କିସମ ରହିଥିବା ଜଣାଯାଇଛି। ଧାନ ବିହନର ଚାହିଦା ଯୋଗୁଁ ଅନେକ ସ୍ଥାନରେ ବିନା ସରକାରୀ ସ୍ୱୀକୃତିରେ ମୁନାଫା ଲୋଭରେ ବ୍ୟବସାୟୀ ମାନେ ଚାଷୀଙ୍କୁ ନକଲି ବିହନ ବିକୁଥିବା ଅଭିଯୋଗ ହେଉଥିବା ବେଳେ ନିରୀହ ଚାଷୀ ନକଲି ବିହନର ଶିକାର ହୋଇ ବ୍ୟାପକ ହଇରାଣ ହେଉଛନ୍ତି।ସହରଠୁ ଗ୍ରାମା□ଳରେ ଅନେକ ବିହନ,ସାର, କୀଟ ନାଶକ ଦୋକାନ ରହିଥିବା ବେଳେ, ବିକ୍ରି ସାମଗ୍ରୀର ଗୁଣବ□। ସାଙ୍ଗକୁ ବିକ୍ରି ସୀକୃତିର ତଦାରଖ ସଠିକ ଭାବେ ହେଉ ନ ଥିବାରୁ ଚାଷୀମାନେ ନକଲି ବିହନ କିଣି ହଇରାଣ ହେଉଛନ୍ତ।ସ୍ୱୀକୃତି ପ୍ରାପ୍ତ ବିକ୍ରେତାଙ୍କ ବିକ୍ରି ପରିମାଣ କମୁଥିବା ବେଳେ,ଅଣସୀକୃତି ପ୍ରାପ୍ତଙ୍କ ବିକ୍ରି ବଢି ଯାଉଥିବା ଅନୁମାନ କରାଯାଉଛି।ଜିଲ୍ଲା ପ୍ରଶାସନ ପକ୍ଷରୁ ଚାଷୀଙ୍କ ହିତପାଇ ଏକ ଯୋଜନାବଦ୍ଧ ଭାବେ ତଦାରଖ କରି ନକଲି ବିହନ ବିକ୍ରେତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଗଲେ ଚାଷୀ ଉପକୃତ ହୁଅନ୍ତେ।ନକଲି ବିହନ ପ୍ରାଦୁର୍ଭାବ ରୋକିବା ଦିଗରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବି ହେଉଛି।

## ଜୟପୁର ଗ୍ରାମର ଶ୍ରୀ ତ୍ରିନାଥ ଠାକୁର ହେଣ୍ଡବଲ ଟୁର୍ଣ୍ଣାମେଣ୍ଟ ଉଦଘାଟନ

ଆସିକା (ମହାଭାରତ):ଆସିକା ବ୍ଲକ ଅଧିନ ଜୟପୁର ଗ୍ରାମଠାରେ ୧୩ ଦିନ ବ୍ୟାପି ଶ୍ରୀ ତ୍ରିନାଥ ଠାକୁର ହେଣ୍ଡବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଏହି ଟୁର୍ଣ୍ଣାମେ□କୁ ବିଶିଷ୍ଟ ସମାଜସେବୀ ବଂଶିଧର ନାହାକ ଉଦଘାଟନ କରିଥିବା ବେଳେ ସମ୍ମାନୀୟ ଅତିଥୀ ରୁପେ ବାବନପୁର ସମିତିସଭ୍ୟ ସନ୍ତୋଷ କୁମାର ଜେନା, ଜୟପୁର ସମିତିସଭ୍ୟ ଅମିତ ନାହକ, ମୁଖ୍ୟବକ୍ତା ରୁପେ ଆଇନଜିବି ବୁଲୁ ପାଣିଗ୍ରାହି, ସଂଘର ସଭାପତି କାମରାଜୁ ନାୟକ, ସମ୍ପାଦକ ସୋପାନ ନାହକ, ବିଶିଷ୍ଟ କ୍ରିଡାବିତ ପ୍ରମୋଦ ସାମଲ, ରମେଶ ରାଉତ, ନାୟବ ସରପ□ କୁଶ ମହାନ୍ତି, ପ୍ରମୁଖ ଯୋଗଦେଇଥିଲେ। ସଂଘ ପକ୍ଷରୁ ଅତିଥୀ ମାନଙ୍କୁ ପୁଷ୍ପଗୁଛ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ପ୍ରଥମ ଉଦଘାଟନି ମ୍ୟାଚରେ ଆସିକା କାଳିମୁଖୀ ଟିମ ସହ କବିସୂର୍ଯ୍ୟନଗର ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। କାଳିମୁଖୀଟିମ ଟସ ଜିତି ଖେଳ ଆରମ୍ଭ କରିଥିଲେ। ଏହି ଖେଳ ଆଜି ଅର୍ଥାତ ୧୪.୦୧.୨୦୨୫ ପବିତ୍ର ମକର ସଂକ୍ରାନ୍ତିରେ ଆରମ୍ଭ ଜାନୁୟାରୀ ୨୬ ରେ ଉଦଯାପିତ ହେବାୟ ବିଭିନ୍ନ ସ୍ଥାନରୁ ୧୬ ଟି ଟିମ ଭାଗନେଇ ରେଫେରି ରୁପେ ପଞ୍ଚାନନ ନାୟକ ଓ ଶରତ ଚନ୍ଦ୍ର ନାୟକ ଖେଳ ପରିଚାଳନା କରିଥିଲେ ୨୦ ଓଭର ୩୦ ମିନିଟ ସମୟ ନିର୍ଦ୍ଧାରିତ ସହ ଲିଗ ମ୍ୟାଚ କ୍ୱାଟରଫାଇନାଲ ଓ ସେମିଫାଇନାଲ ଖେଳ ଅନୁଷ୍ଠିତ ହେବ।ଏହି ଟୁର୍ନାମେ□ କୁ ନିରଞ୍ଜନ ନାୟକ, ପଙ୍କଜ କାମ୍ପ, ଜଗନ୍ନାଥ ନାୟକ, କାଶବ ନାୟକ ପ୍ରମୁଖ ପରିଚାଳନା କରୁଥିଲେ। ଏହି ଖେଳକୁ ଅଶ୍ୱିନି ସାମଲ, ନିରଞ୍ଜନ ନାୟକ, କାଳିଆ ସେଠୀ, ଭଜରାମ ସାମଲପ୍ରମୁଖ ସହଯୋଗ କରିଛନ୍ତି।

# ମଙ୍ଗଳା ମନ୍ଦିର ରେ ମକର ଚାଉଳ ଲାଗି, ପହିଲି ଭୋଗ ସମାପନ



କାକଟପୁର(ମହାଭାରତ) :କାକଟପୁର ଅଧିଷ୍ଠାତ୍ରୀ ଦେୀ ମା ମଙ୍ଗଳା ଙ୍କ ନିକଟରେ ଆଜି ପହିଲି ଭୋଗ ସମ୍ପାପନ ହେବା ସହିତ ବିଶେଷ ରୀତିକାନ୍ତି ରେ ମକର ଚାଉଳ ଭୋଗ ଲାଗିଛି, ଜଗନ୍ନାଥ ସଂସ୍କୃତି ସହିତ ଅଙ୍ଗାଗୀଭାବେ ଜଡିତ ମା ମଙ୍ଗଳା ଙ୍କ ପୂଜାର୍ଚ୍ଚନା, ମା ପରମ ବୈଷ୍ଣବୀ, ମା ଙ୍କୁ ତୁଳସୀ, ବେଲପତ୍ର ଓ ମନ୍ଦାର ମାଳ ରେ ପୂଜା କରାଯାଏ । ହିନ୍ଦୁ ଶାସ୍ତ୍ର ଅନୁସାରେ ଗତ ଧନୁ ସଂକ୍ରାନ୍ତି ରେ ମା ଲକ୍ଷ୍ମୀ ବରୁଣ ରାଜା ବା ତାଙ୍କ ପିତା ଙ୍କ ଗୃହ କୁ ଯାଇଥାନ୍ତି ଆଉ ମକର ସଂକ୍ରାନ୍ତି ରେ ମା ନୂଆ ଚାଉଳ ଆଣି ଶ୍ରୀମନ୍ଦିର ଫେରନ୍ତି ଆଉ ଧନୁ ସଂକ୍ରାନ୍ତି ରୁ ମକର ପର୍ଯ୍ୟନ୍ତ ମା ଙ୍କ ନିକଟରେ ପହିଲି ଅନ୍ନ ଭୋଗ ଲାଗିହୁଏ ଆଜି ମା ଲକ୍ଷ୍ମୀ ଙ୍କ ଆଗମନ ପରେ ନୂଆ ଚାଉଳ ରେ ମକର ଚାଉଳ ପ୍ରସ୍ତୁତି ହୋଇ ମା ଙ୍କ ନିକଟରେ ଲାଗି ହୁଏ, ଆଜି ସକାଳୁ ପହିଲି ଭୋଗ ହୋଇଛି, ମା ଙ୍କୁ ସନ୍ଧ୍ୟା ଆଳତୀ ପରେ ପୁନଃବାର ବେଶ କରାଯାଇ ପ□ଔପଚାର ପୂଜା ହୋଇ ମା ଙ୍କ ଆଜ୍ଞା ମାଳ ବିଜେ ହୋଇଛି ଓ ମା ଙ୍କ ବେଢା ୩ ଥର ଘଣ୍ଟ ଘଣ୍ଟା ନୃତ୍ୟ ସଂକୀର୍ତନ ଓ ସ୍ୱତନ୍ତ୍ର ପାଟୁଆର ରେ ପରିକ୍ରମା କରାଯିବା ପରେ ମା ଙ୍କୁ ନୂଆ ଚାଉଳ ରେ ମକର ଭୋଗ ଲାଗି ହୋଇଛି। ଆଜି ଠୁ ଉତ୍ତର ମେରୁ ରୁ ଶୀତଳ ବାୟୁ ପ୍ରଭାବ କମିବାରେ ଲାଗିଛି, ଆଜିଠୁ ଥଣ୍ଡା ର ପ୍ରକୋପ ଅଳ୍ପ ହେବ ସେଥିପାଇଁ ମା ଙ୍କର ଶୀତ ଘୋଡ ଲାଗି ରାତିରେ ବଡ଼ସିଂହାର ହେବା ପରେ ପୁନଶ୍ଚ ଲାଗିହେବ। ଆଜିର ମକର ସଂକ୍ରାନ୍ତି ରେ ହଜାର ହଜାର ଶ୍ରଦ୍ଧାଳୁ ମା ଙ୍କର ଏହି ନୀତିକାନ୍ତି ଦର୍ଶନ ପାଇଁ ମନ୍ଦିର ବେଢା ରେ ଉପସ୍ଥିତ ରହିଥିଲେ।ମା ଙ୍କର ପ୍ରତ୍ୟେକ ସେବାୟତ ଙ୍କ ଗୃହ ରୁ ନୂଆ ଚାଉଳ, କ୍ଷୀର, ଛେନା, ଗୁଡ଼, ଘିଅ, ପାରମ୍ପରିକ ସାକାହାରୀ ମସଲା, ଫଳମୂଳ ଆସି ଏହି ଭୋଗ ପ୍ରସ୍ତୁତି ହୋଇ ମା ଙ୍କ ନିକଟରେ ଭୋଗ ଲାଗିହେବା ପରେ ଉପସ୍ଥିତ ହଜାର ହଜାର ଶ୍ରଦ୍ଧାଳୁ ଙ୍କୁ ବଣ୍ଟନ କରାଯାଇଛି ,ସ୍ୱତନ୍ତ୍ର ରୀତିକାନ୍ତି ସହିତ ମା ଙ୍କର ପୂଜା, ମନ୍ଦିର ପ୍ରଶାସନ ,ସେବାୟତ କମିଟି, କାକଟପୁର ପୋଲିସ ତରଫରୁ ମା ଙ୍କ ମନ୍ଦିର ରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ଆଜିର ମକର ଉତ୍ସବ କୁ ଶୃଙ୍ଖଳା ର ସହିତ ସମ୍ପାପନ କରାଯାଇଛି, ଯାହାକୁ ନେଇ ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ କୈଳାଶ ଦାସ, ସେବାୟତ ତୁଷାର ରଞ୍ଜନ ଦୀକ୍ଷିତ, ତାପସ ଦୀକ୍ଷିତ ମତାମତ ଦେଇଛନ୍ତି ।



## କଣ୍ଟାବାଞ୍ଜି ରେ ରାଜ୍ୟ ସାମ୍ବାଦିକ ସଂଗଠନ ପକ୍ଷରୁ ଶୀତ ବସ୍ତ୍ର ବଣ୍ଟନ



କଣ୍ଟାବାଞ୍ଜି,( ମହାଭାରତ ) : ରାଜ୍ୟ ସାମ୍ବାଦିକ ସଂଗଠନ କଣ୍ଟାବାଞ୍ଜି ଶାଖା ପକ୍ଷରୁ ମକର ସଂକ୍ରାନ୍ତି ଅବସରରେ କଣ୍ଟାବାଞ୍ଜି ଅଞ୍ଚଳ ରେ ଗରିବ ଶ୍ରେଣୀର ଲୋକଙ୍କୁ ଶୀତ ବସ୍ତ୍ର ବଣ୍ଟନ କରାଯାଇଥିଲା । ମକର ସଂକ୍ରାନ୍ତି ଅବସରରେ କଣ୍ଟାବାଞ୍ଜି ଏନଏସି ଅନ୍ତର୍ଗତ ସମସ୍ତ ମନ୍ଦିର ସାମ୍ନାରେ ବସିଥିବା ଗରିବ ଲୋକଙ୍କୁ ଶୀତ ବସ୍ତ୍ର ବଣ୍ଟନ କରାଯାଇଥିଲା । ରାଜ୍ୟ ସାମ୍ବାଦିକ ସଂଗଠନର ବଲାଙ୍ଗୀର ଜିଲ୍ଲା ଉପ ସଭାପତି ତଥା ସମାଜସେବୀ ରୋହନ ମହତ ଙ୍କ ନେତୃତ୍ୱ ରେ ୧୦୦ ରୁ ଉର୍ଦ୍ଧ୍ୱ ବୃଦ୍ଧ, ବୃଦ୍ଧା ଓ ମହିଳାଙ୍କୁ ଶୀତ ବସ୍ତ୍ର ର ବଣ୍ଟନ କରାଯାଇଥିଲା । ଗରିବ ଶ୍ରେଣୀର ଲୋକମାନଙ୍କୁ ଏହି ହାଡଭଙ୍ଗା ଶୀତ ସହ ଅନ୍ୟ ପାଗରେ ସୁହାଇଲା ଭଳି ବେଡସିଟ ବଣ୍ଟନ କରାଯାଇଥିବାରୁ ଅନେକ ସଙ୍ଗଠନ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ସାମ୍ବାଦିକ ତୁଳସୀ ରାମ ଜଗତ, ମୋହନ ସୁନା , ଅମ୍ରିତା ଛତ୍ରିଆ ,ଯୁଗଳ କିଶୋର ଶବର, ବିକାଶ ଶର୍ମା, ମୀନକେତନ ନିଆଲ, ରାକେଶ ସରାଫ, ଉଷା ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

# ଅତ୍ରି ରେ ସଂକଳ୍ପ କରିଲେ ମାନସିକଧାରୀ ମହିଳା

## ମକର ସଂକ୍ରାନ୍ତି ଅବସରରେ ବହୁ ଭକ୍ତଙ୍କ ସମାଗମ

ବେଗୁନିଆ, (ମହାଭାରତ): ଆଜି ପବିତ୍ର ମକର ସଂକ୍ରାନ୍ତି, ସୁର୍ଯ୍ୟ ଙ୍କର ଉ□ରାୟଣ ଗତି। ଖୋର୍ଦ୍ଧା ର ପ୍ରସିଧ ପର୍ଯ୍ୟଟନ ସ୍ଥଳୀ ଅତ୍ରି ଚଳଚଂଚଳ।ଏକାଦଶ ରୁଦ୍ର ହଟନାଥ ହଟକେଶ୍ୱର ଙ୍କ ଦର୍ଶନ ସହ ବନ୍ଧ୍ୟା ଦୋଷ ହରଣ ପାଇଁ ମାନସିକ କରିଥାନ୍ତି ମହିଳା। ମକର ସଂକ୍ରାନ୍ତିରେ ରାଜ୍ୟ ତଥା ରାଜ୍ୟ ବାହାରୁ ଉଷ୍ଣପ୍ରସବଣରେ ଶତାଧିକ ପର୍ଯ୍ୟଟକଙ୍କ ଗହଳି ଲାଗିଛି ଓ ଏହି ସମୟରେ ଉତପ କୁଣ୍ଡରେ ସ୍ନାନ କରିଲେ ଚର୍ମରୋଗ ଓ କୁଆ କୁଣ୍ଡା ପାଦୁକା ଗ୍ରହଣ କରିଲେ ଯାବତୀୟ ପେଟ ରୋଗ ଦୂର ହୁଏ ବୋଲି ବିଶ୍ୱାସ ରହିଛି ।ଲୋକ ବିଶ୍ୱାସ ଅନୁଯାୟୀ ଶ୍ରୀ ହଟକେଶ୍ୱରଙ୍କ ଠାରେ ସଂକଳ୍ପ ପୂର୍ବକ ଉଷ୍ଣପ୍ରସବରଣ ଠାରେ ମାନସିକ କୁଣ୍ଡରେ ଗୁଆ ଖୋଜି ଭକ୍ଷଣ କରିଲେ ଅପୁତ୍ରିକ ନାରୀ ସନ୍ତାନ ପ୍ରାପ୍ତ ହୋଇଥାଏ ବୋଲି ଗଭୀର ବିଶ୍ୱାସ ରହିଛି । ମକର ସଂକ୍ରାନ୍ତି ପୂର୍ବଦିନ ମାନସିକଧାରୀ (ବନ୍ଧ୍ୟାନାରୀ ମାନେ ହଟକେଶ୍ୱରଙ୍କ ନିକଟରେ ମାନସିକ କରି ସଂକ୍ରାନ୍ତି ଦିନ ଉଷ୍ଣପ୍ରସବଣରେ ମାନସିକ କୁଣ୍ଡରେ ପୂଜାର୍ଚ୍ଚନା ପୂର୍ବକ ଗୁଆ ବକ୍ଷଣ କରି ମହାଦେବଙ୍କ ଦର୍ଶନ କରିବାର ପରମ୍ପରା ରହିଛି । ବର୍ଷ ର ଏହି ଗୋଟିଏ ଦିନ ଏହି ଅପୂର୍ବ ଦିନ ପଡିଥାଏୟ ସେଥିପାଇଁ ରାଜ୍ୟ ର କୋଣ ଅନୁକୋଣ ରୁ ଶ୍ରଦ୍ଧାଳୁ ଙ୍କ ସୁଅ ଛୁଟି ଥାଏ। ବର୍ଷକ ମଧ୍ୟରେ ସେ ସନ୍ତାନ ପ୍ରାପ୍ତ କରିଥାନ୍ତି ବୋଲି ବିଶ୍ୱାସ ରହିଛି। ଏହି ଅପୂର୍ବ ପରମ୍ପରା ଏଠାରେ ଚାଲି ଆସିଛି । କୁହଯାଏ ଏକାଦଶ ରୁଦ୍ର ହଟକେଶ୍ୱରଙ୍କ ଆର୍ଶୀବାଦରୁ କେବେ କୌଣସି ଅପ୍ରତାକଙ୍କୁ ନିରାଶ ହେବାକୁ ପଡ଼ିନି । ଏହା ହେଉଛି ଏହି ସ୍ଥାନର ଅଲୌକିକ ମହିମା। ଏହି ଅନନ୍ୟ ପରମ୍ପରା କେଉଁ କାଳରୁ ଏଠାରେ ଚାଲି ଆସିଛି । ସୋମବାର ସନ୍ଧ୍ୟା ଠାରୁ ମାନସିକଧାରୀ ମହିଳା ମାନେ ପରିବାର ସହ ମନ୍ଦିରରେ ପହଂଚିଛନ୍ତି। ସେମାନଙ୍କ ପାଇଁ ମନ୍ଦିର ଯାତ୍ରୀ ବିଶ୍ରାମଗାରରେ ବ୍ୟବସ୍ଥା କରାଯାଇଛି । ସନ୍ଧ୍ୟାରେ ମାନସିକଧାରୀ ମହିଳା ମାନେ ଶ୍ରୀହଟକେଶ୍ୱରଙ୍କ ନିକଟରେ ସନ୍ତାନ ପ୍ରାପ୍ତ ଲାଗି ସଂକଳ୍ପ କରିଛନ୍ତି । ବାବା ହଟକେଶ୍ୱରଙ୍କ ଆର୍ଶୀବାଦରୁ ଦହନ କୁଣ୍ଡରେ ଗୁଆ ଖୋଜି ଭକ୍ଷଣ କରିଲେ ସନ୍ତାନ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି । ପ୍ରାଚୀନ କାଳରୁ ଏହି ପରମ୍ପରା ଚାଲି ଆସିଲି ବୋଲି କହିଛନ୍ତି । ଆଜି ଠାରୁ ହଟକେଶ୍ୱରଙ୍କ ପୀଠରେ ଦୀର୍ଘ ୫ ଦିନ ଧରି ଚାଲିବ ମକର ମେଳା ଓ ଅତ୍ରି ଉଷ୍ଣପ୍ରସବଣ ପରିସରରେ ଜିଲ୍ଲା ପ୍ରଶାସନ ଓ ସଂସ୍କୃତି ବିଭାଗ ପକ୍ଷରୁ ମହୋତ୍ସବ ଅନୁଷ୍ଠିତ ହେବାୟ ପ୍ରବଳ ଜନ ସମାଗମକୁ ଦୃଷ୍ଟିରେ ରଖି ଉଭୟ ମନ୍ଦିର ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।ମେଳାକୁ ଆସୁଥିବା ଜନସାଧାରଣଙ୍କ ପାଇଁ ମୀନାବଜାର, ଚଟ୍ ପଟା ଖାଦ୍ୟ, ଘରକରଣା ସାମଗ୍ରୀ, ଦୋଳିର ଆସର ଜମିଥିବା ଦେଖିବାକୁ ମିଳିଛି । ସେହିପରି ଭକ୍ତଙ୍କ ସୁବିଧା ପାଇଁ ପାନୀୟଜଳ, ସୂଚନାକେନ୍ଦ୍ର, ଅଗ୍ନି ନିରାପତ୍ତା ସୁବିଧା ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇ ଥିବା ଦେଖିବାକୁ ମିଳିଛି।

## ମା ଭଗବତୀ କଳା ନିକେତନର ନବମ ବାର୍ଷିକ ଉତ୍ସବ ରେ ଆଇନ ମନ୍ତ୍ରୀ

ବାଣପୁର :( ମହାଭାରତ )ଖୋର୍ଦ୍ଧା ଜିଲ୍ଲା ବାଣପୁର ଶୁଭମଙ୍ଗଳ କଲ୍ୟାଣ ମଣ୍ଡପ ଠାରେ ମା ଭଗବତୀ କଳା ନିକେତନ ର ନବମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ଏହି ଅନୁଷ୍ଠାନର ସଭାପତି ସୁକାନ୍ତ କୁମାର ବିଶ୍ୱାଳ ପୌରହିତ୍ୟରେ ସଭା ଆରମ୍ଭ ହୋଇଥିଲା ଏହି ସଭାରେ ମୁଖ୍ୟ ଅତିଥିଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ ଅମରେନ୍ଦ୍ର ରଣସିଂହ, ପୌର ଅଧକ୍ଷ ମିଟୁ ନାୟକ, ଗାଲୁଆ ସରପ□ ସୁରେଶ ବାରିକ ଯୋଗ ଦେଇ ଦୀପ ପ୍ରଜ୍ୱଳନ କରିଥିଲେ ଏହି ଅନୁଷ୍ଠାନ ୨୦୦୮ ରେ ୪ ଟି ପିଲାଙ୍କୁ ନେଇ ଆରମ୍ଭ ହୋଇଥିବା ବେଳେ ଆଜିର ଦିନରେ ସତୁରି ପିଲାରେ ପହଁଚିଛି।
ମୁଖ୍ୟ ଅତିଥି ନିଜ ବକ୍ତ୍ୟବରେ କହିଥିଲେ ଲୁପ୍ତ ପାଇଯାଉଥିବା କଳା ଓ ସଂସ୍କୃତିକୁ ବଜାୟ ରଖିବା ଦିଗରେ ଅନୁଷ୍ଠାନ ପକ୍ଷରୁ ପ୍ରେରଣାର ଉତ୍ସ



ଯୋଗାଇ ଦେଉଛି ଏବଂ ଏହାସହିତ କଳାକୁ ଆଗକୁ ନେବାପାଇଁ ବାଣପୁର ମୋହଉତ୍ସବ ଏକ ମାସ ଭିତରେ କରାଯିବ । କଳା ପ୍ରତି ଆଗ୍ରହ ରଖୁଥିବା ଛାତ୍ରଛାତ୍ରୀ ମାନଙ୍କୁ ଆଗାମି ଦିନରେ ଉର୍ଣ୍ଣତ ମାନର ଶିକ୍ଷା ବ୍ୟବସ୍ଥା କରାଯିବା ନେଇ ସଭାପତି ସୁକାନ୍ତ କୁମାର ବିଶ୍ୱାଳ ଓ ସମ୍ପାଦିକା ବ୍ରିଷ୍ଟୁ ପ୍ରିୟା ବାରିକ ପ୍ରତିଶୃତି ଦେଇଥିଲେ।ପରିଶେଷରେ ଓଡ଼ିଆ ସିନେମା ହସ୍ୟ କଳାକାର ବ୍ରଜ ସିଂ ମଞ୍ଚ ଆକର୍ଷଣ କରୁଥିବା ବେଳେ ଅନୁଷ୍ଠାନର କୁନି କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କଳା ନିକେତନ ର ଛାତ୍ର ଛାତ୍ରୀ ମାନେ ପରିବେଷଣ କରିଥିଲେ।
ଚଳିତ ବର୍ଷ ଏହି ଉତ୍ସବ ଧୁମ୍ ଧାମରେ ହେଇଥିବାରୁ ଛାତ୍ର ଓ ଛାତ୍ରୀ ମାନଙ୍କ ଅଭିଭାବକ ମାନେ ଖୁସି ବେକ୍ତ କରିବାସହ ଅନୁଷ୍ଠିତ କୁ ଧନ୍ୟବାଦ ଦେଇଥିଲେ।

## ୧୩ତମ ପିଣ୍ଟୁ ମେମୋରିଏଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଡେଙ୍ଗିମଚ୍ଛ କ୍ରିକେଟ ଦଳ ଚମ୍ପିୟାନ

ରେଙ୍ଗାଲି (ମହାଭାରତ):ରେଙ୍ଗାଲି ବ୍ଲକ ପରଦେଶିପାଲି ୧୩ତମ ପିଣ୍ଟୁ ମେମୋରିଏଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ। ଡେଙ୍ଗିମଚ୍ଛ କ୍ରିକେଟ ଦଳ ଗୁଣ୍ଡାମାଲ କ୍ରିକେଟ ଦଳ କୁ ହରାଇ ଚମ୍ପିୟାନ ହୋଇଥିଲା। ବିଜୟୀ ଦଳ କୁ ୧୮,୦୦୦ ଟଙ୍କା ସହ ଟ୍ରଫି ଓ ପରାଜିତ ଦଳ କୁ ୧୨,୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ, ଜୋନ-୨ ଜିଲ୍ଲା ପରିଷଦ ସଭ୍ୟ ଦେବ ନାରାୟଣ ତିୱାରୀ, କତରବଗା ସରପଞ୍ଚ ନିଳାମ୍ବର ରୋହିଦାସ, ଗୋବର୍ଦ୍ଧନ ସାହୁ, ବିନୋଦ ସିଂଦେଓ, ତୋଳାମଣି ଖମାରୀ, ଜିତୁ ମିଶ୍ର, ଅଜିତ ଭୋଇ ପ୍ରମୁଖ ଅତିଥି ଭାବରେ ଯୋଗଦାନ କରିଥିଲେୟ ପିଣ୍ଟୁ ମେମୋରିଏଲ କ୍ରିକେଟ କ୍ଲବ ର ସମସ୍ତ କର୍ମକର୍ତ୍ତା ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଛାତ୍ରାବାସରେ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ବିଷମ କଟକ (ମହାଭାରତ):ରାୟଗଡ଼ା ଜିଲା ବିଷମକଟକ ଥାନା ଅନ୍ତର୍ଗତ ଗଡିଗୁଡାସ୍ଥିତ କଲ୍ୟାଣ ବିଭାଗର ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ଷୋମବାର ଅପରାହ୍ନରେ ଛାତ୍ରାବାସରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳୁଛି । ଏହି ଘଟଣାକୁ ମୃତ ଛାତ୍ରଙ୍କ ପରିବାର ଲୋକେ ସହଜରେ ଗ୍ରହଣ କରିପାରିନାହାନ୍ତି ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସେମାନେ ଅଭିଯୋଗ ଆଣିଛନ୍ତି। ଏହି ଘଟଣାକୁ ନେଇ ବିଦ୍ୟାଳୟ ପରିସରରେ ଚାପା ଉ□ଜନା ପ୍ରକାଶ ପାଇଛି। ମୃତ୍ୟୁ ଛାତ୍ର ଜଣକ ହେଲେ ନିୟମଗିରି କୁର୍ଲି ଗ୍ରାମର ମୋହନ କରକରିଆଙ୍କ ପୁଅ ବବୁଲୁ କରକରିଆ ଘଟଣାସ୍ଥଳରେ ବିଷମକଟକ ଏସ୍ ଡିପିଓ ସନ୍ତୋଷୀନି ଓରାମ, ବିଷମକଟକ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀ ପହଞ୍ଚି ପରିବାର ଲୋକଙ୍କୁ ବୁଝାସୁଝା କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ପରିବାର ଲୋକଙ୍କ ଅଭିଯୋଗକୁ ଆଧାର କରି ସାଇଣ୍ଟିଫିକ୍ ଟିମ ଅନୁସନ୍ଧାନକାରୀ କୁକୁର ଆଣି ତଦନ୍ତ କରିବାକୁ ପୁଲିସ ପ୍ରସ୍ତୁତ ହୋଇଛି । ବବୁଲୁ ଦେହ ଅସୁସ୍ଥତା କାରଣ ଦର୍ଶାଇ ବିଦ୍ୟାଳୟକୁ ଯାଇନଥିବାବେଳେ ଅପରାହ୍ନରେ ସହପାଠୀମାନେ କୋଠରୀର କବାଟ ଖୋଲିବା ସମୟରେ ବବୁଲୁଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ସ୍କୁଲ କର୍ତ୍ତୁପକ୍ଷଙ୍କୁ ଜଣାଇଥିଲେ ପରେ ବିଦ୍ୟାଳୟ ପକ୍ଷରୁ ବିଷମକଟକ ଥାନାକୁ ଖବର ଦେଇଥିଲେ । ମଙ୍ଗଳବାର ସବ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି ।

# ୧ ନମ୍ବର ମାନ୍ୟତା ପାଇଥିବା ପାର୍କ ଏବେ ବଣ ଜଙ୍ଗଲ ଘେରା ପରିସରରେ



ଅସ୍ତରଙ୍ଗ(ମହାଭାରତ) : ବ୍ଲକ ପାଟଳଦା ପଞ୍ଚାୟତ ରେ ଗ୍ରାମା□ଳର ଜନସାଧାରଣ ଙ୍କ ପାଇଁ ପୂର୍ବ ସରକାରଙ୍କ ସମୟରେ ନିର୍ମାଣ କରାଯାଇଥିବା ଗ୍ରାମୀଣ ପାର୍କ ଆସିଚି ଅକାଳ ବାର୍ଦ୍ଧକ୍ୟ ଘାସ, ଗଛ, କଣ୍ଟାବଣ ରେ ଅଦୃର୍ଷ୍ୟ ହୋଇଯାଇଛି ।୨୦୨୧/୨୨ଆର୍ଥିକ ବର୍ଷରେ ୧୯ ଲକ୍ଷ୍ୟରୁ ଉର୍ଦ୍ଧ୍ ଟଙ୍କାରେ ନିର୍ମାଣ କରାଯାଇଥିବା ଏହି ପାର୍କ ଟି ସେତେବେଳେ ଏକନମ୍ବର ମାନ୍ୟତା ପାଇ ଜିଲାପାଳ ସମର୍ଥ ବର୍ମାଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା । ଏହି ପାର୍କ ଟି ଅସ୍ତରଙ୍ଗ ରୁ ପର୍ଯ୍ୟଟନ ସ୍ଥଳୀ, ଗଙ୍ଗା ଦେବୀ, ପୀର ଜାହାନିଆ ଯିବା ରାସ୍ତାରେ ପଡୁଥିବାରୁ ପର୍ଯ୍ୟଟକଙ୍କ ସମେତ ଅଞ୍ଚଳ ବାସୀଙ୍କୁ ବେଶ ଆନନ୍ଦ ଦେବ ବୋଲି ଆଶା କରାଯାଇଥିଲା କିଛି ଦିନ ଅଂଚଳ ବାସୀ ପାର୍କ ର ମଜା ନେଇଥିଲେ କିନ୍ତୁ ଅଳ୍ପ କେତେଦିନ ପରେ ସେ ଆଶା ଆଶାରେ ରହିଗଲା। ଅଞ୍ଚଳବାସୀ ଦେଖିଥିବା ସ୍ୱପ୍ନ ମଉଳିଗଲା । ଦୀର୍ଘ ଦିନ ଧରି ମୁଖ୍ୟ ଫାଟକ ରେ ତାଲା ଝୁଲିବା ସହିତ ରକ୍ଷଣାବେକ୍ଷଣ ଅଭାବରୁ ଆସିଲା ଅକାଳ ବାର୍ଦ୍ଧକ୍ୟ ବଣ ଜଙ୍ଗଲ ରେ ହେଇଗଲା ପରିପୂର୍ଣ୍ଣ ଯାହା ପାଲଟି ଗଲା ଜନ୍ତୁ ଜୁନ୍ତା ଙ୍କ ଆଶ୍ରୟ ସ୍ଥଳି ।ପାର୍କ ରେ କୁନିକୁନି ପିଲାମାନଙ୍କ ମନୋରଞ୍ଜନ ପାଇଁ ରଖାଯାଇଥିବା ବିଭିନ୍ନ ପଶୁପକ୍ଷୀ ଙ୍କ ପ୍ରତିମୂର୍ତ୍ତି ସବୁ ଚୋରି ହୋଇଗଲାଣି ,ବସିବା ପାଇଁ କରାଯାଇଥିବା ପିଣ୍ଡି ଗୁଡିକ ସବୁ ଭାଙ୍ଗି ନଷ୍ଟ ହୋଇଗଲାଣି, ମନ ମୋହୁ ଥିବା ଘାସ ଗାଲିଚା ଏବେ ଘାସ ବଣ ରେ ପରିବର୍ତ୍ତନ ହୋଇଗଲାଣି।ବିଶେଷ କରି ପାର୍କ ଭିତରେ ଥିବା ମୁକୁଳା ବିଦ୍ୟୁତ ଟ୍ରାନ୍ସଫର୍ମର ଟି ଅତ୍ୟନ୍ତ ବିପଦ ସଂକୁଳ ଅବସ୍ଥାରେ ଥିବା ସତ୍ତ୍ୱେ ସେଥିପ୍ରତି କାହାର ଦୃଷ୍ଟି ପଡୁନାହିଁ।ତେଣୁ କିପରି ପୁନର୍ବାର ଏହି ପାର୍କ ଟି କାର୍ଯ୍ୟକ୍ଷମ ହେବ ଏବଂ ବିଦ୍ୟୁତ ଟ୍ରାନ୍ସଫର୍ମର ଟି ତା ଭିତରୁ ସ୍ଥାନାନ୍ତର ହେବ ସେଥିପାଇଁ ଜିଲ୍ଲା ପ୍ରଶାସନ ନିକଟରେ ଅଞ୍ଚଳ ବାସୀ ଦାବି କରିଛନ୍ତି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କୁ କେନ୍ଦୁଝର ଜିଲ୍ଲା ପାଟଣା ସ୍ଥିତ ପୁଣ୍ୟତୋୟା ବୈତରଣୀ ନଦୀରେ ଅନୁସ୍ୱୟା ଘାଟ ରେ ମକର ବୁଡ଼ ପକାଇ ଥିବା ବେଳେ ପାଟଣା ପ୍ରେସ କ୍ଲବ ତରଫ ରୁ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି।

# ଚୀନଠାରୁ ଅଧିକ ପରିଶ୍ରମ କରୁଛନ୍ତି ଭାରତୀୟ

**ନୂଆଦିଲ୍ଲୀ,୧୪।୧(ଏଜେନ୍ସି):** ସପ୍ତାହକୁ ୯୦ ଘଣ୍ଟା କାମ କରିବା ଲାଗି ଏଲ୍ଆଣ୍ଡିଟର ଅଧ୍ୟକ୍ଷ ଏସ୍ ଏନ୍ ସୁବ୍ରମଣ୍ୟନ୍ କହିବା ପରେ ତାଙ୍କୁ ବିଭିନ୍ନ ମହଲରୁ କଡ଼ା ସମାଲୋଚନା କରାଯାଉଛି । ଅଳ୍ପ କିଛି ଲୋକ ତାଙ୍କ ସମର୍ଥନରେ ବାହାରିଥିବା ବେଳେ ଅନ୍ୟମାନେ ଏଭଳି ଦାୟିତ୍ୱହୀନ ମନ୍ତବ୍ୟ ପାଇଁ ତାଙ୍କୁ କଡ଼ା ନିନ୍ଦା କରୁଛନ୍ତି । ସୁବ୍ରମଣ୍ୟନ୍ ହୁଅନ୍ତୁ କିମ୍ବା ଇନ୍ଫୋସିସର ପ୍ରତିଷ୍ଠାତା ଏନ୍ ଆ।( ନାରାୟଣମୂର୍ତ୍ତି, ରାଷ୍ଟ୍ର ଗଠନ ଲାଗି ଅଧିକ ସମୟ ପରିଶ୍ରମ କରିବା ଜରୁରୀ ବୋଲି ଯୁକ୍ତି କରୁଛନ୍ତି । କିନ୍ତୁ ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲ୍ଓ) ତଥ୍ୟ ଅଲଗା କଥା କହୁଛନ୍ତି । ଯେଉଁ ଚୀନ୍ ସହିତ ଭାରତକୁ ତୁଳନା କରାଯାଉଛି ସେହି ଚୀନବାସୀଙ୍କଠାରୁ ଭାରତୀୟମାନେ ଅଧିକ ଖଟୁଛନ୍ତି ।ଶ୍ରମ ସଂଗଠନ ରିପୋର୍ଟ କହୁଛି ଯେ ବିକାଶଶୀଳ ଓ ଉଦୀୟମାନ ଦେଶଗୁଡ଼ିକରେ ଶ୍ରମିକମାନେ ମୁଖ୍ୟତଃ ଅଧିକ ସମୟ ଖଟୁଛନ୍ତି । ଏହା ପଛର ଏକ ବଡ଼ କାରଣ ହେଉଛି ଏହି ଦେଶଗୁଡ଼ିକରେ ଘଣ୍ଟା ପିଛା ପାରିଶ୍ରମିକ ଯଥେଷ୍ଟ କମ୍ ରହିଛି ଏବଂ କିଛି ଲୋକ ଅଧିକ ପରିଶ୍ରମ କରି ନିଜ ଆୟ ବାଢ଼ାଇବାକୁ ଚାହୁଁଛନ୍ତି ।

ନିଜର ସର୍ବନିମ୍ନ ଆବଶ୍ୟକତା ପୂରଣ କରିବା ଲାଗି ଏହି ଦେଶଗୁଡ଼ିକର ଶ୍ରମିକମାନେ ଅଧିକ ପରିଶ୍ରମ କରିବାକୁ ବାଧ୍ୟ ହେଉଛନ୍ତି । ବିକାଶଶୀଳ ଦେଶଗୁଡ଼ିକ ସମ୍ପର୍କରେ ରିପୋର୍ଟରେ ଭିନ୍ନ କଥା କୁହାଯାଇଛି । ଧନୀ ଦେଶଗୁଡ଼ିକରେ ବେତନଭୋଗୀ କର୍ମଚାରୀମାନଙ୍କୁ କାମ କିମ୍ବା ପ୍ରକଳ୍ପ ଶେଷ କରିବାକୁ କୁହାଯାଉଛି । ସେଠାରେ କିଛି ଲୋକ ନିଜ କ୍ୟାରିୟରକୁ ଆଗକୁ ବାଢ଼ିବା କିମ୍ବା ସଂସ୍ଥା ପ୍ରତି ଅନୁଗତ୍ୟ ପ୍ରଦର୍ଶନ କରିବା ଲାଗି ଲମ୍ବା ସମୟ କାମ କରୁଛନ୍ତି । ଶ୍ରମ ସଂଗଠନ ରିପୋର୍ଟ ଅନୁସାରେ 'ଅତ୍ୟଧିକ ସମୟ କାମ କରୁଥିବା' ଦେଶ ତାଲିକାରେ ଭାରତ ନାମ ରହିଛି । ଆଇଏଲ୍ଓ ଅନୁସାରେ ସପ୍ତାହକୁ ୪୮ ଘଣ୍ଟାରୁ ଅଧିକ ସମୟ କାମ କରିବା ହେଉଛି 'ଲମ୍ବା ସମୟ' । ୨୦୧୯ରେ ସମଗ୍ର ବିଶ୍ୱର ୩୫.୪ ପ୍ରତିଶତ ଶ୍ରମିକ ନିର୍ଦ୍ଧାରିତ ସମୟଠାରୁ ଅଧିକ କାମ କରୁଥିଲେ । ଯେଉଁ ଦେଶଗୁଡ଼ିକରେ କର୍ମଚାରୀମାନେ ଅଧିକ ସମୟ କାମ କରୁଛନ୍ତି, ସେଭଳି ୨୦ଟି ପ୍ରମୁଖ ଦେଶ ତାଲିକାରେ ଭାରତ ତ୍ରୟୋଦଶ (୧୩) ସ୍ଥାନରେ ରହିଛି । ଆଶ୍ଚର୍ଯ୍ୟର ବିଷୟ ହେଉଛି ମାତ୍ରାଧିକ ସମୟ ପରିଶ୍ରମ କରୁଥିବା ନେଇ ବିଶ୍ୱବ୍ୟାପୀ ଚର୍ଚ୍ଚା ହେଉଥିବା ଦେଶ ଚୀନ୍ରେ ଲୋକମାନେ ଭାରତୀୟଙ୍କଠାରୁ କମ୍ ପରିଶ୍ରମ କରୁଛନ୍ତି । ଚୀନରେ ହାରାହାରି ସାପ୍ତାହିକ କାର୍ଯ୍ୟ ସମୟ ୪୬.୫ ଘଣ୍ଟା ରହିଛି ଯାହା ଭାରତର ୪୬.୭ ଘଣ୍ଟାଠାରୁ କମ । ବ୍ରୁନେଇ, କେନିଆ ଓ ସେନେଗାଲ୍ର ଲୋକମାନେ ମଧ୍ୟ ଭାରତୀୟଙ୍କଠାରୁ କମ୍ ଖଟୁଛନ୍ତି । ଶ୍ରମିକମାନେ ସପ୍ତାହକୁ ଅଧିକ ପରିଶ୍ରମ କରୁଥିବା ଦେଶ ତାଲିକାର ଶୀର୍ଷରେ ଭୁଟାନ ରହିଛି। ସେଠାରେ ଲୋକମାନେ ସପ୍ତାହକୁ ୫୪.୪ ଘଣ୍ଟା ପରିଶ୍ରମ କରୁଛନ୍ତି । ଏହା ପଛକୁ ରହିଛନ୍ତି ୟୁଏଇ (୫୦.୯ ଘଣ୍ଟା), ଲିସୋଥୋ (୫୦.୪ ଘଣ୍ଟା), କଙ୍ଗୋ (୪୮.୬ ଘଣ୍ଟା), କତର (୪୮ଘଣ୍ଟା), ଲାଇବେରିଆ। (୪୭.୭ ଘଣ୍ଟା), ଲେବାନନ (୪୭.୬ ଘଣ୍ଟା), ବାଂଲାଦେଶ (୪୬.୯ ଘଣ୍ଟା), ପାକିସ୍ତାନ (୪୬.୯ ଘଣ୍ଟା) ।

## ସିଆଚିନ ଗ୍ଲେସିୟରରେ ଜିଓ ୫ଜି ସେବା ପ୍ରଦାନ କରିବାରେ ହେଲା ଦେଶର ପ୍ରଥମ

**ନୂଆଦିଲ୍ଲୀ,୧୪।୧(ଏଜେନ୍ସି):** ରିଲାଏନ୍ସ ଜିଓ ବିଶ୍ୱର ସବୁଠାରୁ ଉଚ୍ଚ ଯୁଦ୍ଧ କ୍ଷେତ୍ର ସିଆଚିନ ଗ୍ଲେସିୟରରେ ଇଣ୍ଟରନେଟ ସେବା ପହଞ୍ଚାଇବାକୁ ସକ୍ଷମ ହୋଇଛି ।ଭାରତୀୟ ସେନାର ଫାୟାର ଆଣ୍ଡ୍ ଫ୍ୟୁରି ଫୋର୍ସ ପକ୍ଷରୁ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏ ନେଇ ଏକ ପୋଷ୍ଟ ଜରିଆରେ ସୂଚନା ଦିଆଯାଇଛି । ସେନା ମୁତାବକ, ଜିଓ ଟେଲିକମ ଏବଂ ଭାରତୀୟ ସେନା ମିଳିତ ହୋଇ ବିଶ୍ୱର ସବୁଠାରୁ ଉଚ୍ଚ ଯୁଦ୍ଧକ୍ଷେତ୍ର ସିଆ ।ଚୀନ ଗ୍ଲେସିୟରରେ ପ୍ରଥମ ୫ଜି ମୋବାଇଲ ଟାୱାରକୁ ସଫଳତାପୂର୍ବକ ସ୍ଥାପନ କରିଛନ୍ତି । ଏହାକୁ ସିଆଚୀନର ଏକ ପ୍ରଣ୍ଟ ପୋଷ୍ଟରେ ସ୍ଥାପନ କରାଯାଇଛି । ୧୬ ହଜାର ଫୁଟ ଉଚ୍ଚରେ ସ୍ଥାପନ ହୋଇଛି ଏହି ଟାୱାର । ଜାନୁଆରୀ ୧୫ ରେ ସେନା ଦିବସ ଅବ୍ୟବହିତ ପୂର୍ବରୁ ସିଆଚିନ୍ ଗ୍ଲେସିଅରରେ ୪ଜି ଏବଂ ୫ଜି ସେବା ଆରମ୍ଭ କରି ଜିଓ ଏକ ଅଭୂତପୂର୍ବ ସଫଳତା ହାସଲ କରିଛି । ସିଆଚିନ୍ ଗ୍ଲାସିଅରରେ ସେବା ଆରମ୍ଭ କରିବାରେ ଜିଓ ଦେଶର ପ୍ରଥମ ଅପରେଟର ହୋଇଛି । ଏହାକୁ ଏକ ଉଲ୍ଲେଖନୀୟ ସଫଳତା ଭାବେ ଅଭିହିତ କରି ସେନା ପକ୍ଷରୁ କୁହାଯାଇଛି ଯେ, ଏହି ଅଦମ୍ୟ ସଫଳତା ଆମର ସାହସୀ ସୈନିକମାନଙ୍କ ପାଇଁ ସମର୍ପିତ।

# କେଜ୍ରିୱାଲ ନେତା ନୁହେଁ, ଆଥଲେଟ ହେବାର ଥିଲା

**ନୂଆଦିଲ୍ଲୀ,୧୪।୧(ଏଜେନ୍ସି):** ଆମ ଆଦମୀ ପାର୍ଟିର ଜାତୀୟ ସଂଯୋଜକ ଅରବିନ୍ଦ କେଜ୍ରିୱାଲଙ୍କ ସବୁଠାରୁ ବଡ଼ ନିର୍ବାଚନୀ ଅସ୍ତ୍ର ହେଉଛି ଶିକ୍ଷା ମଡେଲ । ଦିଲ୍ଲୀ ନିର୍ବାଚନ ପାଇଁ ବିଏସପିର ଜାତୀୟ ସଂଯୋଜକ ଆକାଶ ଆନନ୍ଦ ସମାନ ଶିକ୍ଷା ମଡେଲକୁ ନେଇ କେଜରିୱାଲଙ୍କୁ ଆକ୍ରମଣ କରିଛନ୍ତି । ଦିଲ୍ଲୀର କିରାରି ବିଧାନସଭା କ୍ଷେତ୍ରରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରିବା ସମୟରେ ଆକାଶ ଆନନ୍ଦ କହିଛନ୍ତି ଯେ କେଜରିୱାଲ ସରକାର ଗତ ୧୧ ବର୍ଷ ମଧ୍ୟରେ ଦିଲ୍ଲୀବାସୀଙ୍କୁ କେବଳ ପ୍ରତିଶ୍ରୁତି ଦେଇଛନ୍ତି । କିନ୍ତୁ ଗୋଟିଏ ମଧ୍ୟ ପ୍ରତିଶ୍ରୁତି ପୂରଣ କରିନାହାଁନ୍ତି । ସେ କହିଛନ୍ତି ଯେ ପ୍ରତ୍ୟେକ ପ୍ରତିଶ୍ରୁତି ପୂରଣ କରିବା ପରିବର୍ତ୍ତେ, କେଜରିୱାଲ ଲୋକଙ୍କୁ ବିଶ୍ୱାସଘାତକତା କରିଛନ୍ତି । ଆକାଶ ଆନନ୍ଦ କହିଛନ୍ତି ଯେ ଯଦି କୌଣସି ପିଲା ନବମ ଶ୍ରେଣୀରେ ଫେଲ୍ ହୁଏ, ତେବେ ତାଙ୍କ ଉପରେ କଠିନ ପରିଶ୍ରମ କରିବା ପରିବର୍ତ୍ତେ, କେଜରିୱାଲ ତାଙ୍କୁ ଓପନ ସ୍କୁଲକୁ ପଠାଇ ଦାୟିତ୍ୱରୁ ଏଡାଇ ଯାଆନ୍ତି ଏବଂ ତା'ପରେ ଦିଲ୍ଲୀ



ସ୍କୁଲର ଉତ୍କୃଷ୍ଟ ଫଳାଫଳ ବାବଦରେ କୁହନ୍ତି ଆକାଶ ଆନନ୍ଦ ଆହୁରି କହିଛନ୍ତି ଯେ ଏହିପରି ଭାବରେ ସେ ପ୍ରତ୍ୟେକ କ୍ଷେତ୍ରରେ ଠକେଇର କାମ କରିଥିଲେ । ସେ ଜଣେ ନେତା ହେବା ବଦଳରେ ଜଣେ ଖେଳାଳି ହେବା ଉଚିତ ଥିଲା, ହୁଏତ ସେ ଲମ୍ବା ଥ୍ରୋରେ ଏକ ପଦକ ଜିତିଥାନ୍ତେ । ପ୍ରତ୍ୟେକ ନିର୍ବାଚନ ସଭାରେ, ଆକାଶ ଆନନ୍ଦ ବିରୋଧୀ ନେତାମାନଙ୍କ ଉପରେ ପ୍ରବଳ ଆକ୍ରମଣ କରୁଛନ୍ତି । ପ୍ରତ୍ୟେକ ନିର୍ବାଚନ ରାଲିରେ ବିଜେପି, କଂଗ୍ରେସ ଏବଂ ଆପ ତାଙ୍କର ଟାର୍ଗେଟରେ ରହିଛନ୍ତି । ପୂର୍ବରୁ ଆକାଶ ଆନନ୍ଦ ଅରବିନ୍ଦ କେଜରିୱାଲଙ୍କୁ ଦଳିତ ବିରୋଧୀ କହିଥିଲେ । ଏବେ ତାଙ୍କ ଶିକ୍ଷା ମଡେଲକୁ ଟାର୍ଗେଟ କରି ସେ କହିଛନ୍ତି ଯେ ଅରବିନ୍ଦ କେଜ୍ରିୱାଲ ଲମ୍ବା ଭାଷଣ ଦେବାର କାମ କରନ୍ତି ।ମିଛ କହିବା ବ୍ୟତୀତ ତାଙ୍କର ଆଉ କିଛି କରିବାର ନାହିଁ ।

## ବାଂଲାଦେଶ ଡେପୁଟି ହାଇ କମିଶନରଙ୍କୁ ସମନ କଲା ଭାରତ

**ନୂଆଦିଲ୍ଲୀ,୧୪।୧(ଏଜେନ୍ସି):** ଭାରତ ଓ ବାଂଲାଦେଶ ମଧ୍ୟରେ ଲଗାତର ସମ୍ପର୍କ ତିକ୍ତ ହେବାରେ ଲାଗିଛି । ବଢ଼ିବାରେ ଲାଗିଛି ସୀମା ବିବାଦ । ପୂର୍ବତନ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ବହିଷ୍କାର କରିବା ପରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ତିକ୍ତ ଥିବା ଜଣାପଡିଛି । ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ରୋକିବା ପାଇଁ ଭାରତୀୟ ସୀମା ସୁରକ୍ଷା ବଳ (ବିଏସ୍ଏଫ୍) ସୁରକ୍ଷାକୁ କଡାକଡି କରିଛି । ସୀମାନ୍ତ ଅଞ୍ଚଳରେ ବିଏସଏଫ ତୀକ୍ଷ୍ଣ ନଜର ରଖିଛି, ଯେଉଁ କାରଣରୁ ବାଂଲାଦେଶର ମହମ୍ମଦ ୟୁନୁସ ସରକାର ହଡବଡେଇ ଯାଇଛନ୍ତି । ଏବେ ବାଂଲାଦେଶକୁ ତା' ଭାଷାରେ ଜବାବ ଦେଇଛି ଭାରତ । ରବିବାର ବାଂଲାଦେଶ ବୈଦେଶିକ ମନ୍ତ୍ରଣାଳୟ ଭାରତୀୟ ହାଇ କମିଶନର ପ୍ରଣୟ ବର୍ମାଙ୍କୁ ଡାକି ସୀମାରେ ବିଏସଏଫ ଦ୍ୱାରା କରାଯାଇଥିବା ତାର ବାଡକୁ ନେଇ ଆପତ୍ତି ଜଣାଇଥିଲା । ସୋମବାର ଭାରତ ନୂଆ ଦିଲ୍ଲୀରେ ଥିବା ବାଂଲାଦେଶର ଡେପୁଟି ହାଇ କମିଶନର ନୁରାଲ ଇସଲାମଙ୍କୁ ଡକାଇଛି । ବାଂଲାଦେଶର ବୈଦେଶିକ ମନ୍ତ୍ରଣାଳୟ ସୀମାରେ ତାର ବାଡକୁ ବେଆଇନ ଉଦ୍ୟମ ବୋଲି କହିଛି । ତେବେ ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାର ଏ ବାବଦରେ କୌଣସି ବିବୃତ୍ତି ଦେଇନାହାଁନ୍ତି । ଅନୁପ୍ରବେଶକାରୀଙ୍କୁ ରୋକିବାକୁ ଭାରତ ନିଜ ସୀମାରେ ବାଡ଼ ତିଆରି କରୁଛି । ଯାହାକୁ ବାଂଲାଦେଶ ସରକାର ସହଜରେ ଗ୍ରହଣ କରିପାରୁନାହାନ୍ତି । ଏଥିଲାଗି ତ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହିତ ଭାରତର ହାଇକମିଶନଙ୍କୁ ନୋଟିସ କରି ଆଲୋଚନା ବି କରୁଛି । କିନ୍ତୁ ନିଜ ସୀମାରେ ଭାରତ ତିଆରି କରୁଥିବା ବାଡ଼ରେ ବାଂଲାଦେଶର କି ଅସୁବିଧା ତାହାକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ହସିନାଙ୍କ ସରକାର ଯିବା ପରେ ଏବେ ବାଂଲାଦେଶ ଜାଣିଶୁଣି କେଁ ବାହାର କରୁଥିବା ସ୍ପଷ୍ଟ ହୋଇଛି ।

## ରାଜଧାନୀ ବଦଳାଇବ ଇରାନ

**ତେହେରାନ,୧୪।୧(ଏଜେନ୍ସି):** ଭାରତର ବନ୍ଧୁ ଇରାନ ନିଜର ରାଜଧାନୀ ବଦଳାଇବା ନେଇ ବିଚାର କରୁଛି । ଇରାନ ତା'ର ରାଜଧାନୀ ତେହେରାନରୁ ଦକ୍ଷିଣ ଉପକୂଳରେ ସହର ମକ୍ରାନକୁ ସ୍ଥାନାନ୍ତର କରିବାକୁ ଯୋଜନା ଉପରେ ବିଚାର କରୁଛି। ସବୁଠାରୁ ଅଧିକ ମୁସଲମାନ ଜନସଂଖ୍ୟା ଥିବା ଦେଶ ଇଣ୍ଡୋନେସିଆ ମଧ୍ୟ ଜାକର୍ତ୍ତାରୁ ନିଜର ରାଜଧାନୀ ସ୍ଥାନାନ୍ତର କରିଛି । ନିକଟରେ ସରକାରଙ୍କ ମୁଖପାତ୍ର ଫତମେହ ମୋହଜରାନୀ ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି । ନୂଆ ରାଜଧାନୀ ନିଶ୍ଚିତ ଭାବେ ଦକ୍ଷିଣରେ, ବିଶେଷ କରି ମକ୍ରାନ ଅଞ୍ଚଳରେ ଅବସ୍ଥିତ ହେବ ବୋଲି ସେ କହିଛନ୍ତି । ବର୍ତ୍ତମାନର ରାଜଧାନୀ ତେହେରାନ ଏବଂ ଇସ୍ରାଏଲ ମଧ୍ୟରେ ଦୂରତା ୧୬୦୦ କିଲୋମିଟର । ସେହିପରି ଇସ୍ରାଏଲଠାରୁ ୨୫୦୦ କିଲୋମିଟର ଦୂରରେ ରହିବ ମକ୍ରାନ । ଇରାନର ବର୍ତ୍ତମାନର ରାଜଧାନୀ ତେହେରାନ ଏକ ବହୁ ପୁରୁଣା ସହରରେ ପରିଣତ ହୋଇଛି । ବଢୁଥିବା ଜନସଂଖ୍ୟା,



ଜଳ ସଙ୍କଟ ଓ ବିଜୁଳି ଅଭାବ କାରଣରୁ ଏହାକୁ ବଦଳାଇବାକୁ ନିଷ୍ପତ୍ତି ନିଆଯାଇଛି । ଏହାବ୍ୟତୀତ ଇସ୍ରାଏଲ ବିପଦରୁ ରକ୍ଷା ପାଇବା ମଧ୍ୟ ଏହାର ଏକ କାରଣ ବୋଲି କୁହାଯାଉଛି । ବର୍ତ୍ତମାନର ରାଜଧାନୀ ତେହେରାନ ଏବଂ ଇସ୍ରାଏଲ ମଧ୍ୟରେ ଦୂରତା ୧୬୦୦ କିଲୋମିଟର । ସେହିପରି ଇସ୍ରାଏଲଠାରୁ ୨୫୦୦ କିଲୋମିଟର ଦୂରରେ ରହିବ ମକ୍ରାନ । ତେବେ ତୁରନ୍ତ ରାଜଧାନୀ ବଦଳାଯାଉ ନାହିଁ ବୋଲି ଫତାହ କହିଛନ୍ତି । କିନ୍ତୁ ତେହେରାନର ବଢୁଥିବା ଜନସଂଖ୍ୟା ଏବଂ ପରିବେଶ ଗତ ଆହ୍ୱାନଗୁଡ଼ିକର ଏକ ଗଭୀର ବିଶ୍ଳେଷଣ ର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି । ଇରାନର ଏହି ପଦକ୍ଷେପ ଭାରତ ପାଇଁ ଖୁସି ଖବରଠାରୁ କମ୍ ନୁହେଁ । କାରଣ ଏହା ଭାରତର ନିକଟରେ ରହିବ । ପୁଣି ଭାରତ ଦ୍ୱାରା ନିର୍ମିତ ଚବାହାର ବନ୍ଦର ନିକଟରେ ଏହି ସହର ଅବସ୍ଥିତ ।

## ମହିଳାମାନଙ୍କୁ ହିନ୍ଦୀ ଶୋଭା ପାଏ, ପୁରୁଷମାନଙ୍କୁ ନୁହେଁ

**ନୂଆଦିଲ୍ଲୀ,୧୪।୧(ଏଜେନ୍ସି):** ମହିଳାମାନଙ୍କୁ ହିନ୍ଦୀ ଶୋଭା ପାଏ, ପୁରୁଷମାନଙ୍କୁ ନୁହେଁ । ଭାରତର ଷ୍ଟାର କ୍ରିକେଟର ଯୁବରାଜ ସିଂହଙ୍କ ବାପା ଯୋଗରାଜ ସିଂହ ଏଭଳି ବୟାନ ଦେଇ ବିବାଦୀୟ ହୋଇଛନ୍ତି । ଯୋଗରାଜ ହିନ୍ଦୀ ଭାଷାକୁ ଝିଅମାନଙ୍କ ଭାଷା ବୋଲି କହିଛନ୍ତି । ଏକ ସାକ୍ଷାତକାରରେ ଯୋଗରାଜ କହିଛନ୍ତି ଯେ,, ମହିଳାମାନେ ହିନ୍ଦୀ କହିବା ଠିକ୍ । କିନ୍ତୁ ପୁରୁଷମାନଙ୍କୁ ପଞ୍ଜାବୀ ଭଳି ଭାଷା କହିବା ଉଚିତ । ଯେତେବେଳେ ଜଣେ ମହିଳା ହିନ୍ଦୀ କୁହନ୍ତି ସେତେବେଳେ ବହୁତ ଭଲ ଲାଗେ ।କିନ୍ତୁ ଯେତେବେଳେ ଜଣେ ପୁରୁଷ ହିନ୍ଦୀ କୁହନ୍ତି ସେତେବେଳେ ଜମା ବି ଭଲ ଲାଗେ ନାହିଁ । ସେ ଏହା ମଧ୍ୟ କହିଛନ୍ତି ଯେ, ମହିଳାମାନେ 'ଘରକୁ ନଷ୍ଟ କରନ୍ତି' ତେଣୁ ସେମାନଙ୍କୁ ଘରର ମୁଖିଆ କରାଯିବା ଉଚିତ୍ ନୁହେଁ । ଯଦି ତୁମେ ତୁମର ସ୍ତ୍ରୀଙ୍କୁ ଘରର କ୍ଷମତା ଦିଅ, ତେବେ ସେ ତୁମର ଘର ନଷ୍ଟ କରିଦେବେ । ମୁଁ ଦୁଃଖିତ ଯେ ଇନ୍ଦିରା ଗାନ୍ଧୀ ଏହି ଦେଶକୁ ଚଳାଇଥିଲେ ଏବଂ ଏହାକୁ ନଷ୍ଟ କରିଦେଇଥିଲେ । ତାଙ୍କୁ ସମ୍ମାନ ଏବଂ ଭଲପାଇବା ଦିଅ, କିନ୍ତୁ କେବେବି କ୍ଷମତା ଦିଅ ନାହିଁ ।

# କୋକା-କୋଲା ଇଣ୍ଡିଆର ମହାକୁମ୍ଭ ୨୦୨୫ରେ ରହିଥିବା କେତେଗୁଡ଼ିଏ ସିଗ୍ନେଟାରୀ ପଦକ୍ଷେପ

**ଲକ୍ଷ୍ନୌ,୧୪।୧ (ମହାଭାରତ):** କୋକା-କୋଲା ଇଣ୍ଡିଆ ମହାକୁମ୍ଭ ୨୦୨୫ରେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ ପାଇଁ ପ୍ରସ୍ତୁତି ଜାରି ରଖିବା ସହିତ ନିଜର ଆଇକନିକ୍ ବ୍ରାଣ୍ଡ ଯଥା – କୋକା-କୋଲା, ଥମସ ଅପ୍, ସ୍ପ୍ରାଇଟ୍, ଚାର୍ଜଡ଼, ମାଜା, କିନ୍ଲେ, ଫାଂଟା ତଥା ମିନ୍ୟୁଟ୍ ମେଡ଼କୁ ବିଶ୍ୱର ଏଭଳି ଏକ ସବୁଠାରୁ ବୃହତର ସାଂସ୍କୃତିକ ଏକତ୍ରିକରଣରେ ଲକ୍ଷ ଲକ୍ଷ ଉପସ୍ଥିତ ଲୋକଙ୍କ ନିକଟତର ହେବା ପାଇଁ ସମସ୍ତ ପ୍ରୟାସ ଜାରି ରଖିଛି। କୌଣସି ଦର୍ଶନାର୍ଥୀ ପରିଦର୍ଶକ ଯେଭଳି ଏହି ଜଳଯୋଜନରୁ ଦୂରେଇ ନ ଯାଆନ୍ତି କୋକା-କୋଲା ବ୍ରାଣ୍ଡ ଏହାକୁ ସୁନିଶ୍ଚିତ କରିବା ସହିତ ସମସ୍ତ ଉତ୍ପାଦ ୪୦୦ ମିଟର ଦୂରତା ମଧ୍ୟରେ ଉପଲବ୍ଧର ସବୁ ବ୍ୟବସ୍ଥା ହୋଇଛି।

ଏହି ଉତ୍ସବକୁ ଅଧିକ ଲୋକାଭିମୁଖୀ କରିବା ପାଇଁ କିଛି ପସନ୍ଦଯୋଗ୍ୟ ପାନୀୟ ପାଇଁ କମ୍ପାନୀ ମହାକୁମ୍ଭ ବିଶେଷ ପ୍ୟାକେଜିଙ୍ଗର ଶୁଭାରମ୍ଭ କରିଛି, ଯାହାକି ଭାରତର ସମୃଦ୍ଧ ସାଂସ୍କୃତିକ ପରମ୍ପରା ପାଇଁ ଏକ ଶ୍ରଦ୍ଧାଞ୍ଜଳୀ ଅଟେ। ଏହି ଏକ୍ସକ୍ଲୁଜିଭ ଗଠନ ଏହାର ଉତ୍ପାଦ ଉପରେ ସ୍ଥାନୀୟ ସଂସ୍କୃତିର ସ୍ପର୍ଶ ପ୍ରଦାନ ଆଣିବା ସହିତ ଏହାକୁ ଧରି ରଖିବା ପାଇଁ ଏକ ସ୍ମୃତି ମଧୁର ପରିବେଶ ସୃଷ୍ଟି କରିଛି। ଅତିରିକ୍ତ ଭାବରେ, ମହାକୁମ୍ଭର ସେହି ପବିତ୍ର ସ୍ଥଳ ଉପସ୍ଥିତିର କଳାକୃତି ସହିତ ଗ୍ରାହକମାନଙ୍କର ସୁବିଧା ତଥା ମାନସିକ ସ୍ତରରେ ସେମାନଙ୍କୁ ଅତ୍ୟଧିକ ସନ୍ତୋଷ ପ୍ରଦାନ ପାଇଁ ଏଠାରେ ଅନେକ ବ୍ୟବସ୍ଥା କରାଯାଇଛି। ଜଳଯୋଜନ ବହନକାରୀ ଗାଡ଼ି ତଥା ଫୁଡ଼କୋର୍ଟର କାର୍ଯ୍ୟକାରୀତାକୁ ଦର୍ଶକମାନଙ୍କ କ୍ଷୁଧା ଏବଂ ତୃଷା ମେଂଟାଇବାର ସରଳ ଉପାୟ ସୁନିଶ୍ଚିତ କରାଯାଇଛି, ଯେତେବେଳେ କୋକା-କୋଲା ପାନୀୟର ଯୋଡ଼ା ସହିତ ମହାକୁମ୍ଭରେ ରହିଥିବା ମନମୁଗ୍ଧକାରୀ ବ୍ୟବସ୍ଥା ସହିତ ରୋଷେଇ ଘର ରନ୍ଧନ ସମ୍ପର୍କିତ ବ୍ୟବସ୍ଥା ପ୍ରଦାନ ସମସ୍ତ ପ୍ରକାରର ସ୍ପର୍ଶତାକୁ ଅଧିକ ବୃଦ୍ଧି କରିଛି।

ଆଇକନିକ୍ ଦୃଶ୍ୟପଟ ତଥା ସକ୍ରିୟତା ସହିତ ଜଡ଼ିତକୁ ନେଇ, କୋକା-କୋଲା ଇଣ୍ଡିଆ ଉତ୍ସବ ମୁଖରିତ ଅଭିଜ୍ଞତାକୁ ଆହୁରି ବୃଦ୍ଧି କରିଛି ଯେତେବେଳେ କି ଏହା ବିଭିନ୍ନ ପଦକ୍ଷେପ ମାଧ୍ୟମରେ ଅର୍ଥପୂର୍ଣ୍ଣ ପ୍ରଭାବକୁ ପରିଚାଳନା କରିପାରିଛି। ଗ୍ରେସମା ସିଂହ, ଉପସଭାପତି, ମାର୍କେଟିଙ୍ଗ, କୋକା-କୋଲା ଇଣ୍ଡିଆ ଏବଂ ସାଉଥ ୱେଷ୍ଟ ଏସୀଆ, ମତବ୍ୟକ୍ତ କରି କହିଛନ୍ତି, "ଆମେ ଅତ୍ୟନ୍ତ ଉଲ୍ଲସିତ ସହିତ ଦେଶର ଏଭଳି ଏକ ବିରାଟ ଆଇକନିକ୍ ସାଂସ୍କୃତିକ ଉତ୍ସବର ଏହି ସମୟରେ ଲକ୍ଷ ଲକ୍ଷ ଲୋକଙ୍କୁ ସତେଜତାରେ ଏକାଠି ବାନ୍ଧି ରଖିବାର ଏକ ଅଂଶବିଶେଷ ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛୁ। ମୃଦୁ ପାନୀୟରେ ରହିଥିବା ଆମର ବିବିଧ ଯୋଡ଼ିର ପୋର୍ଟଫୋଲିଓ ସହିତ ସ୍ଥାନୀୟ ଖାଦ୍ୟ ତଥା ଏହାର ସ୍ୱାଦକୁ ନେଇ ଏହି ମହାକୁମ୍ଭରେ ଜୀବନଧାରଣକୁ ଏଥିରେ ମଜ୍ଜି ରହିଥିବା ଅଭିଜ୍ଞତାକୁ ପ୍ରଦାନ କରିବା ସହିତ ଏଠାରେ ପରିଦର୍ଶରେ ଆସୁଥିବା ସମସ୍ତଙ୍କ ପାଇଁ ଏହି ଉତ୍ସବକୁ ଅଧିକ ସ୍ମୃତି ମଧୁର କରିବାର ସମସ୍ତ ପ୍ରୟାସ ଜାରି ରଖିଛୁ। ଏହି କାର୍ଯ୍ୟକ୍ରମରେ ବିବିଧ ପଦକ୍ଷେପ ଜରିଆରେ ଏକ ସାମାଜିକ ପ୍ରଭାବ ସୃଷ୍ଟି ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ, ଯାହାକି ପୁନଃ-ସ୍ଥାପିତ ପ୍ୟାକେଜିଙ୍ଗର ସମ୍ଭାବନାକୁ ପ୍ରଦର୍ଶିତ କରିବା ସହିତ ସାମୂହିକ କାର୍ଯ୍ୟକୁ ଅଧିକ ପ୍ରେରଣାଦାୟୀ କରିବା ଉଦ୍ଦେଶ୍ୟ ନେଇ ଏଭଳି ଏକ ପ୍ରସଙ୍ଗରେ ସଚେତନତା ସୃଷ୍ଟି କରିପାରିଛି।"

ଏଭଳି ଏକ ପରିବର୍ତ୍ତନ ଆଣିବା ଦିଗରେ, କୋକା-କୋଲା ଇଣ୍ଡିଆ ବର୍ଜ୍ୟବସ୍ତୁ ପରିଚାଳନାର ପଦକ୍ଷେପକୁ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ ତଥା ଏହାର ପୁନଃ-ବ୍ୟବହାର ଦିଗରେ ବିଭିନ୍ନ ପଦକ୍ଷେପର ଉପସ୍ଥାପନ କରିଛି। ମେଳାର ଏହି ଭବ୍ୟ ଆୟୋଜନ ସମୟରେ ରେଳଷ୍ଟେସନ, ଫୁଡ଼କୋର୍ଟ ତଥା ସହରର ପ୍ରମୁଖ ସ୍ଥାନମାନଙ୍କରେ କମ୍ପାନୀ ରିଭର୍ସ ଭେଣ୍ଡିଙ୍ଗ ମେସିନ (ଆରଭିଏସ)ର ସ୍ଥାପନ କରିଛି।

## କେଜ୍ରିୱାଲଙ୍କୁ ଉପରାଜ୍ୟପାଳଙ୍କ ନାଲି ଆଖି

**ନୂଆଦିଲ୍ଲୀ,୧୪।୧(ଏଜେନ୍ସି):** ଦିଲ୍ଲୀ ବିଧାନସଭା ନିର୍ବାଚନ ଯେତେ ପାଖେଇ ଆସୁଛି, ସେତେ ଜୋରଦାର ହେଉଛି ଆକ୍ଷେପ- ପ୍ରତିଆକ୍ଷେପ । ବସ୍ତି ଜମି ନେଇ ଆମ୍ ଆ।ଦମୀ ପାର୍ଟି ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କ ଅଭିଯୋଗକୁ ସମ୍ପୂର୍ଣ୍ଣ ମିଛ ବୋଲି କହିଛନ୍ତି ଉପରାଜ୍ୟପାଳ ଭି. କେ ସକସେନା । ଶକୁର ବସ୍ତି ଜମି ପାଇଁ ବିଜେପି ଓ ଉପରାଜ୍ୟପାଳ ଭି. କେ ସକସେନାଙ୍କ ଭୂମିକା ନେଇ କେଜ୍ରିୱାଲ ଅଭିଯୋଗ କରିଛନ୍ତି । ଏହା ଉପରେ ଉପରାଜ୍ୟପାଳ କହିଛନ୍ତି, ଦିଲ୍ଲୀ ଡେଭଲପମେଣ୍ଟ ଅଥରିଟି କୌଣସି ନିୟମ ପରିବର୍ତ୍ତନ କରି ନାହିଁ କି ଉଚ୍ଛେଦ ପାଇଁ ନୋଟିସ ଦେଇନାହିଁ । କେଜରିୱାଲ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି ବୋଲି ଦିଲ୍ଲୀ ଉପରାଜ୍ୟପାଳ ଭି.କେ ସାକସେନା କହିଛନ୍ତି । କେଜରିୱାଲ ଏହି ପ୍ରସଙ୍ଗରେ ମିଛ କହିବା ବନ୍ଦ କରନ୍ତୁ, ନହେଲେ ଦିଲ୍ଲୀ ଡେଭଲପମେଣ୍ଟ ଅଥରିଟି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଭି.କ ସାକସେନା ଚେତବନୀ ଦେଇଛନ୍ତି ।

# ବିଶ୍ୱାସଘାତକଙ୍କୁ ଆମେ ବରଦାସ୍ତ କରିବୁ ନାହିଁ

**ନୂଆଦିଲ୍ଲୀ,୧୪।୧(ଏଜେନ୍ସି):** ମହାରାଷ୍ଟ୍ର ରାଜନୀତିକୁ ନେଇ ଜୋରଦାର ଚର୍ଚ୍ଚା । ଗତ କିଛିଦିନ ହେବ ଚର୍ଚ୍ଚା ହେଉଥିଲା କି ପୁଣି ଥରେ ବିଜେପି କ୍ୟାମ୍ପକୁ ଫେରିବେ ଉଦ୍ଧବ । ଖାଲି ଏତିକି ନୁହେଁ ବରଂ ୨ ପାୱାର ଗୋଷ୍ଠୀ ମଧ୍ୟ ମିଶିବେ । ଆଗାମୀ ବିଏମସି ନିର୍ବାଚନ ଉଭୟ ମିଶିକି ଲଢିବେ । ଏହାରି ଭିତରେ ଫଡନାଭିସ୍ଙ୍କୁ ଜୋରଦାର ପ୍ରଶଂସା କରିଥିଲେ ଉଦ୍ଧବ । ହେଲେ ଅମିତ ଶାହ ସିଧା କହିଛନ୍ତି, ରାଜନୈତିକି ଚର୍ଚ୍ଚାରେ କିଛି ସତ ନାହିଁ କି କିଛି ନୂଆ ସମୀକରଣ ହେବାରେ ନାହିଁ । ସଜସଜ ଯାଇଛି ମହାରାଷ୍ଟ୍ରର ବିଧାନସଭା ନିର୍ବାଚନ । ନିର୍ବାଚନ ପୂର୍ବରୁ ଉଭୟ ଶାସକ ଓ ବିରୋଧୀ ଆରୋପ-ପ୍ରତ୍ୟାରୋପର ରାଜନୀତି ଚାଲିଥିଲା । କିନ୍ତୁ ବାଜି ମାରିଥିଲା ଏନଡିଏ । ପରେ ପରେ ସିଏମ ହେବ କିଏ ସେନେଇ ବି ଚର୍ଚ୍ଚା ବଢ଼ିଥିଲା । ଯେହେତୁ ବିଜେପିର ଅଧିକ ପ୍ରାର୍ଥୀ ବିଜୟ ଲାଭ କରିଥିଲେ ତେଣୁ ସିଏମ ପଦ ବିଜେପି ଖାତାକୁ ଯିବାର ଥୟ ଥିଲା । କିନ୍ତୁ ସିନ୍ଦେ ଗୋଷ୍ଠୀ ସିଏମ ପଦ ସିନ୍ଦେଙ୍କୁ ଦିଆଯାଉ ବୋଲି ଦାବି କରିଥିଲେ । ହେଲେ ପଦ କିନ୍ତୁ ଯାଇଥିଲା ଫଡନାଭିସଙ୍କ ପାଖକୁ । ଅବଶ୍ୟ ଏନେଇ ନାରାଜ ଥିଲେ ସିନ୍ଦେ ଗୋଷ୍ଠୀ କିନ୍ତୁ ଉପାୟ କିଛି ନଥିଲା । ସେପଟେ ମହାରାଷ୍ଟ୍ର ରାଜନୀତିର ଚାଣକ୍ୟ କୁହାଯାଉଥିବା ଶରଦ ପାୱାରଙ୍କୁ ନେଇ ଚର୍ଚ୍ଚା ଜୋର ଧରିଥିଲା । କୁହାଯାଉଥିଲା କି ନିର୍ବାଚନରେ ଶୋଚନୀୟ ପରାଜୟ ପରେ କିଛି ଗୋଟାଏ ସମୀକରଣ କରିବେ । ହେଲେ ଶାହ ସେହି



ଚର୍ଚ୍ଚାରେ ପୂର୍ଣ୍ଣଛେଦ ଟାଣିଛନ୍ତି ଏବଂ ରୋକଠୋକ କହିଛନ୍ତି, ସମୀକରଣ କିଛି ହେବାର ନାହିଁ । ବିଜେପିକୁ ଲୋକେ ଭରସା କରିଛନ୍ତି, ବିରୋଧୀଙ୍କୁ ସମାଧି ଦେଇଛନ୍ତି । ମହାରାଷ୍ଟ୍ର ଗସ୍ତ କରିଥିବା ବେଳେ ଶାହଙ୍କ ବୟାନକୁ ନେଇ ଏବେ ଭାରି ଚର୍ଚ୍ଚା । ବୁଲେଇ ବଙ୍କାଇ ନୁହେଁ ବରଂ ସିଧାସିଧା ସେ କହିଛନ୍ତି, ପ୍ରତାରଣା ରାଜନୀତି କଲେ କେହି କେବେ ସହିବେ ନାହିଁ । ଯାହାର ଫଳ ବିରୋଧୀମାନେ ଭୋଗିଛନ୍ତି । ବାଲାସାହେବଙ୍କ ଆଦର୍ଶକୁ ଭୁଲି ଯାଇଛନ୍ତି ଉଦ୍ଧବ । ସେଇଥି ଲାଗି ତ ଜନତା ଏମିତି ସବକ୍ ଶିଖାଇଲେ ଯେ ସମାଧିର ରାସ୍ତା ଦେଖାଇଦେଲେ । ବିଧାନସଭା ନିର୍ବାଚନ ପରେ ଏବେ ବିଏମସି ନିର୍ବାଚନ ପାଇଁ ତୟାରୀ କଲାଣି ଭାରତୀୟ ଜନତା ପାର୍ଟି । କେମିତି ନିର୍ବାଚନରେ ବିଜେପିର ବାଜିମାତ ହେବ ସେନେଇ ରଣନୀତି ପ୍ରସ୍ତୁତ ବି କଲେଣି। ସେପଟେ, ବିଧାନସଭା ଓ ଲୋକସଭା ନିର୍ବାଚନ କଥା ମନେ ପକାଇଛନ୍ତି ଶାହ । କହିଛନ୍ତି, ଫଳାଫଳ ବାହାରିବା ପୂର୍ବରୁ ଶରଦ ପାୱାର କହିଥିଲେ, କିଏ କେତେ ସିଟରେ ଜିତିବ, ଆଗାମୀ ଦିନରେ କଣ ହେବ । କିନ୍ତୁ ନିଜର ଆକଳନ କରିପାରିନଥିଲେ ପାୱାର ଜୀ ବୋଲି ତେରଛା ବାଣ ମାରିଛନ୍ତି ଶାହ । ଏହାସହ ଯେଉଁମାନେ ରାଜନୀତିରେ ଧମକ ଦିଅନ୍ତି ସେମାନେ କେବେ କୌଣସି ଜିନିଷ ହାସଲ କରିପାରନ୍ତି ନାହିଁ ବୋଲି ଶାହ କହିଛନ୍ତି । ମୋଟ୍ ଉପରେ ଶାହଙ୍କ ଏମିତି ବୟାନରୁ ଗୋଟିଏ କଥା ସ୍ପଷ୍ଟ ଯେଉଁମାନେ ଧୋକା ଦେଇଛନ୍ତି ସେମାନଙ୍କୁ ଦଳ ଆଉ ଗ୍ରହଣ କରିବା ପରିସ୍ଥିତିରେ ନାହିଁ । ତେଣୁ ପରୋକ୍ଷରେ ନୀତିଶ କୁମାରଙ୍କୁ ବି ଶାହ ଚେତାବନୀ ଦେଇଥିବା ଚର୍ଚ୍ଚା ।

## ଷ୍ଟକ ବଜାରରେ କମ୍ପନ
## ୪ ଦିନରେ ୨୫ ଲକ୍ଷ କୋଟି ହରାଇଲେଣି ନିବେଶକ

**ମୁମ୍ବାଇ,୧୪।୧(ଏଜେନ୍ସି):** ଭାରତୀୟ ଷ୍ଟକ ବଜାରରେ ହ୍ରାସ ଜାରି ରହିଛି । ଗତ ସପ୍ତାହରେ କ୍ରମାଗତ ହ୍ରାସ ପରେ ଚଳିତ ସପ୍ତାହର ପ୍ରଥମ ଦିନରେ ବି ବଜାରରେ ନୈରାଶ୍ୟ ଦେଖାଦେଇଛି । ଫଳରେ ଗତ ୪ଟି କାରବାର ସେସନରେ ନିବେଶକମାନେ ୨୫ ଲକ୍ଷ କୋଟି ହରାଇସାରିଲେଣି । ସୋମବାର କାରବାର ଅଧିବେଶନରେ ସେନସେକ୍ସ ୧,୧୨୯.୧୯ ପଏଣ୍ଟକୁ ଖସି ଆସିଥିଲା ଏବଂ ଦିନର ସର୍ବନିମ୍ନ ସ୍ତର ୭୬,୨୪୯.୭୨ ପଏଣ୍ଟକୁ ଖସି ଆସିଥିଲା । ବଜାର ବନ୍ଦ ବେଳକୁ ସେନସେକ୍ସ ୧୦୪୮ ପଏଣ୍ଟ ହ୍ରାସ ସହ ୭୬,୩୩୦ ପଏଣ୍ଟରେ ବନ୍ଦ ହୋଇଛି । ଗତ ଶୁକ୍ରବାର ସେନସେକ୍ସ ୭୬,୬୨୯.୯୦ ପଏଣ୍ଟ ସହ ବଡ଼ ଧରଣର ହ୍ରାସ ସହ ୭୭,୩୭୮.୯୧ ପଏଣ୍ଟରେ ବନ୍ଦ ହୋଇଥିଲା ।ଅନ୍ୟପକ୍ଷରେ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜର ପ୍ରମୁଖ ସୂଚକାଙ୍କ ନିଫ୍ଟି-୫୦ରେ ମଧ୍ୟ ବଡ଼ ଧରଣର ହ୍ରାସ ଦେଖିବାକୁ ମିଳିଛି । ନିଫଟି ୩୪୫.୫୫ ପଏଣ୍ଟ ହ୍ରାସ ପାଇ ୨୩୦୮୫ ପଏଣ୍ଟରେ ବନ୍ଦ ହୋଇଛି । ଆଜିର କାରବାର ସମୟରେ ନିଫ୍ଟି ୩୮୪.୨୫ ପଏଣ୍ଟ ହ୍ରାସ ପାଇ ଦିନର ସର୍ବନିମ୍ନ ସ୍ତର ୨୩,୦୪୭.୨୫ ପଏଣ୍ଟରେ ପହଞ୍ଚିଛି । ଶୁକ୍ରବାର ଏହା ୨୩,୧୯୫.୪୦ ପଏଣ୍ଟ ସହ ଖୋଲି ୨୩,୪୩୧.୫୦ ପଏଣ୍ଟରେ ବନ୍ଦ ହୋଇଥିଲା । ସୋମବାର କାରବାର ଅଧିବେଶନ ଶେଷ ହେବା ପୂର୍ବରୁ ଷ୍ଟକ ବଜାରରେ ୨୦ କୋଟିରୁ ଅଧିକ ନିବେଶକ ୧୩ ଲକ୍ଷ କୋଟି ଟଙ୍କାରୁ ଅଧିକ ହରାଇଛନ୍ତି । ବାସ୍ତବରେ ଲଗାତାର ୪ଟି କାରବାର ଦିନରେ ସୂଚକାଙ୍କରେ ହ୍ରାସ ଜାରି ରହିଛି ।ଯାହା ଫଳରେ ଷ୍ଟକ ବଜାର ନିବେଶକମାନେ ୨୫ ଲକ୍ଷ କୋଟି ଟଙ୍କାରୁ ଅଧିକ କ୍ଷତି ସହିଛନ୍ତି ।

## ପୁଣି ଏଲଏସିରେ ମକଡ୍ରିଲ କଲା ଚୀନ୍

**ନୂଆଦିଲ୍ଲୀ,୧୪।୧(ଏଜେନ୍ସି):** ସୁଧୁରିବାର ନାମ ନେଉନାହିଁ ଡ୍ରାଗନ । ମନମାନି ଚଳାଉଛି । ଏଲଏସିରେ ପୁଣି ଚୀନ ମିଲିଟାରୀ ଡ୍ରିଲ କରିଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି । ଭାରତ ସେନା ଦିବସ ପାଳନ ପ୍ରସ୍ତୁତିରେ ବ୍ୟସ୍ତ ଥିବାବେଳେ ପୁଣି ପ୍ରକୃତ ନିୟନ୍ତ୍ରଣ ରେଖାରେ ମକଡ୍ରିଲ କରିଛି ଚୀନ । ଏଲଏସିରେ କମ୍ବାକ୍ଟ ଡ୍ରିଲ କରିବା ଆରମ୍ଭ କରିଛି ଚୀନ ସେନା । ଏହି ଖବର ମିଳିବା ପରେ ଆଲର୍ଟରେ ରହିଛି ଭାରତୀୟ ସେନା । ଭାରତ ଓ ଚୀନ ମଧ୍ୟରେ ପ୍ରକୃତ ନିୟନ୍ତ୍ରଣ ରେଖାରୁ ନିଜ ସେନାଙ୍କୁ ହଟାଇବାକୁ ଏବଂ ପୁଣି ଥରେ ପାଟ୍ରୋଲିଂ ଆ।ରମ୍ଭ କରିବାକୁ ୨୦୨୪ ଅକ୍ଟୋବର ୨୧ ତାରିଖରେ ଭାରତ – ଚୀନ ମଧ୍ୟରେ ଚୁକ୍ତି ହୋଇଥିଲା । ହେଲେ ଚୀନ ସୁଧୁରିବାର ନାଁ ନେଉନି । ଏଲଏସିରେ ପୁଣି ମିଲିଟାରୀ ଡ୍ରିଲ କରୁଥିବା ଜଣାପଡିଛି । ଗୋଟିଏ ପଟେ ସାରା ଦେଶ ସେନା ଦିବସ ପାଳନରେ ବ୍ୟସ୍ତ ଥିବା ବେଳେ ସୀମାରେ ଚୀନ ପୁଣି ଏକଚାଟିଆ ପ୍ରକୃତି ଦେଖାଇଛି । ଆକ୍ଚୁଆଲ ଲାଇନ ଅଫ୍ କଣ୍ଟ୍ରୋଲ ବା ଏଲଏସିରେ ଚୀନ ସେନା କମ୍ବାକ୍ଟ ଡ୍ରିଲ କରିଛି । ଏଥିରେ ଯୁଦ୍ଧବାହାନ, ମାନବରହିତ ସିଷ୍ଟମ ଓ ଡ୍ରୋନ ସହିତ ଉନ୍ନତମାନର ଯୁଦ୍ଧାସ୍ତ୍ର ବ୍ୟବହାର କରିଛି ଚୀନ ସେନା ପିପୁଲ୍ସ ଲିବରେସନ ଆର୍ମି । ଦୁଇ ଦେଶ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ହୋଇଥିଲେ ସୁଦ୍ଧା ଚୀନର ଏଭିଳି କାର୍ଯ୍ୟକଳାପ ସମସ୍ତଙ୍କୁ ଚକିତ କରିଛି ।ସେପଟେ ଏହା ଜଣାପଡିବା ପରେ ଆଲଟରେ ରହିଛି ଭାରତୀୟ ସେନା ।

# ପରାଜୟ ପରେ କଠୋର ହେଲା ବିସିସିଆଇ

ମୁମ୍ବାଇ,୧୪।୧୨: ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିରେ ଭାରତ ୧-୩ରେ ସିରିଜ ପରାସ୍ତ ହେବା ପରେ ବିସିସିଆଇ କ୍ରିକେଟର ଓ ସେମାନଙ୍କ ପରିବାର ପାଇଁ କଠୋର ନିୟମ ଜାରି କରିଛି।

ସ୍ପୋର୍ଟ୍ସ ନାଓ ଚ୍ୟାନେଲ ଅନୁଯାୟୀ, ନିକଟରେ ଅନୁଷ୍ଠିତ ବାର୍ଷିକ ସାଧାରଣ ବୈଠକରେ ବିସିସିଆଇ ଅନେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଉପରେ ଆଲୋଚନା କରିଛି, ଯାହାର ଉଦ୍ଦେଶ୍ୟ ହେଉଛି ଖରାପ ପ୍ରଦର୍ଶନର ସମାଧାନ କରିବା ଏବଂ ଦଳରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ମନୋଭାବ ଫେରାଇ ଆଣିବା।





ଆଲୋଚନା ପରେ ବିଦେଶ ଗସ୍ତ ସମୟରେ ଖେଳାଳିଙ୍କ ପରିବାରର ରହିବା ଉପରେ କଟକଣା ଜାରି କରାଯାଇଛି। ୪୫ ଦିନ କିମ୍ବା ତାଠାରୁ ଅଧିକ ସମୟ ଧରି ଚାଲିବାକୁ ଥିବା ଗସ୍ତ ସମୟରେ କ୍ରିକେଟରଙ୍କ ପତ୍ନୀ ଓ ପରିବାରକୁ ସର୍ବାଧିକ ୧୪ ଦିନ ସାଥିରେ ରହିବାକୁ ଅନୁମତି ମିଳିବ। ବର୍ଡର-ଗାଭାସ୍କର ଟ୍ରଫିରେ ବିରାଟ କୋହଲି ଓ କେଏଲ ରାହୁଲଙ୍କ ସମେତ ଅନେକ କ୍ରିକେଟରଙ୍କ ଜୀବନସାଥୀଙ୍କ ଉପସ୍ଥିତି ଦୃଷ୍ଟି ଆକର୍ଷଣ କରିବା ପରେ ଏହି ପରିବର୍ତ୍ତନ କରାଯାଇଛି।

ଅନ୍ୟ ଏକ ପଦକ୍ଷେପ ସ୍ୱରୂପ ବିସିସିଆଇ ସମସ୍ତ ଖେଳାଳିଙ୍କୁ ଗସ୍ତ ସମୟରେ କେବଳ ଟିମ୍ ବସରେ ଯାତ୍ରା କରିବାକୁ ନିର୍ଦ୍ଦେଶ ଦେଇଛି। ନିକଟରେ ବିରାଟ କୋହଲିଙ୍କ ଭଳି ବରିଷ୍ଠ ଖେଳାଳିମାନେ ଅଲଗା ଅଲଗା ଯାତ୍ରା କରୁଥିବା ଜଣାପଡିଥିଲା। ସୂଚନା ଅନୁଯାୟୀ, ଦଳ ମଧ୍ୟରେ ଅଧିକ ଏକତା ଏବଂ ଦଳଗତ ଭାବନାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ନିଷ୍ପତ୍ତି ନିଆଯାଇଛି।

ଭାରତୀୟ କ୍ରିକେଟ୍ ଦଳର ସପୋର୍ଟ ଷ୍ଟାଫଙ୍କ କାର୍ଯ୍ୟକାଳ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରିପୋର୍ଟ ଅନୁଯାୟୀ, ବିସିସିଆଇ ସପୋର୍ଟ ଷ୍ଟାଫ୍ ଚୁକ୍ତିକୁ ସର୍ବାଧିକ ୩ ବର୍ଷ ମଧ୍ୟରେ ସୀମିତ ରଖିବାକୁ ନିଷ୍ପତ୍ତି ନେଇଛି। ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆଠାରୁ କ୍ରମାଗତ ଟେଷ୍ଟ ସିରିଜ୍ ହାରିବା ପରେ ଅଭିଷେକ ନାୟାର, ମର୍ନେ ମୋର୍କେଲ ଓ ରିଆନ୍ ଟେନ୍ ଡୋସ୍‌ଚାଟେଙ୍କ ସମେତ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଏବଂ ତାଙ୍କ ସମର୍ଥକ ଦଳର ପ୍ରଦର୍ଶନକୁ ସମାଲୋଚନା କରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଗତବର୍ଷ ଜୁଲାଇ ୯ରେ ମୁଖ୍ୟ ପ୍ରଶିକ୍ଷକ ନିଯୁକ୍ତ ହୋଇଥିବା ଗମ୍ଭୀରଙ୍କ ପାଖରେ ବର୍ତ୍ତମାନ ୨୦୨୭ ଡିସେମ୍ବର ୩୧ ପର୍ଯ୍ୟନ୍ତ ଚୁକ୍ତି ରହିଛି।

# ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ଉଦ୍‌ଯାପିତ




ଢେଙ୍କାନାଳ,୧୪।୧ :ଢେଙ୍କାନାଳ ସହର ମଧ୍ୟରେ ଥିବା ନୂଆପୋଖରୀସ୍ଥିତ ଇନ୍‌ଡୋର ହଲ୍‌ଠାରେ ଦିନିକିଆ ଜିଲ୍ଲାସ୍ତରୀୟ ବ୍ୟାଡମିଂଟନ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଅଛି । ସକାଳ ୧୦ ଘଟିକାରେ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଜିଲ୍ଲା ଉପ ଆରକ୍ଷୀ ଅଧିକ୍ଷକ ସୂର୍ଯ୍ୟମଣି ପ୍ରଧାନ, ବରିଷ୍ଠ ସାମ୍ବାଦିକ ସୁକାନ୍ତ କୁମାର ମିଶ୍ର, ଧରିତ୍ରୀର ବରିଷ୍ଠ ସାମ୍ବାଦିକ ରତନ ନାୟାର, ନନ୍ଦିଘୋଷ ଟିଭିର ଜିଲ୍ଲା ପ୍ରତିନିଧି ତଥା ଜିଲ୍ଲା ସାମ୍ବାଦିକ ସଂଘର ସଂପାଦକ ସତ୍ୟ ସ୍ୱରୂପ ଦାସ, ଯୁବ ଉଦ୍ୟୋଗୀ ସୁଶାନ୍ତ କୁମାର ସାହୁ ଏବଂ ଯୁବ ଉଦ୍ୟୋଗୀ ଶାରଦା ପ୍ରସନ୍ନ ହୋତା ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ । ଏହି ପ୍ରତିଯୋଗିତାରେ ଜିଲ୍ଲାରୁ ବିଭିନ୍ନ ବ୍ଲକରୁ ୩୨ଟି ଦଳ ଭାଗ ନେଇଥିଲେ । ଫାଇନାଲ୍ ମ୍ୟାଚ୍‌ରେ ପ୍ରମୋଦ କୁମାର ସିଂହ ଏବଂ ବ୍ରିଜେଶ ମିଶ୍ର ଚମ୍ପିୟାନ୍ ହୋଇଥିଲାବେଳେ ଧର୍ମେନ୍ଦ୍ର ମହାପାତ୍ର ଏବଂ ଦେବାଶିଷ ମହାରଣା ରନର୍ସ-ଅପ୍ ହୋଇଥିଲେ । ଆଜି ଏହି ଅବସରରେ ଭେଟେରାନ୍ ବିଭାଗରେ ସାରା ରାଜ୍ୟରେ ବହୁବାର ପ୍ରତିଯୋଗିତାରେ ଚମ୍ପିୟାନ୍ ହୋଇଥିବା ଏବଂ ଏହି ବିଭାଗରେ ରାଜ୍ୟର ୧ ନଂ ଖେଳାଳୀ ଧର୍ମେନ୍ଦ୍ର ମହାପାତ୍ରଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ବାର୍ ଆସୋସିଏସନ୍ ସଂପାଦକ ଟଙ୍କଧର ବେହେରା, ସମାଜସେବୀ ଅଶୋକ କୁମାର ସ୍ୱାଇଁ ଏବଂ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତାମାନେ ଚମ୍ପିଆନ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଏହି ପ୍ରତିଯୋଗିତାକୁ ବିଶ୍ୱଜିତ୍ ସାହୁ, ରଶ୍ମି ପ୍ରକାଶ ପଟ୍ଟନାୟକ, ସମୀର ସାମଲ, କୃପାସିନ୍ଧୁ ବେହେରା, ସମୀର ସାହୁ, ସୁମନ ସାହୁ, ମୁକେଶ କୁମାର ସିଂଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ସୂଚାରୁ ରୂପେ ସଂପାଦନ କରିଥିଲେ ।

# ଧବଳେଶ୍ୱର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ



ଆଠଗଡ: ପ୍ରଥମ ରାଜ୍ୟସ୍ତରୀୟ ଧବଳେଶ୍ୱର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ଷ୍ଟାଡିୟମରେ ଉଦଘାଟିତ ହୋଇଯାଇଛି। ଆଠଗଡର ଭେଟେରାନ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଅନୁଷ୍ଠିତ ଉଦଘାଟନୀ ମ୍ୟାଚରେ ଆଠଗଡର ମ୍ୟାଜେଷ୍ଟିକ କ୍ରିକେଟ କ୍ଲବ ଓ ନୟାଗଡ଼ କ୍ରିକେଟ କ୍ଲବ ପରସ୍ପରକୁ ଭେଟିଥିଲେ। ଆଠଗଡର ଭେଟେରାନ କ୍ରିକେଟର ପ୍ରବୀଣ ପଟ୍ଟନାୟକ, ବିଭୁ ମିଶ୍ର, ଶଙ୍କର ଶତପଥୀ, ନଳିନୀକାନ୍ତ ପଣ୍ଡା, ରଞ୍ଜୁ ଜଗତୀ, ଦିଲ୍ଲୀପ ସିଂ ସେଠୀ ପ୍ରମୁଖ ମିଳିତ ଭାବେ ଏହି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ମ୍ୟାଜେଷ୍ଟିକ କ୍ରିକେଟ କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୨୦୦ ରନ ସଂଗ୍ରହ କରିଥିଲା। ୨୦୧ ରନର ବିଜୟ ଲକ୍ଷ୍ୟକୁ ପିଛା କରି ନୟାଗଡ଼ କ୍ରିକେଟ କ୍ଲବ ୨୦ ଓଭରରେ ୮ ଉଇକେଟ ହରିଇ ୧୮୯ ରନ କରିବାକୁ ସକ୍ଷମ ହୋଇଥିଲା ଉଦଘାଟନୀ ମ୍ୟାଚରେ ମ୍ୟାଜେଷ୍ଟିକ କ୍ରିକେଟ କ୍ଲବ ୧୧ ରନରେ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି ମନୋରଞ୍ଜନ ମହାନ୍ତି ଓ ବିଶ୍ୱବିଜୟୀ ରଣା ଅମ୍ପାୟାର ଭାବେ ମ୍ୟାଚଟିକୁ ପରିଚାଳନା କରିଥିଲେ ମୁଖ୍ୟଅତିଥି ରୂପେ କ୍ରୀଡା ସଂଗଠକ ପ୍ରଦ୍ୟୁମ୍ନ କୁମାର ରାୟସାମନ୍ତ ଯୋଗଦେଇ ମ୍ୟାନ ଅଫ ଦ ମ୍ୟାଚ ରାକେଶ ସାହୁଙ୍କୁ ପୁରସ୍କୃତ କରିଥିଲେ। ଏହି ରାଜ୍ୟସ୍ତରୀୟ ମ୍ୟାଚରେ ମୋଟ ଆଠଟି ଦଳ ଅଂଶଗ୍ରହଣ କରିଛନ୍ତି।

# ବୁମ୍‌ରାଙ୍କୁ ବଡ଼ ପୁରସ୍କାର ଦେଲା ଆଇସିସି

ନୂଆଦିଲ୍ଲୀ,୧୪।୧ : ଭାରତୀୟ କ୍ରିକେଟ ଦଳର ଦ୍ରୁତ ବୋଲର ଜସପ୍ରୀତ ବୁମରାଙ୍କୁ ଏକ ସ୍ୱତନ୍ତ୍ର ପୁରସ୍କାର ମିଳିଛି ଆଇସିସି ବୁମରାଙ୍କୁ ପ୍ଲେୟାର ଅଫ ଦି ମନ୍ଥ ପୁରସ୍କାର ପାଇଁ ଚୟନ କରିଛି ଡିସେମ୍ବର ୨୦୨୪ ପାଇଁ ବୁମରାଙ୍କୁ ଏହି ପୁରସ୍କାର ଦିଆଯିବ। ଆଇସିସି ଏହାର ଅଫିସିଆଲ ୱେବସାଇଟ ମାଧ୍ୟମରେ ଏହି ସୂଚନା ଶେୟାର କରିଛି ଭାରତର ଅଷ୍ଟ୍ରେଲିଆ। ଗସ୍ତ ସମୟରେ ବୁମରା ଘାତକ ବୋଲିଂ କରିଥିଲେ ଭାରତ-ଅଷ୍ଟ୍ରେଲିଆ। ଟେଷ୍ଟ ପାଇଁ ବୁମରାଙ୍କୁ ପ୍ଲେୟାର ଅଫ ଦି ସିରିଜ ମଧ୍ୟ ବିବେଚିତ କରାଯାଇଥିଲା।




ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ପାଞ୍ଚ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳାଯାଇଥିଲା। ଏହି ସିରିଜରେ ସର୍ବାଧିକ ଉଇକେଟ ନେବାରେ ବୁମରା ଶୀର୍ଷରେ ଥିଲେ। ସେ ୫ଟି ମ୍ୟାଚ୍‌ରେ ୩୨ଟି ଉଇକେଟ ନେଇଥିଲେ। ବୁମରା ମୋଟ ୧୫୧.୨ ଓଭର ବୋଲିଂ କରିଥିଲେ। ଏହି ସମୟ ମଧ୍ୟରେ ହାରାହାରି ୧୩.୦୬ ଥିଲା । ସର୍ବଶ୍ରେଷ୍ଠ ଆଭରେଜ୍ ଦୃଷ୍ଟିରୁ ମଧ୍ୟ ବୁମରା ଶୀର୍ଷରେ ଥିଲେ ସେ ସିରିଜରେ ତିନିଥର ପାଞ୍ଚ କିମ୍ବା ତାଠାରୁ ଅଧିକ ଉଇକେଟ ନେବାର କୃତିତ୍ୱମଧ୍ୟ ହାସଲ କରିଥିଲେ। ଅଷ୍ଟ୍ରେଲିଆର ଘାତକ ବୋଲର କମିନ୍ସ ସର୍ବାଧିକ ଉଇକେଟ ନେବାରେ ଦ୍ୱିତୀୟ ସ୍ଥାନରେ ଥିଲେ। ସେ ୫ଟି ମ୍ୟାଚ୍‌ରେ ୨୫ଟି ଉଇକେଟ ନେଇଥିଲେ। କମିନ୍ସ ପ୍ଲେୟାର ଅଫ ଦି ମନ୍ଥ ଟାଇଟଲ ପାଇଁ ଦୌଡ଼ରେ ଥିଲେ। କିନ୍ତୁ ବୁମରା ତାଙ୍କୁ ପଛରେ ପକାଇ ଦେଇଥିଲେ। ଏହା ସହିତ ଦକ୍ଷିଣ ଆଫ୍ରିକାର ବୋଲର ଡାନ ପିଟରସନଙ୍କୁ ମଧ୍ୟ ମନୋନୀତ କରାଯାଇଥିଲା। କିନ୍ତୁ ବୁମରା ତାଙ୍କୁ ମଧ୍ୟ ପଛରେ ପକାଇ ଦେଇଥିଲେ।

# ପଲେଇ ଯୁଥ୍ କ୍ଲବ ଚମ୍ପିୟନ୍

ନିଶ୍ଚିନ୍ତକୋଇଲି୧୪।୧: କଟରପଡ଼ା ପଞ୍ଚାୟତ ସ୍ଥିତ ସ୍ୱପ୍ନେଶ୍ୱର ଖେଳ ପଡ଼ିଆରେ ଉତ୍ସାହ ପରିବାର ଓ ସ୍ୱପ୍ନେଶ୍ୱର କ୍ଲବ ମିଳିତ ଆନୁକୂଲ୍ୟରେ ଏକ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟକୁ କ୍ରୀଡ଼ା ପ୍ରେମୀ ଫକୀର ଚରଣ ନାୟକ ଓ ଶିକ୍ଷାବିତ୍ ସୁନିଲ କୁମାର ସ୍ୱାଇଁ ଉଦଘାଟନ କରିଥିଲେ। ଏଥିରେ ୨୪ଗୋଟି କ୍ରିକେଟ ଦଳ ଅଂଶଗ୍ରହଣ କରିଥିଲେ।

ଫାଇନାଲ ମ୍ୟାଚରେ ମଲ୍ଲୀପୁର କ୍ରିକେଟ ଟିମକୁ ହରାଇ ପଲେଇ ଯୁଥ୍ କ୍ଲବ ଚମ୍ପିଅନ୍ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଉତ୍ସାହ ପରିବାର ସଭାପତି ଦେବାଶିଷ ବେଉରାଙ୍କ ପୌରହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାଜସେବୀ ରଂଜନ କୁମାର ମହାନ୍ତି, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧକ୍ଷ ଫକୀର ନାୟକ, ସମ୍ମାନୀତ ଅତିଥି ଭାବେ ସେନା ଅଧିକାରୀ ବିଜୟ କୁମାର ବରାଳ,ଯୁବନେତା ପିତାମ୍ବର ମହାନ୍ତି, ଉପସଭାପତି ସନ୍ତୋଷ ଜେନା ପ୍ରମୁଖ ଉପସ୍ଥିତ ହୋଇ ଚମ୍ପିୟନ ଓ ରନର୍ସ ଦଳକୁ ଟ୍ରଫି ସହିତ ପରିବେଶ ସୁରକ୍ଷା ପାଇଁ ଚାରା ଗଛ ପ୍ରଦାନ କରି ସଚେତନ କରାଇଥିଲେ । ରାଜେଶ ସ୍ୱାଇଁ,ଆଶିଷ ମହାନ୍ତି, କେଶବ ପରିଡ଼ା, ଦେବବ୍ରତ ପ୍ରଧାନ, ତପନ କୁମାର ପାତ୍ର, ଜଗନ୍ନାଥ ମହାନ୍ତି ଖେଳ ପରିଚାଳନା କରିଥିଲେ ।



# ଆଣ୍ଠେଇ ଆଣ୍ଠେଇ ତିରୁପତିଙ୍କୁ ଦର୍ଶନ କଲେ ନୀତିଶ କୁମାର

ନୂଆଦିଲ୍ଲୀ,୧୪।୧ : ଭାରତୀୟ କ୍ରିକେଟରେ ଏଭଳି ଅନେକ ଖେଳାଳି ଅଛନ୍ତି ଯେଉଁମାନଙ୍କର ଭଗବାନଙ୍କ ଉପରେ ବହୁତ ଆସ୍ଥା କିଛି ଗୁରୁପୂର୍ଣ୍ଣ ଟୁର୍ନାମେଣ୍ଟ ପୂର୍ବରୁ ସେମାନେ ଭଗବାନଙ୍କଠାରୁ ଆଶୀର୍ବାଦ ନେବାକୁ ପହଞ୍ଚିଥାନ୍ତି ଏଭଳି କିଛି ଅଷ୍ଟ୍ରେଲିଆ। ବିପକ୍ଷରେ ଶତକ ମାରିଥିବା ଭାରତୀୟ ବ୍ୟାଟ୍ସମ୍ୟାନ୍ ନୀତୀଶ ରେଡ୍ଡି କରି ଚର୍ଚ୍ଚାକୁ ଆସିଛନ୍ତି।




ବର୍ଡର ଗାଭାସ୍କର ଟ୍ରଫିରେ ନୀତୀଶ ଭାରତୀୟ ଟିମ୍ ପାଇଁ ଟେଷ୍ଟ ଡେବ୍ୟୁ କରିଥିଲେ ସେ ମେଲବର୍ନ ଟେଷ୍ଟରେ ଶତକ ଲଗାଇଥିଲେ ଅଷ୍ଟ୍ରେଲିଆରେ ଖେଳାଯାଇଥିବା ୫ ଟେଷ୍ଟ ମ୍ୟାଚ୍‌ରେ ସେ ୩୭.୨୫ ହାରରେ ୨୯୮ ରନ୍ କରିଥିଲେ ତାଙ୍କ ବ୍ୟାଟିଂ ଅନେକଙ୍କୁ ପ୍ରଭାବିତ କରିଥିଲା। ପ୍ରଶଂସକ ମଧ୍ୟ ନୀତୀଶଙ୍କ ପ୍ରଦର୍ଶନକୁ ନେଇ ସୋସିଆଲ ମିଡିଆରେ ପ୍ରଶଂସା କରିଥିଲେ।

ଅଷ୍ଟ୍ରେଲିଆରୁ ଫେରିବା ପରେ ନୀତୀଶଙ୍କୁ ଆଉ ଏକ ଖୁସିଖବର ମିଳିଥିଲା ବିସିସିଆଇ ତାଙ୍କୁ ଇଂଲଣ୍ଡ ବିପକ୍ଷରେ ଖେଳାଯିବାକୁ ଥିବା ଟି୨୦ ସିରିଜରେ ଚୟନ କରିଛି ଏମିତିରେ ସେ ଭଗବାନଙ୍କୁ ଧନ୍ୟବାଦ ଜଣାଇବା ଏବଂ ତାଙ୍କ ଆଶୀର୍ବାଦ ନେବାକୁ ତିରୁପତିରେ ପହଞ୍ଚିଥିଲେ କ୍ରିକେଟର ନିଜର ଇନଷ୍ଟାଗ୍ରାମ ଆକାଉଣ୍ଟରେ ଭିଡିଓ ଶେୟାର କରିଛନ୍ତି ଭିଡିଓରେ ସେ ମନ୍ଦିର ସିଡ଼ିରେ ଆଣ୍ଠେଇ ଆଣ୍ଠେଇ ଚଢ଼ୁଥିବା ଦେଖାଯାଇଛି ।ଏହା ତାଙ୍କ ଭଗବାନଙ୍କ ପ୍ରତି ଥିବା ଶ୍ରଦ୍ଧାକୁ ଦର୍ଶାଉଥିବା ପ୍ରଶଂସକ ପ୍ରତିକ୍ରିୟା ରଖୁଛନ୍ତି।

# ତୃତୀୟ ଜିଲ୍ଲାସ୍ତରୀୟ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ





କେନ୍ଦ୍ରାପଡା,୧୪।୧ : କେନ୍ଦ୍ରାପଡା ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ କଲେକ୍ଟୋରେଟ୍ ଷ୍ଟାଫ୍ କମିଟି ଓ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଦ୍ୱିଦିବସୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସୋମବାର ଦିନ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡା ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟିତ କରି କହିଲେ ଯେ କ୍ରୀଡା ଦ୍ୱାରା ସୁସ୍ଥ ସମାଜ ଗଠନ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ଓ କେନ୍ଦ୍ରାପଡାବାସୀଙ୍କ ନିମନ୍ତେ ଏହି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଉପଜିଲ୍ଲାପାଳ ରବିନ୍ଦ୍ର ପ୍ରଧାନ, କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ଅତିଥି ଭାବେ ଯୋଗ ଦେଇଥିଲେ।

ଏହି ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୮ଟି ଦଳ ଭାଗ ନେଇଥିଲେ । କେନ୍ଦ୍ରାପଡା କଲେକ୍ଟୋରେଟ୍ ଷ୍ଟାଫ୍ କମିଟି ଟିମ୍, ଜିଲ୍ଲା ଆଡ୍‌ମିନିଷ୍ଟ୍ରେଟର୍ ଟିମ୍, କେନ୍ଦ୍ରାପଡା ଆଇନଜୀବୀ ଟିମ୍, କେନ୍ଦ୍ରାପଡା ମିଡିଆ ଟିମ୍-ଏ ଓ ମିଡିଆ ଟିମ୍ -ବି, କେନ୍ଦ୍ରାପଡା ପୋଲିସ ଟିମ୍, କେନ୍ଦ୍ରାପଡା ଏକ୍ସାଇଜ୍ ରାଇଜିଂ ଟିମ୍ ଓ କେନ୍ଦ୍ରାପଡା ମ୍ୟୁନିସିପାଲିଟି କାଉନ୍‌ସିଲର ଟିମ ମଧ୍ୟରେ ସୋମବାର ଦିନ ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ସେମାନଙ୍କ ମଧ୍ୟରୁ ଜିଲ୍ଲା ପୋଲିସ ଟିମ୍, ଜିଲ୍ଲା ମିଡିଆ ଟିମ୍ (ଏ), ଜିଲ୍ଲା ଆଇନଜୀବୀ ଟିମ୍ ଓ ମିଡିଆ ଟିମ୍ (ବି) ସେମିଫାଇନାଲ୍‌କୁ ଉନ୍ନିତ ହୋଇଛନ୍ତି । ବୁଧବାର ଦିନ ସେମିଫାଇନାଲ୍ ଓ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ । ଏହି ମ୍ୟାଚ୍ ସନ୍ଧ୍ୟା ସାଢେ ୫ଟାରୁ ଆରମ୍ଭ ହୋଇ ରାତି ୧୦ଟାରେ ଶେଷ କରାଯିବ ବୋଲି ସଭାପତି ଶୈଳେନ୍ଦ୍ର ନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି। ସମ୍ପାଦକ ସୌଭାଗ୍ୟ ରଞ୍ଜନ ଦାସ, ପଲ୍ଲବୀ ପ୍ରିୟଦର୍ଶିନୀ, ଦିବ୍ୟରଞ୍ଜନ ବେହେରା, ବିବେକାନନ୍ଦ ନାୟକ, ସୂର୍ଯ୍ୟ ନାରାୟଣ ବେହେରା, ସୁକାନ୍ତ କୁମାର ଜେନା, ଉମେଶ ଚନ୍ଦ୍ର ବେହେରା, ପ୍ରମୋଦ କୁମାର ସାହୁ ପ୍ରମୁଖ ଏହି ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିଲେ । ସେକ୍ ଅସଲାମ୍, ଦେବାଶିଷ, ପ୍ରିୟବ୍ରତ ଜେନା, ସେକ୍ ଚନ୍ଦନ ପ୍ରମୁଖ ଅମ୍ପାୟାର ଭାବେ ଏହି ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିଲେ ।

# ରଣଜୀ ଖେଳିବେ କୋହଲି-ପନ୍ତ !

ନୂଆଦିଲ୍ଲୀ: ପୁଣିଥରେ ଘରୋଇ କ୍ରିକେଟକୁ ଫେରିବେ କି ଷ୍ଟାର କ୍ରିକେଟର ? ରଣଜୀ ଟ୍ରଫି ୨୦୨୪-୨୫ର ପରବର୍ତ୍ତୀ ରାଉଣ୍ଡ ପାଇଁ ସମ୍ଭାବ୍ୟ ଦଳରେ ବିରାଟ କୋହଲି ଓ ଋଷଭ ପନ୍ତଙ୍କ ନାଁ ଯୋଡ଼ାଯିବା ପରେ ଆରମ୍ଭ ହୋଇଛି ଚର୍ଚ୍ଚା। ଅଷ୍ଟ୍ରେଲିଆ ବିପକ୍ଷରେ ଶୋଚନୀୟ ପରାଜୟ ପରେ ଅନେକ ପୂର୍ବତନ କ୍ରିକେଟର ଓ କ୍ରୀଡ଼ା ସମୀକ୍ଷକ ଖରାପ ଫର୍ମ ଦେଇ ଗତି କରୁଥିବା କ୍ରିକେଟର ଘରୋଇ କ୍ରିକେଟ ଖେଳିବା ଉଚିତ ବୋଲି ଦାବି କରୁଛନ୍ତି।



ତେବେ ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଆଜି (ଜାନୁଆରୀ ୧୪) ସୁଦ୍ଧା ଚୟନକର୍ତ୍ତାମାନେ କୋହଲିଙ୍କ ସହ ଏନେଇ କୌଣସି ଆଲୋଚନା କରିନାହାନ୍ତି। କୋହଲି ମଧ୍ୟ ରଣଜୀ କ୍ରିକେଟ ଖେଳିବା ନେଇ ନିଜଆଡ଼ୁ କୌଣସି ଆଗ୍ରହ ଦେଖାଇନାହାନ୍ତି। ତେଣୁ ସମ୍ଭାବ୍ୟ ତାଲିକାରେ ନାଁ ଥିଲେ ବି କୋହଲି ଓ ପନ୍ତଙ୍କ ଖେଳିବେ କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ଶେଷ ଥର ପାଇଁ ୨୦୧୨ରେ ରଣଜୀ ଟ୍ରଫି ଖେଳିଥିଲେ ବିରାଟ କୋହଲି। ସେହିଭଳି ଋଷଭ ପନ୍ତ ଶେଷ ଥର ପାଇଁ ୨୦୧୭ରେ ରଣଜୀ ଟ୍ରଫି ଟୁର୍ଣ୍ଣାମେଣ୍ଟରେ ନଜର ଆସିଥିଲେ। କୋହଲି ଓ ପନ୍ତଙ୍କ ବ୍ୟତୀତ ହର୍ଷିତ ରାଣାଙ୍କ ନାଁ ମଧ୍ୟ ଦିଲ୍ଲୀର ସମ୍ଭାବ୍ୟ ଖେଳାଳି ତାଲିକାରେ ରହିଛି।

ଦିଲ୍ଲୀ ଓ ଜିଲ୍ଲା କ୍ରିକେଟ ସଂଘ ସମ୍ପାଦକ ଅଶୋକ ଶର୍ମା। ନିକଟରେ କୋହଲି ଦିଲ୍ଲୀ ପାଇଁ ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖେଳିବା ଉଚିତ ବୋଲି କହିଥିଲେ। ଦିଲ୍ଲୀ ପାଇଁ ଷ୍ଟାର କ୍ରିକେଟରମାନେ ଡୋମେଷ୍ଟିକ କ୍ରିକେଟ ଖେଳିବା ଏବେ କମିଗଲାଣି ବୋଲି ସେ କହିଥିଲେ। ତେଣୁ ମୁମ୍ବାଇ ଖେଳାଳୀଙ୍କଠାରୁ ଶିଖିବାକୁ କୋହଲିଙ୍କୁ ପରାମର୍ଶ ଦେଇଥିଲେ। ଅଶୋକ ଶର୍ମା ନିକଟରେ ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ମୁମ୍ବାଇର ରଣଜୀ ଟ୍ରଫି ସ୍କାଡ ସହ ଅଭ୍ୟାସ କରୁଥିବା ମଧ୍ୟ ଦେଖିବାକୁ ମିଳିଥିଲା।

# ଶ୍ରମିକ ଯୁବକ ସଂଘ ତରଫରୁ କ୍ରିକେଟ୍ ଟୁର୍ଣ୍ଣାମେଟ୍

ମୟୂରଭଞ୍ଜ;ମୟୂରଭଞ୍ଜ ଜିଲ୍ଲା ଜାମଦା କଇଁପୁର ଯୁବକ ସଂଘ ତରଫରୁ ବାର୍ଷିକ କ୍ରିକେଟ୍ ଟୁର୍ଣ୍ଣାମେଟ୍ ଅନୁଷ୍ଠିତ ହୋଇଯାଇଛି ଟୁର୍ଣ୍ଣାମେଟ୍ ରେ ମୋଟ ୧୬ଟି ଦଳ ଭାଗ ନେଇଥିଲେ ଫାଇନାଲ ଖେଳରେ ସୋରେନ୍ ବ୍ରଦର ଜାମଦା ବ୍ଲକ ତାଳଗାଁ କ୍ରିକେଟ୍ ଟିମ୍ କୁ ହରାଇ ବାଜିମା ମାରିନେଇଥିଲା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ସମାଜସେବୀ କମଲ ନାଥ ଉପସ୍ଥିତ ରହି ଟ୍ରଫି ସହ ପ୍ରଥମ ପୁରସ୍କାର ୧୩,୦୦୦ଟଂକା,ଦ୍ୱିତୀୟ ପୁରସ୍କାର ୧୦,୦୦୦ଟଂକା ପ୍ରଦାନ କରାଯାଇଥିଲା ଶ୍ରମିକ ଯୁବକ ସଂଘର ସମ୍ପାଦକ ପଦ୍ମଲୋଚନ ମହାନ୍ତି,ସଭାପତି ସନ୍ଦିପ ନାଥ,କଷାଧକ୍ଷ ଅମ୍ରି ନାଥ ,ସୁନିଲ ମୁଣ୍ଡା,ଜଗନ୍ନାଥ ଗୋଲା,ସୁକାନ୍ତ ମହାନ୍ତି,ମନୋଜ ମଣ୍ଡଳ ପ୍ରମୁଖ ଖେଳ ପରିଚାଳନା କରିଥିଲେ।



Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ